RNI No.ODIODI/2010/33031
୧୬ ବର୍ଷ Volume-16
ISSUE -310 ସଂଖ୍ୟା-୩୧୦
ଭୁବନେଶ୍ୱର, ବୁଧବାର ୨୫ ଫେବୃଆରୀ ୨୦୨୬
Bhubaneswar, Wednessday 25 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ରତ୍ନ ଅଳଙ୍କାର ଗଣତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ, ୨୪।୨ : ଖୁବଶୀଘ୍ର ଘୋଷଣା ହୋଇପାରେ ଶ୍ରୀମନ୍ଦିର ରତ୍ନ ଅଳଙ୍କାର ଗଣିତର ତାରିଖ । ରତ୍ନ ଅଳଙ୍କାର ଗଣତିରେ ଦୁଇଟି ଟିମ୍ ନିୟୋଜିତ ହେବେ । ଆଜି ରତ୍ନ ଭଣ୍ଡାର ଅଳଙ୍କାର ଗଣତି ନେଇ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ରତ୍ନ ଅଳଙ୍କାର ଗଣତି, ଟିମ୍ ନିୟୋଜନ, ଗଣତି ପ୍ରକ୍ରିୟା, ଭିଡ଼ିଓ ଗ୍ରାଫି, କମ୍ପ୍ୟୁଟରୀକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଛି ।

ଆଜି (ମଙ୍ଗଳବାର) ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ରତ୍ନ ଅଳଙ୍କାର ଗଣତିମଣତି ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ବସିଥିଲା । ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପିକୁ ସର୍ବ ସମ୍ମୁଖରେ ଖୋଲିଥିଲେ ଏବଂ ପରେ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରିଥିଲେ । ପ୍ରଶାସକଙ୍କ ସୂଚନା ଅନୁଯାୟୀ, ପ୍ରଥମେ ରତ୍ନ ଅଳଙ୍କାର ଗଣତି ନେଇ ଚିଠା ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଥିଲା, ତାହାକୁ ପୂର୍ବରୁ ବିଧି ସବ୍ କମିଟି ବୈଠକ, ଜଷ୍ଟିସ୍ ରଥଙ୍କ କମିଟି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ଅନୁମୋଦିତ ହୋଇଥିଲା । ଏହା ପରେ ମାନ୍ୟବର ଆଇନ ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ମିଳିଛି ।

## ୧୪ ପୃଷ୍ଠାର ଏସଓପି, ନିଯୁକ୍ତ ହେବେ ୨ଟି ଟିମ୍



ଗଣତିମଣତି ପାଇଁ ୧୪ ପୃଷ୍ଠା ସମ୍ବଳିତ ଏସଓପି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ସମସ୍ତ ପ୍ରକ୍ରିୟାକୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ଗଣତି କେବେ ହେବେ ସେ ନେଇ ବିଧି ଅନୁସାରେ ପରିଚାଳନା କମିଟି ତାରିଖ ଘୋଷଣା କରିବ । ତେବେ ଶ୍ରୀମନ୍ଦିର ନୀତିକାନ୍ତିକୁ ଦେଖି ଗଣତି କରାଯିବ । ନୀତି ବହୁଳ ଦିନ ଗୁଡ଼ିକରେ ଗଣତି କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସକ ସୂଚନା ଦେଇଛନ୍ତି । ମହାପ୍ରଭୁଙ୍କ ଦର୍ଶନରେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାରେ ସମ୍ମୁଖୀନ ନ ହୁଅନ୍ତି ତାହାକୁ ଧ୍ୟାନରେ ରଖାଯିବ ।

ମାର୍ଚ୍ଚ ମାସରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ୧୩୫ଟି ଦିନ ରହିଛି । ବିଭିନ୍ନ ନୀତିକାନ୍ତି, ଛୁଟି ଦିନ, ରବିବାର ଦିନରେ ଗଣତି କରାଯିବ ନାହିଁ, ଏପରି ପ୍ରାୟ ୧୦୦ଟି ଦିନ ରହିଛି । ତେଣୁ ଅବଶିଷ୍ଟ ଦିନରେ ଗଣତି କରିବାକୁ ତାଲିକା ପ୍ରସ୍ତୁତ କରାଯାଇଛି । ସେହି ଦିନଗୁଡ଼ିକୁ ପରିଚାଳନା କମିଟି ବିଚାରକୁ ନେଇ ତାରିଖ ସ୍ଥିର କରିବେ ।

ଗଣତିମଣତି ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି । ମୋଟ ଦୁଇଟି ଟିମ୍ ଗଣତିରେ ନିୟୋଜିତ ହେବେ । ଟିମକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା- ତଦାରଖ ଦଳ ବା ତତ୍ତ୍ୱାବଧାରକ ଦଳ ଓ କାର୍ଯ୍ୟବାହୀ ବା କାର୍ଯ୍ୟସମ୍ପାଦନ ଦଳ ।

ପ୍ରତି ତଦାରଖ ଦଳରେ ଜଣେ ମୁଖ୍ୟ ପ୍ରଶାସକ, ରତ୍ନ ଭଣ୍ଡାର ଉଚ୍ଚ ସ୍ତରୀୟ କମିଟିର ଦୁଇ ଜଣ ସଦସ୍ୟ ଓ ସବ୍ କମିଟିର ଜଣେ ସେବକ ସଦସ୍ୟ ରହିବେ । ମୁଖ୍ୟ ପ୍ରଶାସକ କିମ୍ବା ଅତିରିକ୍ତ ମୁଖ୍ୟ ପ୍ରଶାସକ ଅଧକ୍ଷ ରହିବେ । ଯଦି ସେମାନେ ଅନୁପସ୍ଥିତ ରୁହନ୍ତି ତେବେ ଜିଲ୍ଲାପାଳ କିମ୍ବା ଉପ-ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ରହିବେ । ଯଦି ଜିଲ୍ଲାପାଳ କିମ୍ବା ଉପ ମୁଖ୍ୟ ପ୍ରଶାସକ ଅନୁପସ୍ଥିତ ରୁହନ୍ତି ତେବେ ନୀତି ପ୍ରଶାସକ କିମ୍ବା ଆଡମିନିଷ୍ଟ୍ରେଟିଭ୍ ଡେଭଲପର୍ ତଦାରଖ କରିବେ । ଯେଉଁ ଉଚ୍ଚ ସ୍ତରୀୟ କମିଟି ରହିଛି ସେହି କମିଟିର ଦୁଇ ଜଣ ସଦସ୍ୟ ତଦାରଖ ଦଳରେ ରହିବେ । ରତ୍ନ ଭଣ୍ଡାର ସବ୍ କମିଟିର ଜଣେ ସଦସ୍ୟ ରହିବେ, ଯାହାକୁ କମିଟି ଅଧକ୍ଷ ସୁପାରିଶ କରିବେ । ଗଣତି ସମୟରେ ଅତିବେଶୀରେ ତଦାରଖ ଦଳର ତିନି ଜଣ ସଦସ୍ୟ ଭଣ୍ଡାର ଭିତରକୁ ପ୍ରବେଶ କରିପାରିବେ ।

ସେହିପରି କାର୍ଯ୍ୟସମ୍ପାଦନ ଦଳରେ ମୁଖ୍ୟ ପ୍ରଶାସକ କିମ୍ବା ଉପମୁଖ୍ୟ ପ୍ରଶାସକ, ରତ୍ନ ଭଣ୍ଡାର ଉଚ୍ଚ ସ୍ତରୀୟ କମିଟିର ସଦସ୍ୟ ଦଳପତି ହିସାବରେ ରହିବେ ଏବଂ ପରିଚାଳନା କମିଟିର ୫ ଜଣଙ୍କ ମଧ୍ୟରୁ ଜଣେ ସେବକ ସଦସ୍ୟ ରହିବେ । ପର୍ଯ୍ୟାୟ କ୍ରମେ କେଉଁ ଦିନ କେଉଁ ସେବକ ସଦସ୍ୟ ଯିବେ ତାହା ପରିଚାଳନା କମିଟି ସ୍ଥିର କରିବ । ଶ୍ରୀମନ୍ଦିର ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଡ଼ଉକରଣ, ଦେଉଳ କରଣ ଏବଂ ମନୋନୀତ ଜଣେ ବଣିଆ ସେବକ କାର୍ଯ୍ୟବାହୀ ଦଳରେ ରହିବେ । ସରକାରଙ୍କ ନିଷ୍ପତ୍ତି କ୍ରମେ ଦୁଇ ଜଣ ବଣିଆ ରହିବେ । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଦ୍ୱାରା ସ୍ୱୀକୃତି ପାତ୍ର ବଣିଆ ନିୟୋଜିତ ହେବେ । ଏହା ସହିତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିଯୁକ୍ତ ଦୁଇ ସଦସ୍ୟ ଉପସ୍ଥିତ ରହିବେ । ଯେଉଁମାନେ ମୂଲ୍ୟବାନ ପଥର ପରଖିବେ । ଆବଶ୍ୟକସ୍ଥଳେ ବୈଷୟିକ ଟିମ୍ ସଦସ୍ୟଙ୍କୁ ସାମିଲ କରାଯିବ । ସେହିପରି ଦୁଇ ଜଣ ଫଟୋଗ୍ରାଫର ରହିବେ । ସମ୍ପୂର୍ଣ୍ଣ ପ୍ରକ୍ରିୟା ଫଟୋଗ୍ରାଫି ଏବଂ ଭିଡ଼ିଓଗ୍ରାଫି କରାଯିବ । ଗୋଟିଏ ସମୟରେ କାର୍ଯ୍ୟବାହୀ ଦଳର ୧୦ ଜଣ ସଦସ୍ୟ ଭଣ୍ଡାର ଭିତରକୁ ପ୍ରବେଶ କରିପାରିବେ । ପରିଚାଳନା କମିଟିର ଅଧକ୍ଷ ଥିବା ଗଜପତି ମହାରାଜ କିମ୍ବା ଉପାଧକ୍ଷ ଯେକୌଣସି ସମୟରେ ମୁଖ୍ୟ ପ୍ରଶାସକଙ୍କ ଜ୍ଞାତରେ ଭଣ୍ଡାର ଭିତରକୁ ପ୍ରବେଶ କରିପାରିବେ । ୧୯୭୮ ମସିହାରେ ମେ ୧୩ ରୁ ଜୁଲାଇ ୨୩ ମଧ୍ୟରେ ପାଖାପାଖି ୭୨ ଦିନ ଧରି ଗଣତି କରାଯାଇଥିଲା । ଏହା ପରେ ୧୯୮୨ ଏବଂ ୧୯୮୫ ମସିହାରେ ରୁପା ଅଳଙ୍କାରର ତାଲିକା ସହିତ ନୂତନ ପ୍ରସ୍ତୁତ ତାଲିକାକୁ ମେଳକ କରାଯିବ । ସରକାରଙ୍କ ନିଷ୍ପତ୍ତି ଅନୁସାରେ କେବଳ ନାମ ତାଲିକା ସର୍ବସମ୍ମୁଖରେ ପ୍ରକାଶ କରାଯିବ କିନ୍ତୁ ରତ୍ନ ଅଳଙ୍କାର ତାଲିକା ପ୍ରକାଶ କରାଯିବ ନାହିଁ ।

ତିନୋଟି ବର୍ଗରେ ରତ୍ନ ଭଣ୍ଡାର ରହିଛି । ତେଣୁ ପ୍ରଥମେ ତୃତୀୟ ବର୍ଗ ବା ଚଳନ୍ତି ରତ୍ନ ଭଣ୍ଡାର, ପରେ ଦ୍ୱିତୀୟ ବର୍ଗ ବା ବାହାର ରତ୍ନ ଭଣ୍ଡାର ଅଳଙ୍କାର ଏବଂ ଶେଷରେ ପ୍ରଥମ ବର୍ଗ ବା ଭିତର ରତ୍ନ ଭଣ୍ଡାରର ଅଳଙ୍କାର ଗଣତି କରାଯିବ । ପ୍ରତ୍ୟେକ ଦିନ ଭିତର ରତ୍ନ ଭଣ୍ଡାରର ଚାବି ଖୋଲାଯିବ ଏବଂ ଗଣତି ଶେଷ ପରେ ଟ୍ରେଜେରୀରେ ଦାଖଲ କରାଯିବ । ପରବର୍ତ୍ତୀ ଦିନ ପୁଣି ଥରେ ଗଣତି ବେଳେ ଚାବି ଟ୍ରେଜେରୀରୁ ଆଣି ଭଣ୍ଡାର ଖୋଲାଯିବ । ସେହି ସମୟରେ ମାଜିଷ୍ଟ୍ରେଟ୍ ଏବଂ କ୍ୟାମେରାମ୍ୟାନଙ୍କ ଉପସ୍ଥିତିରେ ଚାବି ରଖାଯିବ । ସେହି ସ୍ଥାନକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ଗୋପନୀୟତାର ସହିତ ରଖାଯିବ । ଯେଉଁ କ୍ୟାମେରାମ୍ୟାନ୍ ନିଯୁକ୍ତ ହେବେ ସେ ସମସ୍ତ ତଥ୍ୟ ଗୋପନୀୟ ରଖିବେ ବୋଲି ଲିଖିତ ଆକାରରେ ଦେବେ ।

## ଟଳିଲା ଦୁଇ ଅଘଟଣ

### ସମୁଦ୍ରରେ ପଡ଼ିଲା ହେଲିକପ୍ଟର, ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୪।୨ : ଆଜି ଦୁଇ ଦୁଇଟି ବିମାନ ଦୁର୍ଘଟଣା ଟଳିଯାଇଛି । ଗୋଟିଏ ଦିଲ୍ଲୀରେ ଓ ଆଉ ଗୋଟିଏ ଆଣ୍ଡାମାନରେ ଘଟିଛି । ଆଣ୍ଡମାନରେ ମଙ୍ଗଳବାର ସକାଳେ ଏକ ପବନ ହଂସ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଉଡାଣ ଭରିବା ମାତ୍ରେ ହେଲିକପ୍ଟରଟି ସମୁଦ୍ରରେ ଖସି ପଡିଛିଯ ହେଲିକପ୍ଟରରେ ଅତି କମରେ ସାତ ଜଣେ ଥିଲେ । ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସମୁଦ୍ରରେ ଏହାର କ୍ରାଶ



ଲ୍ୟାଣ୍ଡିଂ କରିବାକୁ ପଡିଛି । ଏହି ଘଟଣା ଆଣ୍ଡମାନ ସାଗରରେ ହୋଇଛି । ପାଇଲଟ୍ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିବା ପରେ ନିଜ ବୁଦ୍ଧି ବଳରେ ସମୁଦ୍ରରେ ହେଲିକପ୍ଟରର କ୍ରାଶ ଲ୍ୟାଣ୍ଡିଂ କରାଇଛନ୍ତି । ଫଳରେ ଦୁଇ କ୍ରୁ ମେମ୍ବର୍ସ ସମେତ ସାତ ଜଣଙ୍କ ଜୀବନ ବଞ୍ଚି ଯାଇଛି । ଘଟଣାର ସୂଚନା ମିଳିବା ମାତ୍ରେ ତୁରନ୍ତ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚି କ୍ରୁ ସଦସ୍ୟ ଏବଂ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ।

ସେହିପରି ଦିଲ୍ଲୀରୁ ଲେହ ଯାଉଥିବା ସ୍ପାଇସ ଜେଟର ଏକ ବିମାନ ବୋଇଙ୍ଗ ୭୩୭ ମଙ୍ଗଳବାର ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛି । ବିମାନକୁ ଦିଲ୍ଲୀ ବିମାନ ବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଛି । ଉଡାଣ ଭରିବାର ତୁରନ୍ତ ପରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା । ଏହି କାରଣରୁ ଲେହ ଯିବା ପରିବର୍ତ୍ତେ ଦିଲ୍ଲୀ ବିମାନ ବନ୍ଦରରେ ବିମାନର ଜରୁରୀକାଳୀନ ଅବତରଣ କରିବାକୁ ପଡିଛି । ଏହି ସମୟରେ ବିମାନରେ ୧୫୫ ଯାତ୍ରୀ ଥିଲେ । ଏହି ଘଟଣାରେ କାହାରି କୌଣସି କ୍ଷତି ଘଟିନାହିଁ । ଏଏନଆଇ ଅନୁଯାୟୀ, ଇଞ୍ଜିନ ନମ୍ବର ୨ ଫେଲ୍ ହେବା କାରଣରୁ ଏମରଜେନ୍ସି ଲ୍ୟାଣ୍ଡିଂ କରିବାକୁ ପଡିଛି ।

# ରାଜ୍ୟରେ ବର୍ଷକରେ ୧୩,୨୬୨ ଯୌନ ନିର୍ଯାତନା

## ଗୃହରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୨ (ନି.ପ୍ର.): ରାଜ୍ୟରେ ମହିଳା ସୁରକ୍ଷା ବଡ ଚିନ୍ତାର ବିଷୟ ପାଲଟିଛି । ମହିଳା ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ନିୟନ୍ତ୍ରଣ କରିବା ପୁଲିସ୍ ପାଇଁ ବଡ ଚ୍ୟାଲେଞ୍ଜ ପାଲଟିଛି । ୨୦୨୫ରେ ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୧୩ ହଜାର ୨୬୨ ଯୁବତୀ ଓ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି । ୨୯୯୬ ଜଣ ଦୁଷ୍କର୍ମ, ୧୧୫ଜଣ ଦୁଷ୍କର୍ମ ଉଦ୍ୟମର ଶିକାର ହୋଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଧାନସଭାରେ ଉତ୍ତର ରଖିଛନ୍ତି । ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରର ପ୍ରକାଶିତ ତଥ୍ୟ ଅନୁଯାୟୀ, ବର୍ଷକରେ ୭ ହଜାର ୩୮୨ ଜଣ ଅସଦାଚରଣର ଶିକାର ହୋଇଛନ୍ତି । ୭୦୨ ଜଣ ଯୁବତୀ ଓ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ





ସମ୍ପର୍କ ଓ ପ୍ରତାରଣା ମାମଲା ହୋଇଛି । ୭୫୭ ଜଣଙ୍କୁ ନିର୍ଯାତନା ଦିଆଯାଇଛି । ୧୨୭ ଜଣଙ୍କ ଅଶ୍ଳୀଳଫଟୋ ଓ ଭିଡିଓ କରି ନିର୍ଯାତନା ଦିଆଯାଇଛି । ୭୩୭୮ଜଣଙ୍କୁ ଅପହରଣ କରାଯାଇଛି ।୧୧୧ ମାନବ ଚାଲାଣ ରିପୋର୍ଟ ହୋଇଛି । ଯୌତୁକ ପାଇଁ ୧୪୫ଜଣଙ୍କ ମହିଳାଙ୍କୁ ହତ୍ୟା, ୭୭ଜଣ ଆତ୍ମହତ୍ୟା କରିଛନ୍ତି । ସର୍ବସାଧାରଣସ୍ଥଳରେ ୧,୪୪୮ ମହିଳା ଦୁର୍ବ୍ୟବହାରର ଶିକାର ହୋଇଛନ୍ତି । ୪,୩୬୧ ଜଣ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି । ଜଣେ ମହିଳାଙ୍କୁ ଏସିଡ୍ ମାଡ କରାଯାଇଛି । ଏହାଛଡା ଅନ୍ୟକାରଣ ପାଇଁ ୫୪୧୯ଜଣଙ୍କୁ ନିର୍ଯାତନା ଦିଆଯାଇଛି ।ରାଜ୍ୟରେ ମହିଳା ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ନିୟନ୍ତ୍ରଣ କରିବା ପୁଲିସ୍ ପାଇଁ ବଡ ଚ୍ୟାଲେଞ୍ଜ ପାଲଟିଛି ।'

## ୩୦୬ ଭୂମିହୀନଙ୍କୁ ମିଳିଛି ଜାଗା

ଭୁବନେଶ୍ୱର, ୨୪।୦୨ : ବର୍ଷକ ମଧ୍ୟରେ ଅଢେଇ ଲକ୍ଷରୁ ଅଧିକ ପକ୍କା ଘର ବାଣ୍ଟିଲେଣି ରାଜ୍ୟ ସରକାର । ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଲିଖିତ ଉତ୍ତର । ୨୦୨୪-୨୫ ବର୍ଷରେ ମୋଟ ୨ ଲକ୍ଷ ୮୧ ହଜାର ୭୦୩ କୋଟି ଗ୍ରାମୀଣ ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି । ସେହିପରି ଏହି ସମୟ ମଧ୍ୟରେ ୩୦୬ ଭୂମିହୀନ ପରିବାରକୁ ଜମି ପ୍ରଦାନ କରାଯାଇଛି । ଏହାବାଦ୍ ରାଜ୍ୟ ସରକାରଙ୍କ ଅନ୍ତୋଦ୍ୟ ଗୃହ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୫୮ ହଜାର ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି । ବିଧାନସଭା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ୨୮ ଲକ୍ଷ ୭ ହଜାର ୨୭୧ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି । ୨୦୨୪ ଆବାସ ପ୍ଲସ୍ ସର୍ଭେ? ଅନୁଯାୟୀ, ରାଜ୍ୟରେ ୩୭ ଲକ୍ଷ ୮୯ ହଜାର ୨୩୪ଟିପରିବାର ପକ୍କା ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାଗ୍ରାମୀଣଅଧୀନରେ ୨୮ ଲକ୍ଷ୩ହଜାର ୪୯୧ ଜଣହିତାଧିକାରୀ ପ୍ରଥମ କିସ୍ତିପାଇଥିବା ବେଳେ ଅନ୍ତୋଦ୍ୟ ଗୃହ ଯୋଜନରେ ୧ ଲକ୍ଷ ୫୨ ହଜାର ୭୯୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇଛନ୍ତି ।

# ଜାତୀୟ ସ୍ତରରେ ପାଳିତ ହେଉ ବାଜି ରାଉତଙ୍କ ୧୦୦ ତମ ଜୟନ୍ତୀ

## କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି

ନୂଆଦିଲ୍ଲୀ, ୨୪।୨ : ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଦେଶର ରାଜଧାନୀ ଦିଲ୍ଲୀରେ ଏକ ଭବ୍ୟ ଜାତୀୟ ସ୍ତରୀୟ ସ୍ମୃତି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶହୀଦ ବାଜି ରାଉତଙ୍କ ଅସୀମ ସାହସ ଓ ବଳିଦାନକୁ ମନେ ପକାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ପାଇଁ ପତ୍ର ମାଧ୍ୟମରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି ଶିକ୍ଷା ମନ୍ତ୍ରୀ । କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଢେଙ୍କାନାଳର ନୀଳକଣ୍ଠପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ବ୍ରିଟିଶ ବାହିନୀକୁ ନଦୀ ପାର କରିବାକୁ ସାହସର ସହ ମନା କରି ଶହୀଦ ହୋଇଥିଲେ । ୧୯୩୮ ଅକ୍ଟୋବର ୧୧ ତାରିଖରେ ନୀଳକଣ୍ଠପୁର ଘାଟରେ ତାଙ୍କର ଏହି ମହାନ ବଳିଦାନ ଗଡ଼ଜାତ ଆନ୍ଦୋଳନକୁ ଏକ ନୂଆ ମୋଡ଼ ଦେବା ସହ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଶକ୍ତିଶାଳୀ କରିଥିଲା । ବାଜି ରାଉତ ଯେଉଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ, ତାହା ଦେଶପ୍ରେମ ଓ ନୈତିକ ଦୃଢ଼ତାର ଏକ ଅନନ୍ୟ ପ୍ରତୀକ । ଶହୀଦ ବାଜି ରାଉତ କେବଳ ଓଡ଼ିଶାର ଜଣେ ଆଞ୍ଚଳିକ ନାୟକ ନୁହନ୍ତି, ବରଂ ସେ ସମଗ୍ର ଭାରତ ପାଇଁ 'ଯୁବ ଦେଶପ୍ରେମ'ର ଏକ ଅମର ପ୍ରତୀକ ଏବଂ ଜାତୀୟ ଆଇକନ । ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ୫ ଅକ୍ଟୋବର ୨୦୨୫ରେ ପ୍ରବେଶ କରିଥିବା ବେଳେ ୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବର୍ଷ ବ୍ୟାପୀ ତାଙ୍କର ଶତବାର୍ଷିକୀ ଉତ୍ସବ ପାଳନ କରାଯିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟ ସ୍ତରରେ ଏହି ଶତବାର୍ଷିକୀକୁ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆନୁଷ୍ଠାନିକ ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି । ତେଣୁ ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ 'ଶହୀଦ ବାଜି ରାଉତଙ୍କ ଅମର ଗାଥା: ରାଷ୍ଟ୍ର ନିର୍ମାଣ ପାଇଁ ଯୁବଶକ୍ତିଙ୍କୁ ପ୍ରେରଣା' ଶୀର୍ଷକର ଏକ 'ଜାତୀୟ ଛାତ୍ର ଓ ଯୁବ ସମ୍ମିଳନୀ' ଆୟୋଜନ କରିବାକୁ ପୃଥକ ସଲଗ୍ନ ପତ୍ରରେ ପ୍ରସ୍ତାବ ଦେଇଛନ୍ତି ।

ସ୍କୁଲରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ସେମିନାର, ସାକ୍ଷାତ୍ ଆଲୋଚନା, ପ୍ରଦର୍ଶନୀ, ବକ୍ତୃତା, ରଚନା ଲିଖନ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଇତିହାସରେ ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ସାମିଲ କରିବାକୁ ସେ କହିଛନ୍ତି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଛାତ୍ର ଓ ଯୁବସମାଜଙ୍କ ମଧ୍ୟରେ ବାଜି ରାଉତଙ୍କ ଦେଶପ୍ରେମ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କ ମଧ୍ୟରେ ମାତୃଭୂମି ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା । ବର୍ତ୍ତମାନ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଜାତୀୟ ସ୍ତରରେ ଏହି କାର୍ଯ୍ୟକ୍ରମ ହେଲେ ଏହା ଦେଶର କୋଣ ଅନୁକୋଣରୁ ଯୁବକ ଓ ଛାତ୍ରମାନଙ୍କୁ ଏକାଠି କରିବାରେ ସହାୟକ ହେବ ।

# ବର୍ଷକ ମଧ୍ୟରେ ୭ ମୁଣ୍ଡ ନେଲାଣି ଆମ ବସ୍

ଭୁବନେଶ୍ୱର, ୨୪।୨ (ନି.ପ୍ର.): ବର୍ଷକ ମଧ୍ୟରେ ଆମ ବସ୍ ଦୁର୍ଘଟଣାରେ ରାଜ୍ୟରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ଆଜି ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର । ମନ୍ତ୍ରୀ କହିଛନ୍ତି, ଆମ ବସ୍ ଦୁର୍ଘଟଣାରେ ଅକାଳରେ ୭ ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି । ମୃତକଙ୍କ ମଧ୍ୟରେ କେବଳ ଭୁବନେଶ୍ୱରର ୬ ଜଣ ରହିଥିବା ବେଳେ କଟକରେ ଜଣଙ୍କ ଜୀବନ ଯାଇଛି । ସେହିପରି ଗୁରୁତରଙ୍କ ମଧ୍ୟରେ କେବଳ ରାଜଧାନୀ ଭୁବନେଶ୍ୱରରେ ୪ଜଣ ଗୁରୁତର ହୋଇଛନ୍ତି । ପୁରୀ,ରାଉରକେଲା, ସମ୍ବଲପୁର, ଓ ବ୍ରହ୍ମପୁରରେ ଜଣେ ଲେଖାଏଁ ଗୁରୁତର ହୋଇଛନ୍ତି ।

ରାଜ୍ୟରେ 'ଆମ ବସ୍'ର ଆତଙ୍କ ଥମିବାର ନାଁ ଧରୁନି । କେଉଠି ଅଟୋ ଉପରେ ଚଢ଼ିଲାଣି ତ' କେତେବେଳେ ବାଇକ୍ ଉପରେ ମାଡିଗଲାଣି । କେଉଁଠି ପଥଚାରୀଙ୍କ ଉପରେ ଚଢ଼ିଯାଉଛି । ଗତକାଲି ମଧ୍ୟ ରାଜଧାନୀରେ ଆମ ବସ୍ ଆତଙ୍କ ଖେଳାଇଛି । ପଳାସପଲ୍ଲୀ ଅଞ୍ଚଳରେ ଜଣକ ଉପରେ ମାଡିଯାଇଥିଲା । ପଳାସପଲ୍ଲୀ ଓଭରବ୍ରିଜ୍ ପାଖରେ ଆମ ବସ୍ ଧକ୍କାରେ ଜଣେ ବୁଟ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ପୋଖରୀପୁଟ ଅଞ୍ଚଳର ୬୪ ବର୍ଷୀୟ ରମେଶ ପାତ୍ର । ତାଙ୍କ ଡାହଣ ଗୋଡ ଉପରେ ବସ୍ ଚଢ଼ିଯିବାରୁ ଗୋଡ ଭାଙ୍ଗିଯାଇଛି । ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବେପରୁଆ ଆମ ବସ୍ ଚାଳକର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଉତ୍ୟକ୍ତ ଲୋକେ ବସ୍‌କୁ ଭଙ୍ଗାରୁଜା କରିବା ସହ ବସ୍‌ରେ ନିଆଁ ଲଗାଇ ରାସ୍ତାରୋକ କରିଥିଲେ । ୨ ଘଣ୍ଟା ଧରି ପଳାସପଲ୍ଲୀ ଅଞ୍ଚଳରେ ନାକାବନ୍ଦି ସ୍ଥିତି ସୃଷ୍ଟି ହୋଇଥିଲା । ପୁଲିସ ବସ୍‌କୁ ଜବତ କରିବା ସହ ଚାଳକକୁ କାବୁ କରି ଥାନାକୁ ନେବା ପରେ ସ୍ଥିତି ଆୟତ୍ତ ହୋଇଥିଲା ।

## ଡାହୁକ



ଜନେ କହେ କୌଶଳେ
କରିବି ଜବ୍ରୁଆ
ପ୍ରଶଂସା ରେ ପୋତିହେବି
ଶୁଣି ୱା ୱା
ଉଦେଶ୍ୟ ଆପକୁ ଭୋଟ
ହେଲେ ମୋ ଉଦେଶ୍ୟ
ଧରନ୍ତି ଜନତା
ଏବେ ଏବେ ଫଟା ଫଅଟ
-ବିଧୁ

# କେରଳର ନୂଆ ନାଁ ହେଲା 'କେରଳମ୍'

## କେନ୍ଦ୍ର କ୍ୟାବିନେଟର ନାମ ପରିବର୍ତ୍ତନକୁ ମଞ୍ଜୁରୀ

ନୂଆଦିଲ୍ଲୀ: ମଙ୍ଗଳବାର ନୂତନ ପିଏମ୍‌ଓ କୋଠା, ସେବା ତୀର୍ଥରେ ଅନୁଷ୍ଠିତ ପ୍ରଥମ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ,ରାଜ୍ୟର ନାମକୁ କେରଳମ୍ କରିବା ପାଇଁ କେରଳ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ଏପ୍ରିଲ-ମେ ମାସରେ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି । କେରଳ ବିଧାନସଭା ୨୪ ଜୁନ୍, ୨୦୨୪ରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ କରିଥିଲା । ଯେଉଁଥିରେ କେନ୍ଦ୍ର ସରକାରଙ୍କୁ ରାଜ୍ୟର ନାମ ଆନୁଷ୍ଠାନିକ ଭାବରେ କେରଳମ୍ ଭାବେ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଥିଲା ବିଧାନସଭାର ପ୍ରସ୍ତାବ ପରେ, ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ରାଜ୍ୟର ନାମ କେରଳରୁ କେରଳମ୍‌କୁ ପରିବର୍ତ୍ତନ କରିବାକୁ ମଞ୍ଜୁରୀ ଦେଇଛି । ଗୃହ ମନ୍ତ୍ରଣାଳୟ କିଛି ବୈଷୟିକ ପରିବର୍ତ୍ତନ ପରାମର୍ଶ ଦେବା ପରେ କେରଳ ବିଧାନସଭା ଦ୍ୱିତୀୟ ଥର ପାଇଁ ଏହି ପ୍ରସ୍ତାବକୁ ପାରିତ କରିଥିଲା ।

ପ୍ରସ୍ତାବ ଆଗତ କରିଥିବା ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଚାହୁଁଥିଲେ ଯେ, କେନ୍ଦ୍ର ସରକାର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ସମସ୍ତ ଭାଷାରେ ଦକ୍ଷିଣ ରାଜ୍ୟର ନାମ କେରଳରୁ କେରଳମ୍‌କୁ ପରିବର୍ତ୍ତନ କରନ୍ତୁ । ଏହା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜ୍ୟକୁ ମାଲାୟଲମରେ କେରଳମ୍ କୁହାଯାଏ ଏବଂ ଜାତୀୟ ସ୍ୱାଧୀନତା ସଂଗ୍ରାମ ସମୟରୁ ମାଲାୟଲମ ଭାଷାଭାଷୀ ସମ୍ପ୍ରଦାୟ ପାଇଁ ଏକ ଅଖଣ୍ଡ କେରଳର ଦାବି ଜୋରଦାର ହୋଇଆସୁଛି । ସେ ଦର୍ଶାଇଥିଲେ ଯେ ସମ୍ବିଧାନର ପ୍ରଥମ ଅନୁସୂଚୀରେ ରାଜ୍ୟର ନାମ କେରଳ ଲେଖାଯାଇଛି । ଗୃହ ସର୍ବସମ୍ମତିକ୍ରମେ ଅଗଷ୍ଟ ୨୦୨୩ ରେ ପ୍ରସ୍ତାବ ଗୃହୀତ କରି କେନ୍ଦ୍ରକୁ ପଠାଇଥିଲା, କିନ୍ତୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏଥିରେ କିଛି ବୈଷୟିକ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ।।

ଭୁବନେଶ୍ୱରରେ କାଳବୈଶାଖୀ

# ହୋର୍ଡିଂ ଭୁଶୁଡ଼ି ଜଣଙ୍କର ମୃତ୍ୟୁ, ଝଡ଼-ବର୍ଷାରେ ଗଛ ଭାଙ୍ଗିଲା

ଭୁବନେଶ୍ୱର, ୨୪।୨ : ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ରଚିଛି । ଅଚାନକ ପାଗ ପରିବର୍ତ୍ତନ ସହିତ ଝଡ଼ ତୋଫାନ ଓ ବର୍ଷା ହୋଇଥିଲା । ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ଏକାଧିକ ଦୋକାନ ଘର ମଧ୍ୟ ଭାଙ୍ଗିଯାଇଛି ।ସହରର ବିଭିନ୍ନ ଅଞ୍ଚଳରେ ଜୋରଦାର ପବନ ବହିବା ସହିତ ଗଛ, ବିଦ୍ୟୁତ ଖୁଣ୍ଟ ଓ କିଛି ଘରଦ୍ୱାରା କ୍ଷତିଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ ରାସ୍ତାରେ ପାଣି ଜମି ଜଳାର୍ଣ୍ଣବ ସୃଷ୍ଟି ହୋଇଥିଲା, ଯାହା ଫଳରେ ଯାତାୟତ ବ୍ୟବସ୍ଥା ବିଘ୍ନିତ ହୋଇଥିଲା ।ଜନପଥରେ ବର୍ଷାଜଳ ଲହଡି ଭାଙ୍ଗୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସେହିପରି ରସୁଲଗଡ଼, ପଳାଶୁଣୀ, ରାଜମହଲ ଓ କଟକରୋଡ ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ପଡ଼ିଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା । ପାଗର ଏହି ଅଚାନକ ପରିବର୍ତ୍ତନ ସହରବାସୀଙ୍କୁ ଥଣ୍ଡା ଅନୁଭୂତି ଆଣି ଦେଇଛି ।





## ବୁଗୁଡ଼ା ବ୍ଲକରେ ବାଟ ହୁଡ଼ିଛି ବିକାଶ

# ସୋରଡ ଗ୍ରାମ୍ୟ ରାସ୍ତାର ଅବସ୍ଥା ଅତି ଶୋଚନୀୟ ,ତୁରନ୍ତ ପ୍ରତିକାର ଦାବି

ବୁଗୁଡ଼ା,୨୪।୨:(ମନ୍ଥନ)ରାଜ୍ୟ ସରକାରଙ୍କ ବିକଶିତ ଗାଁ-ବିକଶିତ ଓଡିଶା ସ୍ଲୋଗାନକୁ ପରିହାସ କରୁଛି ବୁଗୁଡ଼ା ବ୍ଲକ ଏ.କରଡାବାଡି ପଞ୍ଚାୟତ ଅନ୍ତର୍ଗତ ସୋରଡ ଗ୍ରାମ୍ୟ ରାସ୍ତାର ଦୂରାବସ୍ଥା ।ବାଲିପଦର-ଭଞ୍ଜନଗର ରାଜରାସ୍ତାରୁ ସୋରଡ ଗ୍ରାମ ଅଭିମୁଖେ ଲମ୍ବିଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ସେହି ରାସ୍ତାରେ ଯାତାୟାତ କଲାବେଳେ ଲୋକେ ଯମ ଯନ୍ତ୍ରଣା ଭୋଗୁଛନ୍ତି । ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ସେହି ରାସ୍ତାଟି ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଦେଢବର୍ଷ ହେଲା ସରକାର ବଦଳି ଗଲାଣି , କିନ୍ତୁ ସେହି ରାସ୍ତାର ଦୂରବସ୍ଥା ବଦଳି ପାରୁନାହିଁ ।ଅନ୍ୟପକ୍ଷରେ ସୋରଡ ଓ ଆଶ୍ରମ କରଡ଼ାବାଡ଼ି ଗାଁ କଙ୍କଣଦେବୀ ଛକର ରାସ୍ତା କଥା କହିଲେ ନସରେ ।ରାସ୍ତା ମଝିରେ ବଡ ବଡ ଖାଲ, ସେଥିରେ ପୁଣି ପୋକ ସାଲୁବାଲୁ ପୋଚକା ପାଣି । ସେହି ରାସ୍ତା ଦେଇ ଯାତାୟତ ବେଳେ ସାବଧାନତା ଅବଲମ୍ବନ ନକଲେ ଦୁର୍ଘଟଣା ଥୟ। ବିଶେଷକରି



ଛାତ୍ରଛାତ୍ରୀମାନେ ସୋରଡ ହାଇସ୍କୁଲକୁ ହଇରାଣ ଓ ହରକତରେ ଯାତାୟତ କରୁଛନ୍ତି । ସେହି ରାସ୍ତା ଦେଇ ଯାତାୟତ ବେଳେ ଅନ୍ୟ ଯାନର ଚକରୁ ଗୁଡି ଓ ମେଟାଲ୍ ଛିଟିକି ସ୍କୁଲ ପିଲାଙ୍କ ସାଇକେଲ ଓ ଦେହରେ ବାଜୁଛି ।ତେବେ ଉଭୟ ଗାଁ ଛକର କଦର୍ଯ୍ୟ ଅବସ୍ଥା ଏବଂ ରାସ୍ତାର ଦୁରାବସ୍ଥାକୁ ନେଇ ଅନେକ ଥର ଅଭିଯୋଗ କଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ହେତୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି ।ଏ ନେଇ ଲୋକେ ଭୋଟ ଦେଇ ନିର୍ବାଚିତ କରିଥିବା ଜନପ୍ରତିନିଧିଗଣଙ୍କ ଅପାରଗତା ଏବଂ ପ୍ରଶାସନିକ ଅଧିକାରୀବୃନ୍ଦଙ୍କ ଉଦାସୀନତାକୁ ଦାୟୀ କରୁଛନ୍ତି । ସୁତରାଂ, ଜନତାଙ୍କ ହିତକୁ ପ୍ରାଥମିକତା ଦେଇ ଯଥାଶୀଘ୍ର ଉକ୍ତ ରାସ୍ତାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଅଞ୍ଚଳର ନାମକରା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ୧୧ ଲକ୍ଷ ମୂଲ୍ୟର ଗଞ୍ଜେଇ ଜବତ :ଜଣେ ଅଭିଯୁକ୍ତ ଗିରଫ

ଜଳେଶ୍ୱର,୨୪।୨:(ମନ୍ଥନ) ଦକ୍ଷିଣ ପୂର୍ବ ରେଳପଥ ଅଧୀନରେୟ ଖଡ଼ଗପୁର ରେଳ ଡିଭିଜନ ପକ୍ଷରୁ ଗଠିତ ଅପରେସନ ନାର୍କକ୍ସ୍ ଅଧୀନରେ ଡିଭିଜନାଲ ଟାସ୍କ ଟିମ୍ ଦ୍ୱାରା ୧୧ ଲକ୍ଷ ମୂଲ୍ୟର ଗଞ୍ଜେଇ ଜବତ କରାଯିବା ସଙ୍ଗେ ସଙ୍ଗେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଗତ ଫେବୃୟାରୀ ୨୨ତାରିଖରେ ଖଡ଼ଗପୁର ଡିଭିଜନାଲ ଟାସ୍କ ଟିମ୍ ଓ ସି.ଆଇ.ବିଙ୍କ ଦ୍ୱାରା ବେଲଦାରୁ ଖଡ଼ଗପୁର ରେଳବେ ଷ୍ଟେସନ ପର୍ଯ୍ୟନ୍ତ ଟ୍ରେନ୍ ନଂ ୧୮୦୪୪ ଏକ୍ସପ୍ରେସରେ ବିଶେଷ ଚେକିଂ ଅଭିଯାନ ଚଳାଯାଇଥିଲା । ଏହି ଅଭିଯାନଟି ଡିଭିଜନାଲ ଟାସ୍କ ଟିମ୍ ଇନ୍-ଚର୍ଜ ଆଇ ପି ଏଫ୍ ମଳୟ କାନ୍ତ ସନ୍ୟାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା । ଏହି ଟିମରେ ଆଇ.ପି .ଏଫ୍ ଯୁଗଳ କୁମାର, ସବ ଇନ୍ସପେକ୍ଟର ସ୍ମୃତି ରଞ୍ଜନ ମଲ୍ଲିକ, ଏ.ଏସ. ଆଇ ଗୁଲିଅ। ହାଁସଦା ଓ ବି. ଏମ୍. ପାତ୍ର, ହେଡ କନେଷ୍ଟବଳ ପୁରୋଷ୍ଟମ୍ ରଣା ଓ ବଳରାମ ଭୋଇ ପ୍ରମୁଖ ସାମିଲ ଥିଲେ । ତଲାସୀ ସମୟରେ ଏକ ପୁରୁଷ ବ୍ୟକ୍ତି ଦୁଇଟି



ବ୍ୟାଗ୍ ସହିତ ସନ୍ଦେହଜନକ ଭାବେ ବଗି ମଧ୍ୟରେ ବସିଥିବା ଦେଖାଯାଇଥିଲା । ତାକୁ ପଚରା ଉଚରା କରିବା ପରେ ସେ ନିଜ ନାମ ରାହୁଲ ମଲ୍ଲା ବୋଲି କହିଥିଲା ଯସେ ନିଜ ବ୍ୟାଗ୍ରେ ରଖିଥିବା ସାମଗ୍ରୀ ସମ୍ପର୍କରେ ସୂଚନା ଦେଇଥିଲା । ଉକ୍ତ ଟ୍ରେନଟି ଖଡ଼ଗପୁର ରେଳ ଷ୍ଟେସନର ୫ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବା ପରେ ସେ ଟ୍ରେନ୍ରୁ ତଳକୁ ଓଲ୍ହାଇବା ପରେ ଖଡ଼ଗପୁର ଡି.ଏସ. ଆର. ପି, ଜି.ଆର୍.ପି.ଏସ, ସି. ଆଇ.ବି, ଡିଭିଜନାଲ ଟାସ୍କ ଟିମ୍, ଆର.ପି.ଏଫ୍ ପୋଷ୍ଟ ଓ ଡଗ୍ ସ୍କ୍ୱାଡଙ୍କ ସମ୍ମୁଖରେ ତାଙ୍କ ବ୍ୟାଗ୍ ଓ ବ୍ୟକ୍ତିଗତ ସାମଗ୍ରୀ ତଲାସୀ କରାଯାଇଥିଲା । ତଲାସୀ ସମୟରେ ଦୁଇଟି ବ୍ୟାଗ୍ରୁ ଗୋଟିଏ ମୋବାଇଲ୍ ଫୋନ୍ ସହିତ ପ୍ଲାଷ୍ଟିକରେ ବନ୍ଧା ହୋଇଥିବା ୨୩ଟି ଗଞ୍ଜେଇ ପ୍ୟାକେଟ୍ ଜବତ କରାଯାଇଥିଲା ।ଓଜନ କରିବା ପରେ ମୋଟ ୨୨.୩୦୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା ।ଯାହାର ଅନୁମାନିକ ବଜାର ମୂଲ୍ୟ ୧୧,୧୫,୦୦୦/- (ଏଗାର ଲକ୍ଷ ପନ୍ଦର ହଜାର ଟଙ୍କା) ଅଟେ । ଅଭିଯୁକ୍ତଙ୍କ ନାମ ରାହୁଲ ମଲ୍ଲା (୧୯) ଓ ଘର ପଶ୍ଚିମବଙ୍ଗ ରାଜ୍ୟର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ଅଧୀନରେ କୁଲତଲି ଥାନା ଇଲାକାରେ ଥିବା ଲସ୍କରପାରା ଗ୍ରାମରେ ବୋଲି ଜଣାପଡ଼ିଛି । ଗଞ୍ଜେଇ ଗୁଡ଼ିକ ସବ ଇନ୍ସପେକ୍ଟର ସ୍ୱପନ କୁମାର ଭୂୟାଁଙ୍କ ଦ୍ୱାରା ସାକ୍ଷୀମାନଙ୍କ ଉପସ୍ଥିତିରେ ଜବତ କରାଯାଇଥିଲା ଏବଂ ଅଭିଯୁକ୍ତଙ୍କୁ ଏନ.ଡି.ପି.ଏସ ଏକ୍ଟ ଅନୁଯାୟୀ ଗିରଫ କରାଯାଇଥିଲା । ଏହି ଗିରଫ ସଂମ୍ପର୍କରେଖଡ଼ଗପୁର ରେଳବାଇ ଥାନା ଦ୍ୱାରା ଏକ କେସ୍ ନଂ ୨୩/୨୦୨୬ ମୂଳେ ରୁଜୁ କରାଯାଇଛି ।

# ଆନ୍ତରପଡା ୟୁପି ସ୍କୁଲରେ ବନାଗ୍ନି ପ୍ରତିରୋଧ ସଚେତନତା ସଭା

ବୁଗୁଡ଼ା,୨୪।୨:(ମନ୍ଥନ)ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଅନ୍ତରପଡା ଗ୍ରାମସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଗ୍ନି ପ୍ରତିରୋଧ ସଚେତନତା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ରଞ୍ଜୁଲତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର,



ସମ୍ମାନିତ ଅତିଥି ଭାବେ ତାଳସାକର ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ ଓ ବନପାଳ ସୁକାନ୍ତ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବନାଗ୍ନିର କ୍ଷତିକାରକ ପ୍ରଭାବ ଏବଂ ଏହାର ପ୍ରତିରୋଧ ନିମନ୍ତେ ଆବଶ୍ୟକୀୟ ସଚେତନତା ସମ୍ପର୍କେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ପରିଚାଳନା କରିଥିବା ବେଳେ ପରିଶେଷରେ ସହକାରୀ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ଷଣ୍ଢକୁଦ ନିକଟସ୍ଥ ବେଳାଭୂମି ରେ ଲାଗିଛି ମୃତ ତିମିଛୁଆ

ପାରାଦୀପ,୨୪।୨:(ମନ୍ଥନ)ପାରାଦୀପ ସମୁଦ୍ର କୂଳରେ ଲାଗିଲା ବିରାଟ ତିମି ମାଛ, କୌଣସି ଜାହାଜ ରେ ପିଟିହୋଇ ଏହି ତିମି ମାଛ ଟି ମରିଯାଇଥିବା ନେଇ ସ୍ଥାନୀୟ ଷଣ୍ଢକୁଦ ବସ୍ତି ର ମତ୍ସ୍ୟଯିବି ମାନେ କହିଛନ୍ତି । ପୂର୍ବରୁ ପାରାଦୀପ ସମୁଦ୍ର କୂଳରେ ମୃତ ବିରାଟ ତିମିମାଛ ଲାଗିଥିବା ବେଳେ ଏହି ମାଛ ଟି ତିମିମାଛ ର ଛୁଆ।ବୋଲି ମତ୍ସ୍ୟଯିବି ମାନେ କହିଛନ୍ତି ।ମାଛ ଟି ପାଖାପାଖି କୋଡିଏ ଫୁଟ ରୁ ଅଧିକ ଲମ୍ବା ହୋଇଥିବା ବେଳେ ଏହାର ଓଜନ ପ୍ରାୟ ଏକ ଟନ ରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଗଭୀର ସମୁଦ୍ର ମଧ୍ୟରେ କୌଣସି ଜାହାଜ ହେଉ କିମ୍ବା ଅନ୍ୟ କୌଣସି କାରଣବଶତଃ ଏହି ତିମିମାଛ ର ମୃତ୍ୟୁ ହୋଇଥାଇପାରେ ବୋଲି କିଛି ମତ୍ସ୍ୟଯିବି କହିଥିବା ବେଳେ ମାଛର ମୁଣ୍ଡ ସମ୍ପୂର୍ଣ୍ଣ କଟି ଯାଇ ଥିଲାବେଳେ ଅବଶିଷ୍ଟ ଅଙ୍ଗ କୂଳରେ ଲାଗି ପରିବେଶ ଦୂଷିତ କରୁଛି ।ମାଛ ଦେହରୁ ବାହାରୁ ଥିବା ଦୁର୍ଗନ୍ଧ ରୁ ଏହି ତିମିମାଛ ପାଖାପାଖି ପନ୍ଦର ଦିନରୁ ଉର୍ଦ୍ଧ୍ୱ ହେବ ମରି ସମୁଦ୍ର ରେ ଭାସି



ଆସି କୂଳରେ ଲାଗିବା ଖବର ପ୍ରଚାରିତ ହେବା ପରେ ମାଛ ଦେଖିବାକୁ ଲମ୍ବାଧାଡି ଲାଗିଥିଲା ବେଳେ ପାରାଦୀପ ତଥା କୁଜଙ୍ଗ ର ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ ସମେତ କୁଜଙ୍ଗ ବନ୍ୟ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରୁଛନ୍ତି ।ମାଛ ଟି ସମ୍ପୂର୍ଣ୍ଣ ପଚି ଯାଇଥିବାରୁ ପୋଷ୍ଟମର୍ଟମ କରିବା ସମ୍ଭବପର ନୁହଁ ବୋଲି ପାରାଦୀପ ରେ ଥିବା ପ୍ରାଣୀ ଚିକିତ୍ସାଅଧିକାରୀ କହିଛନ୍ତି । ହେଲେ ଏଠାରେ ପ୍ରଶ୍ନ ଉଠେ କାହିଁକି ସୁରକ୍ଷା ପାଇଁ ବେଳାଭୂମିରେ ଫରେଷ୍ଟ ବିଭାଗ କର୍ମଚାରୀ ନିଯୁକ୍ତି ଥିଲାବେଳେ ଏତେଦିନ ଧରି ମାଛଟି ପଡି ରହି ପରିବେଶ କୁ ଦୂଷିତ କରିବା କର୍ମଚାରୀ ଙ୍କ ଅବହେଳା ନାଁ ଅପାରଗତା ବୋଲି ଲୋକେ ଟୁପୁରୁ ଟାପୁର ହେଉଛନ୍ତି ।

# ରାଜରାସ୍ତାରେ ଚଳନ୍ତା ଟ୍ରାକ୍ଟରରୁ ଉଡୁଛି ବାଲି , ଜନଜୀବନ ପ୍ରତି ବିପଦ

ବୁଗୁଡ଼ା,୨୪।୨:(ମନ୍ଥନ)ସ୍ଥାନୀୟ ପ୍ରଶାସନିକ ଉଦାସୀନତା କାରଣରୁ ବୁଗୁଡା ଅଞ୍ଚଳର ରାଜରାସ୍ତାରେ ଖୁଲମଖୁଲା ମାଳ ମାଳ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ଯାତାୟତ କରୁଥିବାରୁ ସାଧାରଣରେ ଦୁର୍ଘଟଣାର ଭୟ ଘାରିଛି । ପ୍ରଶାସନର ଦୃଷ୍ଟି ଆଢୁଆଳରେ କେତେକ ଟ୍ରାକ୍ଟର ଏତେ ଦ୍ରୁତ ଗତିରେ ଯାତାୟତ କରୁଛନ୍ତି ଯେ ସେଥିରେ ବୋଝେଇ ହୋଇଥିବା ବାଲି ଉଡି ଲୋକଙ୍କ ଆଖିରେ ପଡୁଛି । ଏହି ସମୟରେ ସେହି ରାସ୍ତାରେ ଦେଇ ଯାତାୟତ କରୁଥିବା ଲୋକଙ୍କ ପ୍ରତି ରହୁଥିବା ବିପଦକୁ ନେଇ ସାଧାରଣରେ



ଅସନ୍ତୋଷ ଦେଖା ଦେଇଛି । ପ୍ରଶାସନିକ କଟକଣାକୁ ଖାତିର ନକରି କେତେକ ଟ୍ରାକ୍ଟରରେ ବାଲି ନଘୋଡାଇ କିପରି ଖୋଲାମେଲାରେ ଚଲାଣ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ରାଜନୀତିର ଚପରେ କୁଆଡେ ପ୍ରଶାସନ ଧୃତରାଷ୍ଟ୍ର ସାଜିଥିଲା ବେଳେ ବେଲଗାମ୍ ଟ୍ରାକ୍ଟର ଚଳନାକୁ ନେଇ ପ୍ରତିବାଦ କରିବାକୁ ସାଧାରଣ ଜନତା ସାହସ ଜୁଟାଇ ପାରୁନାହାନ୍ତି । ଏଣୁ, ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# କେନ୍ଦୁଝରରେ ନିଜ ଭାଷାରେ ପାଠ ପଢ଼ିବେ ଶିଶୁ

କେନ୍ଦୁଝର,୨୪।୨:(ମନ୍ଥନ)ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ ଆମେ ପଢ଼ିବା ଆମ ଭାଷାରେ କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନେ ବୁଝୁଥିବା ଓ କହୁଥିବା ମାତୃଭାଷାରେ ଶିକ୍ଷା ଦେବା । ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବୟ କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି । ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧିଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର ଏବଂ ସିଡିପିଓ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ । ଶିଶୁ-ମିତ୍ର ଶିକ୍ଷା ପରିବେଶ ସୃଷ୍ଟିୟ ସ୍ଥାନୀୟ ଲୋକକଥା, ଲୋକଗୀତ ଓ ପରମ୍ପରାକୁ ଶିକ୍ଷାଦାନରେ ସାମିଲ କରିବାୟ ସହଯୋଗୀ ସଂସ୍ଥା ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୌଜନ୍ୟରୁ ଆୟୋଜିତ ଏହି କର୍ମଶାଳାରେ 'ପ୍ରଥମ' ପରି ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ



ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି । ଏହି କର୍ମଶାଳା ରେ ଉପସ୍ଥିତ ହୋଇ ଉପ-ଜିଲ୍ଲାପାଳ ଉମାକାନ୍ତ ଦଳାଇ କହିଥିଲେ ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ । ଶିଶୁଟି ଯେପରି ନ ଡ଼ରି ଖୁସିରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷା ଶିକ୍ଷାଦାନର ସର୍ବୋତ୍ତମ ମାଧ୍ୟମ । ଗୁରୁ (ଅଙ୍ଗନବାଡ଼ି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବୟଶିଶୁ ନିଜ ଭାଷାରେ ଶୁଣିଲେ ଓ ଶିଖିଲେ ତାକୁ ଅତି ସହଜରେ ଗ୍ରହଣ କରିପାରିବ । ଏହାଦ୍ୱାରା ପାଠପଢ଼ା ପ୍ରତି ତାର ଆଗ୍ରହ ବଢ଼ିବ । ଶିଶୁମାନଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ ଆମେ ପଢ଼ିବା ଆମ ଭାଷାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛିୟ ଏହି କର୍ମଶାଳା ରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ,ଆଇଟିଡ଼ିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା, ଏବଂ ଏଡ଼ିଇଓ ରୁଦ୍ରନାରାୟଣ ସାମଲ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡ଼ିପିଓ ଜୟନ୍ତୀ ମହାନ୍ତ, ଘଟଗାଁ ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆଇ.ସି.ଡି.ଏସ୍. ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ଚୁଲେଶ୍ୱରୀ ପଟେଲ ଏବଂ ଜିଲ୍ଲା ସମନ୍ୱୟକାରୀ ପୋଷଣ ଅଜିତ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନାରେ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷାବିତ, ଅଙ୍ଗନୱାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଡିପିଓ, ସୁପରଭାଇଜର ମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମୀର ଟିଭିଏସରେ ବହୁ ପ୍ରତିକ୍ଷୀତ 'ଟିଭିଏସ ଅରବିଟର'ର ଶୁଭାରମ୍ଭ

କେନ୍ଦ୍ରାପଡ଼ା,୨୪।୨:(ମନ୍ଥନ)ଓଡ଼ିଶାର ଅଗ୍ରଣୀ ଅଟୋମୋବାଇଲ୍ ଡିଲର 'ସମୀର ଟିଭିଏସ' ପକ୍ଷରୁ କେନ୍ଦ୍ରାପଡ଼ାରେ ଟିଭିଏସ ମୋଟର କମ୍ପାନୀର ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ସ୍କୁଟର 'ଟିଭିଏସ ଅରବିଟର'ର ବହୁ ଅପେକ୍ଷିତ ଶୁଭାରମ୍ଭ କରାଯାଇଛି । କେନ୍ଦ୍ରାପଡା ତହସିଲଦାର ସୁଶ୍ରୀ କୁଇନି ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଟିଭିଏସ କମ୍ପାନୀର ଟେରିଟୋରି ମ୍ୟାନେଜର(ଆଇସିଇ) ରବିକାନ୍ତ ଆନନ୍ଦ ଓ ଟେରିଟୋରି ମ୍ୟାନେଜର (ଇଭି) ରଶ୍ମୀରଞ୍ଜନ ଦାସ ଯୋଗଦେଇ କହିଲେ 'ଟିଭିଏସ ଅରବିଟର'ସହରାଞ୍ଚଳ ଯାତାୟାତକୁ ଅଧିକ ସହଜ, ସୁରକ୍ଷିତ ଏବଂ ପରିବେଶ ଅନୁକୂଳ କରିବା ପାଇଁ ଟିଭିଏସ କମ୍ପାନୀର ଏହି ମଡେଲକୁ ବଜାରକୁ ଛଡ଼ାଯାଇଛି। ମୂଲ୍ୟ ଏବଂ ଉପଲବ୍ଧତା ଓଡ଼ିଶାର ଗ୍ରାହକମାନଙ୍କ ପାଇଁ ଏହି



ସ୍କୁଟରର ଏକ୍ସ-ସୋ'ରୁମ୍ ମୂଲ୍ୟ ୧,୧୬,୨୦୦ ରଖାଯାଇଛି। କେନ୍ଦ୍ରାପଡ଼ାର ଦୁହୁରିଆ ସ୍ଥିତ ସମୀର ଟିଭିଏସ ସୋ'ରୁମ୍ରେ ଏହାର ବୁକିଂ ଏବଂ ଟେଷ୍ଟ ରାଇଡ୍ ଆଜିଠାରୁ ଉପଲବ୍ଧ ହେଉଛି। ଟିଭିଏସ ଅରବିଟରର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ଦମଦାର ରେଞ୍ଜ। ଏହା ଏକ ଶକ୍ତିଶାଳୀ ୩.୧ କିଲୋୱାଟ ବ୍ୟାଟେରୀ ସହିତ ଆସୁଛି। ଯାହା ଥରେ ଚାର୍ଜ କଲେ ୧୫୮ କିଲୋମିଟର (ଆଇଡିସି) ପର୍ଯ୍ୟନ୍ତ ଚାଲିବ। ଏହାର ଷ୍ଟାଇଲିସ୍ ଡିଜାଇନ୍ ରହିଛି। ଏଥିରେ ପ୍ରଥମ କରି ୧୪-ଇଞ୍ଚର ବଡ଼ ଆଗ ଚକ (ଫ୍ରି ହୁଇଲ) ଦିଆଯାଇଛି। ଯାହା ଖରାପ ରାସ୍ତାରେ ମଧ୍ୟ ଭଲ ସନ୍ତୁଳନ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବ। ସ୍ମାର୍ଟ ଟେକ୍ନୋଲୋଜିର ବ୍ୟବହାର ହୋଇଛି। ଏଥିରେ ୫.୫ ଇଞ୍ଚର ରଙ୍ଗୀନ ଏଲସିଡି ଡିସପ୍ଲେ ସହ ସ୍ମାର୍ଟ ସ୍କନେକ୍ଟ ସୁବିଧା ରହିଛି। ଏହା ମାଧ୍ୟମରେ ନାଭିଗେସନ୍, କଲ୍/ଏସଏମଏସ ଆଲର୍ଟ ଏବଂ ସୁରକ୍ଷା ପାଇଁ କ୍ରାସ୍ ଆଲର୍ଟ ଭଳି ସୁବିଧା ମିଳିପାରିବ। ଅଧିକ ଷ୍ଟୋରେଜ୍ ବ୍ୟବସ୍ଥା ରହିଛି। ସିଟ୍ ତଳେ ୩୪ ଲିଟରର ବଡ଼ ଷ୍ଟୋରେଜ୍ ସ୍ପେସ୍ ରହିଛି। ଯେଉଁଥିରେ ଦୁଇଟି ହେଲମେଟ୍ ସହଜରେ ରଖାଯାଇପାରିବ। ଆଧୁନିକ ଫିଚର୍ସ ହେଉଛି ଏଥିରେ କ୍ରୁଜ୍ କଣ୍ଟ୍ରୋଲ, ହିଲ୍ ହୋଲ୍ ଆସିଷ୍ଟ ଏବଂ ରିଭର୍ସ ମୋଡ୍ ଭଳି ପ୍ରିମିୟମ ସୁବିଧା ରହିଛି। ଏହି ଅବସରରେ ସମୀର ଟିଭିଏସ ର ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି ଯେ, 'କେନ୍ଦ୍ରାପଡ଼ା ବାସୀଙ୍କ ପାଇଁ ଟିଭିଏସ ଅରବିଟର ଭଳି ଏକ ଉନ୍ନତମାନର ଇଲେକ୍ଟ୍ରିକ୍ ସ୍କୁଟର ଆଣି ଆମେ ଅତ୍ୟନ୍ତ ଆନନ୍ଦିତ। ମାତ୍ର ୧,୧୬,୨୦୦ ରୁ ଆରମ୍ଭ ହେଉଥିବା ଏହି ସ୍କୁଟରଟି ସାଧାରଣ ଲୋକଙ୍କ ବଜେଟ୍ ମଧ୍ୟରେ ଏକ ଶ୍ରେଷ୍ଠ ଇଲେକ୍ଟ୍ରିକ୍ ଗାଡ଼ି ଭାବରେ ପ୍ରମାଣିତ ହେବ। ଏହି କାର୍ଯ୍ୟକ୍ରମରେ ସମୀର ଟିଭିଏସର କର୍ମକର୍ତ୍ତା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅମୃତମଣୋହିଁ ବାଲିଘାଟରେ ନିୟମର ଖୋଲା ଉଲଂଘନ

ପଟ୍ଟାମୁଣ୍ଡାଇ,୨୪।୨:(ମନ୍ଥନ)ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଅମୃତମଣୋହିଁ ରାଜସ୍ୱ ଗ୍ରାମର ବ୍ରାହ୍ମଣୀ ନଦୀ ପଠାରୁ ବାଲି ଉତ୍ତୋଳନ ପାଇଁ ସରକାର ଚଳିତ ବର୍ଷ ବାଲିଘାଟ ନିଲାମ କରିଛନ୍ତି । ସ୍ଥାନୀୟ ଲୋକମାନେ ଏହି ବାଲିଘାଟ ନିଲାମ ନକରିବାକୁ ଦୀର୍ଘଦିନ ହେବ ଦାବିକରି ଆସୁଥିଲେ । କାରଣ ଅତ୍ୟନ୍ତ ବ୍ୟସ୍ତ ବହୁଳ ଜନବସତି ମଧ୍ୟରେ ଭାରିଯାନ ବିଶେଷକରି ହାଇୱା ଚଳପ୍ରଚଳ ହେବାଯୋଗୁଁ ନାନାଦି ଅସୁବିଧା ସୃଷ୍ଟି ହେବ । ଅପରପକ୍ଷରେ ଅମୃତମଣୋହିଁ ବାଲିଘାଟରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ପରିବହନ ପାଇଁ ସରକାରୀ ରାସ୍ତା ନାହିଁ । ଏଭଳି ଅସୁବିଧା ଥିବା ସତ୍ତ୍ୱେ ରାଜସ୍ୱ ବିଭାଗ ଏହି ବାଲି ସୈରାତ କିପରି ନିଲାମ କଲେ,ତାହା ବିଡମ୍ବନାର ବିଷୟ ।ଏ ଲିଜ୍ ନେଇଥିବା ସଂସ୍ଥା ନିର୍ଦ୍ଧାରିତ ସ୍ଥାନରୁ ବାଲି ଉତ୍ତୋଳନ ନକରି ମନଇଚ୍ଛା ବାଲି ଉଠାଉଥିବା ଦେଖାଯାଉଛି । ଯାହା ସଚେତନ ନାଗରିକଙ୍କୁ ବ୍ୟଥିତ କରି ସହିତ ନଦୀର ଗତିପଥ ବଦଳି ଯିବାର ସମ୍ଭାବନା ଥିବାରୁ ନଦୀକୂଳିଆ। ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି ।ଅନ୍ୟ ପକ୍ଷରେ କେବଳ ରାତିରେ ବାଲି ପରିବହନ ପାଇଁ ନିର୍ଦ୍ଦେଶ ଥିବାବେଳେ ଦିନ ତମାମ ବାଲି ବୋଝେଇ ହାଇୱା ଶହ ଶହ ସଂଖ୍ୟାରେ ଚଳିଛି । ଅଣଓସାରିଆ। ଗ୍ରାମ୍ୟ ରାସ୍ତାରେ ଭୟଙ୍କର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଅମୃତମଣୋହିଁ ବ୍ରାହ୍ମଣୀ ନଦୀ କୂଳରେ ୨ଟି ସ୍କୁଲର କୁନିକୁନି ପିଲା ଓ ଅଣ୍ଡରା ହାଟକୁ ଆସୁଥିବା ଲୋକମାନେ ନାହିଁନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏବେ ମ୍ୟାଟ୍ରିକ ପରୀକ୍ଷା ଚାଲିଛି । ଅମୃତମଣୋହିଁ ଓ ବଲୁରିଆ। ପଞ୍ଚାୟତର ୩ ଟି ହାଇସ୍କୁଲର ପରୀକ୍ଷାର୍ଥୀ ଏହି ବାଟଦେଇ ଅଣ୍ଡରା ବନ୍ଦେ ମାତରମ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରକୁ ଆସିବା ସମୟରେ ୨ ଥର ରାସ୍ତା ଜାମରେ ଫସିଲେଣି । ଗତମାସ ପଟ୍ଟାମୁଣ୍ଡାଇ ଠାରେ ଅନୁଷ୍ଠିତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିରରେ ଅଞ୍ଚଳବାସି ଉପରୋକ୍ତ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । କିଛି ଦିନପାଇଁ ଦିନରେ ବାଲି ବନ୍ଦ ଥିବାବେଳେ ଏବେ ଦିନ ରାତି ଭାରିଯାନ ହାଇୱା ଅହରହ ଚାଲୁଛି । ଏ ଦିଗରେ ରାଜସ୍ୱ ଓ ଖଣି ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି ।

# ଦକ୍ଷିଣକାଳୀ ମନ୍ଦିର ହୁଣ୍ଡୀ ଭାଙ୍ଗି ଲୁଟି ନେଇ ଗଲେ ଦୁର୍ବୃତ୍ତ

କବିସୂର୍ଯ୍ୟନଗର,୨୪।୨:(ମନ୍ଥନ)ମନ୍ଦିର ହୁଣ୍ଡୀ ଭାଙ୍ଗି ଲୁଟିନେଲେ ଟଙ୍କା । ଦକ୍ଷିଣକାଳୀଙ୍କୁ ବି ଛାଡିଲେନି ଚୋର । ଏଭଳି ଘଟଣା ଏବେ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ । ଗତକାଲି ବିଳମ୍ବିତ ରାତିରେ କବିସୂର୍ଯ୍ୟନଗର ସ୍ଥିତ ପରିଡାପାର୍ଟି ଦକ୍ଷିଣକାଳୀ ମନ୍ଦିର ଓ ନୀଳକଣ୍ଠେଶ୍ୱର ମନ୍ଦିରର ହୁଣ୍ଡୀ ଭାଙ୍ଗି ଆନୁମାନିକ ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ ।ଯାହା କୁହାଯାଉଛି ଗତ ଦୁଇ ବର୍ଷ ଧରି ମା'ଙ୍କ ହୁଣ୍ଡୀ ଖୋଲା ଯାଇନଥିଲା ଆଗକୁ ଦଣ୍ଡଯାତ୍ରା ଥିବାରୁ ଦଣ୍ଡଯାତ୍ରା ପରେ ହୁଣ୍ଡୀ ଖୋଲିବାକୁ କମିଟି ନିଷ୍ପତ୍ତି ନେଇଥିବା ବେଳେ, ପୂର୍ବରୁ କେହି ଦୁର୍ବୃତ୍ତ ଏଭଳି କାଣ୍ଡ କରିଥିବା ଅଭିଯୋଗ ହେଉଛି। ସକାଳୁ ଖବର ପାଇ ମନ୍ଦିର କମିଟି, ଦଣ୍ଡକାଳୀ କମିଟି ଅଧିକାରୀ ମନ୍ଦିରରେ ପହଁଚି ଅନୁଧାନ କରୁଥିବା ବେଳେ କବିସୂର୍ଯ୍ୟନଗର ଥାନାରେ ଖବର ଦିଆଯାଇଥିବା ଜଣାଯାଇଛ ।ମନ୍ଦିର ନିକଟରେ ଏବଂ ମନ୍ଦିର ଠାରୁ ବିଭିନ୍ନ ରାସ୍ତାରେ ଥିବା ସିସି ଟିଭି ଯାଞ୍ଚ କଲେ ଚୋର କିମ୍ବା ଦୁର୍ବୃତ୍ତ ଧରାପଡ଼ିବେ ବୋଲି କମିଟି ପକ୍ଷରୁ କୁହାଯାଉଛି ।

# ଦୁଇ ମାଓବାଦୀ ଏସ ଓ ଜିଓ ପୋଲିସ ଗୁଳି ରେ ନିହତ !

କନ୍ଧମାଳ,୨୪।୨:(ମନ୍ଥନ)ରାଇକିଆ। ଥାନା ଅନ୍ତର୍ଗତ କରଡ଼ା ଘାଟି ନିକଟ ନଡାବାଡ଼ି ଗ୍ରାମ ର ଅଁଳାପଟା ଜଙ୍ଗଲରେ ଏସ ଓ ଜି ସହ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା । ପୋଲିସ ଓ ଏସ ଓ ଜି ଙ୍କ ଗୁଳିରେ ଦିନ ଦୁଇଟା ବେଳେ ଦୁଇ ମାଓବାଦୀ ନିହତ ହୋଇଥିବା ନେଇ କନ୍ଧମାଳ ଏସ ପି ହରିଶ ବି ସି ସୂଚନା ଦେଇ ଛନ୍ତି ସର୍ଚ୍ଚ ଅପରେସନ ଜାରି ରହିଁଛି । ଦୁଇରୁ ଅଧିକ ମାଓ ବାଦୀ ନିହତ ହୋଇଥିବା ଆଶଙ୍କା କରାଯାଉଛି ବୋଲି ଶ୍ରୀ ବି ସି କହିଛନ୍ତି ।କେନ୍ଦ୍ର ସରକାର ଙ୍କ ମାର୍ଚ୍ଚ ୩୧ ମାଓ ମୁକ୍ତ ଡେଡ ଲାଇନ ଥିବାରୁ ପୋଲିସ ସକ୍ରିୟ ହୋଇଛି ।କରଡ଼ା ଜଙ୍ଗଲରେ କିଛି ମାଓବାଦୀ ଲୁଚି ରହିଥିବା ପୋଲିସ ଖବର ପାଇଥିଲାକନ୍ଧମାଳ ରେ ଏବେବି ୩୦ ମାଓବାଦୀ ଲୁଚି ରହିଛନ୍ତି ଓ ସେମାନେ ସକ୍ରିୟ ଅଛନ୍ତି ବୋଲି ଫୁଲବାଣୀ ଗସ୍ତରେ ଆସିଥିବା ଏ ଡି ଜି, ଆଣ୍ଟି ନକ୍ସଲ ଅପେରସନ ଶ୍ରୀଯୁକ୍ତ ସଂଜୀବ ପଣ୍ଡା ସାମ୍ବାଦିକ ସମ୍ମିଳନିରେ ପ୍ରକାଶ କରିଛନ୍ତି । ଦୁଇ ନିହତ ମାଓ ବାଦୀଙ୍କୁ ଚିହ୍ନଟ କରାଯାଇଛି ।ସେମାନେ ହେଲେ ଯୋଗେଶ ଓ ରତ୍ନା । ଟପ ମାଓବାଦୀ ସୁକ୍ରୁ କନ୍ଧମାଳର କରଡ଼ା ଜଙ୍ଗଲରେ ଲୁଚି ଥିବା ସନ୍ଦେହ ହେଉଛି ।



# ଏନ୍‌ସି କଲେଜକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ନିମନ୍ତେ ଦାବି

ଯାଜପୁର, **୨୪।୨:(ମନ୍ଥନ)**ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ନରସିଂହ ଚୌଧୁରି ମହାବିଦ୍ୟାଳୟ କୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେବା ନିମନ୍ତେ ମହାବିଦ୍ୟାଳୟ ଛାତ୍ରଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୧୯୪୬ ମସିହା ଦେଶ ସ୍ୱାଧୀନ ପୂର୍ବରୁ ଏହି ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା । ୨୦୨୦ ମସିହାରେ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେବେ ବୋଲି ପ୍ରୟାସ ଆରମ୍ଭ କରାଯାଇଥିଲା । ମହାବିଦ୍ୟାଳୟ କ୍ୟାମ୍ପସକୁ ବିଶାଳ କରିବା ସହ ନୂତନ ଶ୍ରେଣୀଗୃହ, ଗବେଷଣା କେନ୍ଦ୍ର, ବିଜ୍ଞାନଗାର, ପାଠାଗାର, ଛାତ୍ରୀ ଓ ଛାତ୍ରଙ୍କ ପାଇଁ ଏକାଧିକ ହଷ୍ଟେଲ ସହ ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ କରାଯାଇଛି । ରାଜ୍ୟ ସରକାରଙ୍କ ନେତୃତ୍ୱରେ ଏନସି କଲେଜକୁ ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟ ନାମରେ ପ୍ରସ୍ତାବ ରଖିଥିଲେ । କିନ୍ତୁ ୨୦୨୪ ପରଠାରୁ କୌଣସି କାର୍ଯ୍ୟ ହୋଇନାହିଁ । ପଡ଼ୋଶୀ ଜିଲା ଭଦ୍ରକ କଲେଜର କିଛି ଭିତିଭୂମି ନଥିବା ସତ୍ୱେ ମଧ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିଲା କିନ୍ତୁ ଏନସି କଲେଜର ସମସ୍ତ ପ୍ରକାର ଭିତିଭୂମି ଥାଇ ମଧ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିପାରିଲା ନାହିଁ । ତେଣୁ କଲେଜର ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏଣୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ କଲେଜର ଛାତ୍ରମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ କଲେଜର ବହୁ ଛାତ୍ର ଉପସ୍ଥିତ ଥିଲେ ।

# ମାଟି ତଳୁ ବାହାରିଲେ ଶିବ ଲିଙ୍ଗ , ପୂଜାର୍ଚ୍ଚନା କରିବା ପରେ ଲିଙ୍ଗ ର ବଦଳୁଛି ରଙ୍ଗ

ଯାଜପୁର, **୨୪।୨:(ମନ୍ଥନ)**ମାଟି ତଳୁ ବାହାରିଲେ ଶିବ ଲିଙ୍ଗ। ପୂଜାର୍ଚ୍ଚନା କରିବା ପରେ ଲିଙ୍ଗ ର ବଦଳୁଛି ରଙ୍ଗ। ଯାଜପୁର ମ୍ୟୁନିସିପାଲିଟି ର ୟୁନିଟ ୧୬ ଅନିରୁଦ୍ଧପୁର ଗ୍ରାମର ରାଧେଶ୍ୟାମ ପତି ଓ ରବିନାରାୟଣ ପତି ଙ୍କ ବିଲରୁ ଏହି ଶିବ ଲିଙ୍ଗ ଠାବ କରାଯାଇଥିଲା। ଗତ ୨୦ ତାରିଖ ଦିନ ଟ୍ରାକ୍ଟର ରେ ହଲ କରୁ କରୁ ଲଙ୍ଗଳ ଏହି ଶିବ ମୂର୍ତି ଦେହରେ ବାଜିଥିଲା । ଖବର ପାଇ ବହୁ ରୋକ ପହଁଚି ଜେସିବି ସହାୟତାରେ ୮ ରୁ ୧୦ ଫୁଟ ଖୋଳିବା ପରେ ୨ ଫୁଟ ଉଚ୍ଚତା ର ଏକ ଶିବ ଲିଙ୍ଗ ବାହାରିଛି । ତା ପର ଦିନ ପୂଜା କରିବାରୁ ଏହି ଶିବ ଲିଙ୍ଗର ରଙ୍ଗ ପରିବର୍ତନ ହେଉଥିବା କହିଛନ୍ତି ଭକ୍ତ। ଶିବଲିଙ୍ଗ ଉପରେ ପାଣି ଢାଳିଲେ ନୀଳ ରଙ୍ଗ ଓ କିଛି ସମୟ ପରେ ପୁଣି ରଙ୍ଗ ପରିବର୍ତନ ହେଉଥିବା କୁହାଯାଉଛି । ଆଜି ସୋମବାର ରେ ଶିବଲିଙ୍ଗ କୁ ମଧ ପୂଜାର୍ଚ୍ଚନା କରିବା ସହିତ ଏହି ଶିବ ଲିଙ୍ଗକୁ ଧବଳେଶ୍ୱର ନାମରେ ନାମିତ କରି ପୂଜା ଜାରି ରଖିଛନ୍ତି ଶ୍ରଦ୍ଧାଳୁ। ଅନ୍ୟପଟେ ଉକ୍ତ ଜାଗାରେ ଶିବ ବାହରିବାରୁ ଏକ ମନ୍ଦିର ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ

ନବରଙ୍ଗପୁର, **୨୪।୨:(ମନ୍ଥନ)** ନବରଙ୍ଗପୁର ଜିଲ୍ଲା ସଦର ମହକୁମା ପୋଲିସ ପଡିଆ। ଠାରେ ସୁଭଦ୍ରା ଶକ୍ତି ମେଳା ଆସନ୍ତା ୨୫ ୨.୨୦୨୬ ଠାରୁ ଶୁଭାରମ୍ଭ ହୋଇ ୩.୩.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅବସରରେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ସୁଭଦ୍ରା ଶକ୍ତି ମେଳା ର ଆୟୋଜନ, ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ସୁଚନା ଦେଇଛନ୍ତି। ସୁଚନା ଅନୁସାରେ ଏହି ମେଳାରେ ୧୨୦ ଟି ଷ୍ଟଲ ରହିବ ଯେଉଁଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଉତ୍ପାଦିତ ଦ୍ରବ୍ୟ ର ପ୍ରଦର୍ଶନୀ କରିବା ସହ ବିକ୍ରି କରିବେ । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ର ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ ମଧ ଭାଗ ନେଉଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ଷ୍ଟଲ ଦ୍ୱାରା ପ୍ରାୟ ୫ କୋଟି ଟଙ୍କା ର ବ୍ୟବସାୟ ହେବ ବୋଲି ଆଶା କରାଯାଉଛି । ଉଦଘାଟନୀ ଉତ୍ସବ ରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି



ରାଜ ମନ୍ତ୍ରୀ ଙ୍କ ସହ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମାନ୍ୟବର ସାଂସଦ, ବିଧାୟକ ଗଣ ଅତିଥି ଭାବେ ଯୋଗ ଦେବେ । ୨୬/୨/୨୦୨୬ ତାରିଖ ରୁ ୩/୩/ ୨୦୨୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୧.୦୦ ଘ ସମୟରେ ମହିଳା ସଶକ୍ତିକରଣ,ମହିଳା ଉଦ୍ୟୋଗୀ, ଲକ୍ଷପତି ଦିଦି,ସ୍ୱାସ୍ଥ୍ୟ ଓ ପରିଛନ୍ନତା ରେ ମହିଳାଙ୍କ ଭୂମିକା,ଲିଂଗଗତ ସମାନତା ,ମହିଳାଙ୍କ ନ୍ୟାୟିକ ଅଧିକାର ଉପରେ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ପ୍ରତ୍ୟେକ ସଂଧ୍ୟା ୬.୦୦ ଘ ରୁ ୧୦.୦୦ ଘ ପର୍ଯ୍ୟନ୍ତ ଜିଲ୍ଲାର ମୋଟ ୨୮ ଟି ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ସହ ଜିଲ୍ଲା ବାହାରୁ ସମ୍ବଲପୁର ,ବଲାଙ୍ଗୀର,କଳାହାଣ୍ଡି,ସୋନପୁର ଜିଲ୍ଲାରୁ ବିଭିନ୍ନ ପ୍ରସିଦ୍ଧ କଳାକାର ସାଂସ୍କୃତିକ ଦଳ ସାଂସ୍କୃତିକ ପ୍ରଦର୍ଶନରେ ଭାଗ ନେବେ । ଆସନ୍ତା କାଲି ୨୫ ତାରିଖ ଅପରାହ୍ନ ୩.୦୦ ଘ ସମୟରେ ମା ଭଣ୍ଡାରଘରଣୀ ଙ୍କ ମନ୍ଦିରରୁ ପୋଲିସ ପଡିଆ। ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ ଦଳ ସହ କଳସ ଯାତ୍ରା ଅନୁଷ୍ଠିତ ହେବ । ମେଳା କୁ ଶାନ୍ତି ଶୃଙ୍ଖଳା,ଟ୍ରାଫିକ ନିୟନ୍ତ୍ରଣ,ଶୌଚାଳୟ,ପାନୀୟ ଜଳ,ଦମକଳ,ପ୍ରାଥମିକ ଚିକିତ୍ସା,କଳାକାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଖାଇବା,ରହିବା ବ୍ୟବସ୍ଥା କରାଯାଇଛି ।

# ମା ଦୁର୍ଗା ଙ୍କ ୧୭ ତମ ପ୍ରତିଷ୍ଠା ଦିବସ ଧୁମ ଧାମରେ ପାଳିତ

ପାରାଦୀପ**,୨୪।୨:(ମନ୍ଥନ)**ପାରାଦୀପ ବଡ଼ପଡ଼ିଆ। ମାର୍କେଟ ସ୍ଥିତ ସର୍ବ ପୁରାତନ ପାରାଦୀପ ପୋର୍ଟ ବଣିକ ସଙ୍ଘ ପରିସର ରେ ଥିବା ଦୁର୍ଗା ମଣ୍ଡପ ଠାରେ ଅଧିଷ୍ଠାତ୍ରୀ ଦେବୀ ମା ଦୁର୍ଗା ଙ୍କ ୧୭ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ରୀତିନୀତି ନିୟମାନୁଯାୟୀ ଧୁମ ଧାମ ରେ ପାଳିତ ହୋଇଯାଇଛି । ଏହି ଅବସରରେ ମା ଙ୍କ ବିଗ୍ରହ ପ୍ରତିମୂର୍ତ୍ତି ଓ ମନ୍ଦିର ସମେତ ସଙ୍ଘ କାର୍ଯ୍ୟାଳୟ କୁ ପୁଷ୍ପ ମାଲ୍ୟରେ ସୁ ସଜ୍ଜିତ



କରା ଯାଇ ମାଙ୍କ ପୂଜାର୍ଚନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ର କର୍ମକର୍ତ୍ତା, ବ୍ୟବସାୟୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସମେତ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟାହ୍ନରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ସଂଘର ମୂଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀ ଙ୍କ ମାର୍ଗ ଦର୍ଶନରେ ସଂଘର ସଭାପତି ଅମୀୟ କୁମାର ପାଣି, ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ନାୟକ, ଉପସଭାପତି ପ୍ରୀତି ରଞ୍ଜନ ମହାପାତ୍ର, ତାପସ ରଞ୍ଜନ ପରିଜା ଓ ପ୍ରକାଶ ନାୟକ, ସହ ସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧକ୍ଷ ସୋମନାଥ ଖୁଣ୍ଟିଆ।, ସହ କୋଷାଧକ୍ଷ ସତ୍ୟବ୍ରତ ନାୟକ ପ୍ରମୁଖ ଏହି ଉତ୍ସବକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ବଣିକ ସଙ୍ଘ ପୂଜା କମିଟିର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ ଶେଷରେ ସଂଘ ର ସଭାପତି ଅମୀୟ କୁମାର ପାଣି ସମସ୍ତଙ୍କ ଉତ୍ତୋରତ୍ତର କାମନା କରିଥିଲେ ।

# ଜିଲ୍ଲା ସଦର ମହକୁମାରେ ଜନ ସାଧାରଣ ମୌଳିକ ସୁବିଧା ରୁ ବଞ୍ଚିତ ଜନ ସାଧାରଣ ହନ୍ତ ସନ୍ତ

କନ୍ଧମାଳ,**୨୪।୨:(ମନ୍ଥନ)** ଫୁଲବାଣୀ ପୌର ପରିଷଦ ଗଠନ ହେବାର ଅଠର ବର୍ଷରୁ ଅଧିକ ବିତି ଯାଇଥିଲେ ମଧ ସର୍ବନିମ୍ନ ମଳିକ ଆବଶ୍ୟକତା ପୂରଣ ହୋଇ ପାରି ନଥିବାରୁ ଜିଲ୍ଲା ମିଳିତ ନାଗରିକ କମିଟିର ସଭାପତି ଡ ଅରୂପ ଜେନାଙ୍କ ଅଧକ୍ଷତାରେ ବନାନୀ ସଭାଗହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସହରର ଆଶାନୁରୂପ ବିକାଶ ପାଇଁ ଠୋସ ପଦକ୍ଷେପ ନିଆଯାଉନଥିବାରୁ ଜନ ସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ କଲେଜଟିଏ ନିର୍ମାଣ ହୋଇ ଥିବା ବେଳେ ମେଡିକାଲ କଲେଜ ଓ ମୂଖ୍ୟ ଚିକିତ୍ସାଳୟ କତ୍ତପକ୍ଷ ମଧରେ ସମନ୍ୱୟ ଅଭାବରୁ ଆଶାନୁରୂପ ଚିକିତ୍ସା ସୁବିଧା ମିଳୁନାହିଁ । ଦଶ ବର୍ଷ ହେଲା ସାଧାରଣ ଅଲଟ୍ରା ସାଉଣ୍ଡଟିଏ ହେଉ ନାହିଁ । ଅଧା ଚିକିତ୍ସକ ମାସରେ ପନ୍ଦର ଦିନ ରହୁନଥିବା ଅଭିଯୋଗ ହେଉଛି । ଜିଲାରେ ଜାତୀୟ ସ୍ତରର କୌଣସି ଅନୁଷ୍ଠାନଟିଏ ନାହିଁ।ଜିଲା ବସଷ୍ଟାଣ୍ଡଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଛି । ସର୍ବନିମ୍ନ ଆବଶ୍ୟକତା ଯେ ବସରୁ ଯାତ୍ରୀ ସହରରେ ଓହ୍ଲାଇଲେ ପାଶ ଯିବାକୁ ଟଏଲେଟ ଟିଏ କାର୍ଯ୍ୟକ୍ଷମ ନାହିଁ । ନିମ୍ନମାନର କାମରୁ ଦୁଇଥର ବସଷ୍ଟାଣ୍ଡ ଡେକୋରେସନ ଭୁଶୁଡି ପଡିଲାଣି । ଜିଲ୍ଲା ଭିତରେ, ବାହାର ଜିଲା ଓ ବାହାର ରାଜ୍ୟକୁ ଗମନାଗମନ ପାଇଁ ଆବଶ୍ୟକ ବସ ସୁବିଧା କରାଯାଉନି । ସହରରେ ବିଶୁଦ୍ଧ ପାନୀୟ ଜଳ ସବୁ ସାହିରେ ମିଳୁନାହିଁ, କିଛି ସାହିରେ ଦୁଇ ଦିନରେ ଏବଂ ବିନା ଫିଲଟରରେ ଦିଆଯାଉଛି । ନଦୀରେ ଅଧିକ ବ୍ୟାରେଜ ନ ହେବାରୁ ଖରାଦିନେ ଜଳାଭାବ ଦେଖାଦେଉଛି । ସ୍ୱରେଜ ବ୍ୟବସ୍ଥା ପାଇଁ ବାରମ୍ବାର ଆନ୍ଦୋଳନ ଓ ନ୍ୟାୟାଳୟ ନିର୍ଦ୍ଦେଶ ସତ୍ୱେ ନିର୍ମାଣ ନ ହେବାରୁ ଫୁଲବାଣୀ ସହରର ଜୀବନଧାରା ପିଲାସାଲକି ନଦୀ ପ୍ରଦୂଷିତ ହେଉଛି । ନିମ୍ନ ମାନର ଡ୍ରେନଜ ବ୍ୟବସ୍ଥା ପାଇଁ ବର୍ଷାଦିନେ ସହରରେ ଡଙ୍ଗା ଭାସିବା ପରିସ୍ଥିତି ସଷ୍ଟି ହେଉଛି । ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଯାନିଯାତ୍ରା ସମୟରେ ନାହିଁ ନଥିବା ସମସ୍ୟା ସଷ୍ଟି ହେଉଛି । ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଏରିଆ। ଅନୁଯାୟୀ ଦୈନିକ ହାଟ ପାଇଁ କୌଣସି ବ୍ୟବସ୍ଥା ହେବା ନଥିବାରୁ ଚାଷୀ ଓ ବ୍ୟବସାୟୀ ରାସ୍ତା ଉପରେ ବସୁଛନ୍ତି । ଅନ୍ୟ ଜିଲା ଭଳି ଚାଷୀଙ୍କ ପାଇଁ ଏକ ବହୁ ତଳ ବିଶିଷ୍ଟ ଦୈନିକ ହାଟ ନିର୍ମାଣ ଆବଶ୍ୟକ । ଉତ୍ତରଦାୟୀ ଅଭାବରୁ ଆମିଷ ବଜାର ଖତ ଖାଉଛି। ବିଦ୍ୟୁତ ଚାଳିତ ଶବ ଦାହ କେନ୍ଦ୍ରର ସାମଗ୍ରୀ ଚୋରି ଗଲାଣି । ପିଆନପଡା ବଡ ବନ୍ଧ ର ଲୁହା ବ୍ୟାରିକେଡ ଆଉ ନାହିଁ। ବନ୍ଧ ତିନୋଟିର ପୁନଃ ଉଦ୍ଧାର ଆବଶ୍ୟକ ।ପାହାଡିଆ। ଅଞ୍ଚଳ ହୋଇ ଥିବାରୁ ସହରର ଭୂଗର୍ଭସ୍ଥ ଜଳସ୍ତର ବନ୍ଧି ପାଇଁ ବେଳହୁଁ ସାବଧାନ ହେବା ଆବଶ୍ୟକ । ଫୁଲବାଣୀ ସହରର ଜୀବନଧାରା ତିନୋଟି ପୁଷ୍କରଣୀର ପୁନଃ ଉଦ୍ଧାର କରି ହୁଡାକୁ ପାର୍କିଂ ପ୍ଲେସ ଓ ଫୁଡ କୋଟ କରିବା ସହ ନୌ ବିହାର ପାଇଁ ପଦକ୍ଷେପ ନେବା ଆବଶ୍ୟକ । ପିଆନପଡା ବଡ ବନ୍ଧରୁ ମୁଠାଏ ମାଟି ନ ଉଠାଇ ୮୮ଲକ୍ଷ ଟଙ୍କାର ଅପବ୍ୟୟ କରି ଲୁଟ କରାଯାଇଥିବାରୁ ଭିଜିଲାନରେ କେସ ନାଗରିକ କମିଟି ପକ୍ଷରୁ ଦାୟର କରାଯାଇଛି ।

# ସରକାରୀ ଯୋଜନା ସାତସପନ: ପାଲ ତଳେ କଟୁଛି ଦୁଇ ଅସହାୟ ବୃଦ୍ଧାଙ୍କ ଜୀବନ

ଗଞ୍ଜାମ,**୨୪।୨:(ମନ୍ଥନ)**ସରକାର ଅସହାୟ ଓ ବୃଦ୍ଧବୃଦ୍ଧାଙ୍କ ପାଇଁ ଅନେକ ଜନହିତକର ଯୋଜନା ପ୍ରଣୟନ କରୁଥିବା ବେଳେ ଗଞ୍ଜାମ ବ୍ଲକରୁ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି । ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ ବଳରାମପୁର ଗାଁରେ ଦୁଇଜଣ ଭୂମି ହୀନ ନିଃସନ୍ତାନ ବୃଦ୍ଧା ସରକାରୀ ଅବହେଳାର ଶିକାର ହୋଇ ଏବେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ବଳରାମପୁର ଗ୍ରାମର ଖୁଦୀ ଦାସ (୬୬) ଏବଂ ଗୋପୀ ଦାସ (୭୮) ଏକ ସରକାରୀ ଜାଗାରେ ଭଙ୍ଗା ମାଟି ଘର ଉପରେ ପାଲ ପକାଇ ଅତି ଦୁଃଖକଷ୍ଟରେ ଦିନ କାଟୁଛନ୍ତି । ଖୁଦୀ ଦାସଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସେ ସମ୍ପୂର୍ଣ୍ଣ ଏକୁଟିଆ। ହୋଇଯାଇଥିଲେ ଏବଂ ବର୍ତ୍ତମାନ ବୃଦ୍ଧା ଗୋପୀ ଦାସଙ୍କ ସହ ରହୁଛନ୍ତି । ଖରା, ବର୍ଷା ଓ ଶୀତ କହିଲେ ଏହି ପାଲ ତଳେ ହିଁ ସେମାନଙ୍କର ସବୁକିଛି । ଖୁଦୀ ଦାସଙ୍କୁ ମାସିକ ୫ କେଜି ଚାଉଳ ଏବଂ ସରକାରୀ ଭତ୍ତା ମିଳୁଥିବା ବେଳେ, ୭୮ ବର୍ଷୀୟ ଗୋପୀ ଦାସଙ୍କ ପାଖରେ ନା ଅଛି ରାସନ କାର୍ଡ ନା ମିଳୁଛି ବାର୍ଦ୍ଧକ୍ୟ ଭତ୍ତା । ସେମାନଙ୍କର ରହିବା ପାଇଁ ଘରଟିଏ ନାହିଁ କି ପେଟକୁ ଦୁଇ ଓଳି ଗଣ୍ଡେ ଖାଇବାକୁ ସମ୍ବଳ ନାହିଁ । ବାରମ୍ବାର ପ୍ରଶାସନିକ ସ୍ତରରେ ଗୁହାରି କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ସ୍ଥାନୀୟ ସମାଜସେବୀ ନିରାକାର ମହାରଣା ଏହି ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ କହିଛନ୍ତି ଯେ, ଯଦି ପ୍ରଶାସନ ଏହି ବୃଦ୍ଧା ଦ୍ୱୟଙ୍କ ପ୍ରତି ଦୟା ଦେଖାଇ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରନ୍ତେ, ତେବେ ଶେଷ ଜୀବନରେ ସେମାନେ ଟିକେ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ପାଆନ୍ତେ । ଏହି ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗୋପୀ ଦାସଙ୍କୁ ରାସନ ଓ ଭତ୍ତା ପ୍ରଦାନ କରିବା ସହ ଉଭୟଙ୍କ ପାଇଁ ଏକ ପକ୍କା ଘରର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜୟ ମା ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପାରାଦୀପ**,୨୪।୨:(ମନ୍ଥନ)**ପାରାଦୀପ ଉପକଣ୍ଠ ସ୍ଥିତ ରଙ୍ଗିଆଗଡ ଗ୍ରାମରେ 'ଜୟ ମା ମଙ୍ଗଳା' ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚଳିତ ଫେବୃଆରୀ ମାସ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ମହା ସମାରୋହରେ ଅନୁଷ୍ଠିତ ହେଉଅଛି । ମଙ୍ଗଳବାର ପାଞ୍ଚଶହ ମହିଳା ପାରାଦୀପ ବାଲିଯାତ୍ରା ପଡିଆ। ନିକଟସ୍ଥ ସମୁଦ୍ରରୁ କଳସୀରେ ପାଣି ଉଠାଇ ରଙ୍ଗିଆଗଡ଼ ଅଭିମୁଖେ ଯାତ୍ରା କରିଥିଲେ । ଅଞ୍ଚଳ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବାସହ କୀର୍ତ୍ତନ ହୁଳହୁଳିରେ ପ୍ରକମ୍ପିତ ହେଉଥିଲା ସମଗ୍ର ପରିବେଶ । ପରେ ସୂର୍ଯ୍ୟ ପୂଜା, ସାଲା ସଂସ୍କାର, ସର୍ବ ଦେବାଦେବୀ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହ ଅଧିବାସ କରାଯାଇ ରୀତିନୀତି ନିୟମ ଅନୁଯାୟୀ ପୂଜା ପାଠ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରାମର ମୁରବୀ ନିତ୍ୟାନନ୍ଦ ସ୍ୱାଇଁ, ନିର୍ମଳ କୁମାର ସ୍ୱାଇଁ, ଯୁଗଳ କିଶୋର ପ୍ରଧାନ, ନିର ମହାପାତ୍ର, କ୍ଷୀରୋଦ ଚୌଧୁରୀ, ରବିନ୍ଦ୍ର ବାରିକ, ସୁବୋଧ ମହାପାତ୍ର, ସଲିଳ ପ୍ରଧାନ, କ୍ଷୀରୋଦ ମହାପାତ୍ର, ବିଭୁତି ପ୍ରଧାନ, ଶ୍ରୀକାନ୍ତ ନାୟକ, ଗିରିଧାରୀ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ଯୁଧିଷ୍ଠିର ବେହେରା, ପ୍ରକାଶ ମହାପାତ୍ର, ସୁଶାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରୁଛନ୍ତି ।

# ପଟିଆଗଡ ଶିରିଡି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,**୨୪।୨:(ମନ୍ଥନ)**ପଟିଆଗଡ ଶିରିଡି ସାଇ ମନ୍ଦିରର ୧୪ ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ଶୁକ୍ରବାର ଅଙ୍କୁରାରୋପଣ, ନବବ୍ୟୁହ ପୂଜା, ମଣ୍ଡଳ କରଣ ଶନିବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇ ସୂର୍ଯ୍ୟପୂଜା, ଶାଳା ପ୍ରବେଶ, ଦେବ ଆବାହନ ଓ ଅଗ୍ନି ସ୍ଥାପନ କରାଯାଇଥିଲା। ରବିବାର ସୂର୍ଯ୍ୟପୂଜା, ଗୋ ପୂଜା, ଶାଳା ପୂଜା ସାଇନାଥଙ୍କ ପାଞ୍ଚାମୃତ ମହାସ୍ନାନ ଓ ସହସ୍ରାର୍ଚ୍ଚନ ଘୃତାହୁତୀ ସୋମବାର ଦିନ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସାଇନାଥଙ୍କ ୧୦୦୮ ନାମ ମୂଳମନ୍ତ୍ରରେ ଘୃତାହୁତୀ, ପୂର୍ଣ୍ଣାହୂତି, ଆଳତୀ, ପୁଷ୍ପାଞ୍ଜଳି ଏବଂ ଶାନ୍ତି ପାଠ ହେବା ସହିତ ସାଇ ପାଲିଙ୍କି ମେଲଣ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଅଳର ୧୨ଟି ମନ୍ଦିରରୁ ପାଲିଙ୍କି ବାହାରି ପଟିଆ। ଗାଁ ମୁଣ୍ଡରୁ ଶୋଭାଯାତ୍ରା କରି ସାଇ ମନ୍ଦିର ନିକଟରେ ପହଞ୍ଚି ଥିଲେ । ମନ୍ଦିର କମିଟି ପକ୍ଷରୁ ସମସ୍ତ ପାଲିଙ୍କିଙ୍କୁ ସସ୍ୱାଗତ କରାଯାଇ ପୂଜାର୍ଚ୍ଚନା କରାଯିବା ପରେ କମିଟିର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ତିନିଦିନ ପ୍ରବଚନ ଓ ଦୁଇଦିନ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରବଚକ ଡ. ଗୁରୁ ପ୍ରସାଦ ମହାପାତ୍ର ପ୍ରଭୁ ସାଇଙ୍କ ଅଲୌକିକ ଲୀଳା ଉପରେ ପ୍ରବଚନ ରଖିଥିଲେ । ଅନ୍ତିମ ଦିବସରେ ଶିରିଡି ସାଇ ଟ୍ରଷ୍ଟର ଟ୍ରଷ୍ଟି ମିହିର କୁମାର ରାଉତଙ୍କ ନେତୃତ୍ୱରେ ଦିବା ୧୦ ଘଟିକା ସମୟରେ ବିଶାଳ ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ୪୦୦ ଲୋକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ଯ ଏହି ବାର୍ଷିକ ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ବହୁ



ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଓ ସ୍ଥାନୀୟ ଅଂଚଳର ବହୁ ଭକ୍ତ ଯୋଗଦେଇ ଦର୍ଶନ କରିବା ସହିତ ସାଇନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ଓ ସ୍ଥାନୀୟ ଅଂଚଳର ଭକ୍ତମାନେ ସାହାର୍ଯ୍ୟ ସହଯୋଗ କରିଥିଲେ ।

# କୁଚିଣ୍ଡା ବକ୍ସମା ରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,**୨୪।୨:(ମନ୍ଥନ)** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଦିନ ସ୍ଥାନୀୟ ବନ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା ସଭା ଆୟୋଜିତ ହୋଇଥିଲା । ଏହି ସଭାରେ କୁଚିଣ୍ଡା ବନ ବିଭାଗ(ବନ୍ୟପ୍ରାଣୀ) ରେଞ୍ଜର ଲେଖାରାଣୀ ମହାନନ୍ଦ , ଫରେଷ୍ଟର ଅନୁରାଧା ଖର୍ସେଲ, ସରପଞ୍ଚ ସରସ୍ୱତୀ ଠାକୁର, ପିଇଓ ବର୍ଷାରାଣୀ ବିଶ୍ୱାଳ ଏବଂ ଏଡିଇଓ ସରୋଜ ବିଶ୍ୱାଳ ମଞ୍ଚାସୀନ ରହି ଉପସ୍ଥିତ ଜଣ ସାଧାରଣଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ । ରେଞ୍ଜର ଲେଖାରାଣୀ ସଭାରେ ଉଦବୋଧନ ଦେଇ କହିଲେ ଯେ, ଅଜ୍ଞାନତା ବଶତଃ ହେଉ କିମ୍ବା ଜାଣି ଶୁଣି ହେଉ କିଛି ଲୋକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି, ଫଳରେ ଜଙ୍ଗଲ ନଷ୍ଟ ହେବା ସହିତ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହେବା ସହିତ ବନ୍ୟପ୍ରାଣୀ ମାନେ ମଧ ମୃତ୍ୟୁ ମୁଖରେ ପଡୁଛନ୍ତି, ଏହା ଦ୍ୱାରା ପ୍ରକୃତି ତାର ଭାରସାମ୍ୟ ହରାଇ ବସୁଛି ଓ ଏହା ଫଳରେ ନାନା ପ୍ରକାରର ପ୍ରାକୃତିକ ସମସ୍ୟା ସୃଷ୍ଟି ହୋଇ ଜନସାଧାରଣ ହଇରାଣ ହେଉଛନ୍ତି ।

# ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଦେଲେ ୧୯ହଜାର ୪୮୯ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,**୨୪।୨:(ମନ୍ଥନ)**କେନ୍ଦ୍ରାପଡା ଜିଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ଆଜି ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଦେଇଛନ୍ତି ୧୯ହଜାର ୪୮୯ଜଣ ଛାତ୍ରଛାତ୍ରୀ। ୧୯ହଜାର ୨୨୧ଜଣ ଆଜି ବାର୍ଷିକ ମାଟ୍ରିକ ପରୀକ୍ଷାର ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୮୯୯୩ଜଣ ପରୀକ୍ଷା ଦେଇଥିବା ବେଳେ ୨୮୮ଜଣ ଅନୁପସ୍ଥିତ ଥିଲେ। ୨୬୩ଜଣ ମଧ୍ୟମା ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୧୫ଜଣ ପରୀକ୍ଷା ଦେଇଥିବା ବେଳେ ୪୮ଜଣ ଅନୁପସ୍ଥିତ ଥିଲେ। ସେହିପରି ଓପନସ୍କୁଲର ୨୮୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ସମସ୍ତ୨୮୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସର୍ବମୋଟ ୧୯ହଜାର ୭୭୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ହଜାର ୪୮୯ଜଣ ପରୀକ୍ଷା ଦେଇଥିବା ବେଳେ ୩୩୬ଜଣ ଅନୁପସ୍ଥିତ ଥିଲେ। ଆଜି ଜିଲାର କୌଣସି ପରୀକ୍ଷା କେନ୍ଦ୍ରରେ କପି କରି କେହି ଧରାପଡିନଥିବା ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ଠାରୁ ସୂଚନା ମିଳିଛି।

# କେନ୍ଦ୍ରାପଡ଼ାରେ କୁନି ଚିତ୍ରଶିଳ୍ପୀଙ୍କ କରିସ୍ମା

କେନ୍ଦ୍ରାପଡ଼ା,**୨୪।୨:(ମନ୍ଥନ)**କେନ୍ଦ୍ରାପଡା ସହରର ମହିପାଳ ସ୍ଥିତ କୁନ୍ତଳାକୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟରେ ଚାଲିଥିବା ବାର୍ଷିକ ପରୀକ୍ଷା ଶେଷ ହୋଇଛି। ଏଥିରେ କୁନି କୁନି ଚିତ୍ରଶିଳ୍ପୀମାନେ ସେମାନଙ୍କ କରିସ୍ମା ଦେଖାଇଛନ୍ତି। ପିଲାମାନେ ଗ୍ରୀଷ୍ମ ପ୍ରବାହ ସଂକ୍ରାନ୍ତରେ ସଚେତନତା ବାର୍ତ୍ତା ଥିବା ଚିତ୍ର, ଗ୍ରୀଷ୍ମ ଲହରୀରୁ କିପରି ରକ୍ଷା ପାଇ ହେବ ସେ ସଂକ୍ରାନ୍ତୀୟ ଚିତ୍ର, ଗ୍ରୀନ୍ ହାଉସ ଗ୍ୟାସକୁ ରୋକିବା ପାଇଁ ହେଲେ ସବୁଜ ବଳୟ ସୃଷ୍ଟି କରିବାର ଚିତ୍ର, ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ କେଉଁ ପଦକ୍ଷେପମାନ ନେଇ ହେବ ତାହା ଉପରେ ଚିତ୍ର ଆଙ୍କି ସମାଜକୁ ସୁନ୍ଦର ବାର୍ତ୍ତା ଦେଇଛନ୍ତି। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହେବା ପରେ ବିଦ୍ୟାଳୟ ତା'ର ପ୍ରଥମ ବାର୍ଷିକ ପରିକ୍ଷା ଓଡିଶା ଲଳିତ କଳା ଏକାଡେମୀ ତତ୍ତ୍ୱାବଧାନରେ ଅୟୋଜନ କରିଛି। ଚଳିତ ବର୍ଷ ପ୍ରାଥମିକ ପରୀକ୍ଷାରେ ମୋଟ ୩୫ ଜଣ କୁନି କଳାକାର ଭାଗ ନେଇଛନ୍ତି। ଏଥିରେ କନିଷ୍ଠ ଭାଗ-୧, ଭାଗ-୨ ଓ ବରିଷ୍ଠ ଭାଗ-୧ ଓ ଭାଗ-୨ ପରୀକ୍ଷା ହୋଇଥିଲା। କେନ୍ଦ୍ରାପଡା ସହରରେ ଏପରି ପରୀକ୍ଷା କରି ପ୍ରମାଣପତ୍ର ଦେଉଥିବା ଅନୁଷ୍ଠାନ କୁନ୍ତଳାକୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ୨୦୨୧ ମସିହାରେ ଆରମ୍ଭ ହୋଇଥିଲା। ଦୀର୍ଘ ପାଞ୍ଚ ବର୍ଷ ଧରି ପିଲାମାନଙ୍କୁ କଳା ଶିକ୍ଷା ଦେଇ ଆସୁଥିବା ଏହି କଳା ଶିକ୍ଷା ଅନୁଷ୍ଠାନକୁ ଏ ବର୍ଷ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗ ଅଧିନରେ ଥିବା ଲଳିତ କଳା ଏକାଡେମୀ ସ୍ୱୀକୃତି ଦେଇଛି । ଏହି ଅନୁଷ୍ଠାନ ପିଲାମାନଙ୍କୁ କଳାଶିକ୍ଷା ଦେଇ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛି ବୋଲି ପ୍ରଧାନ ଗୁରୁଜୀ ଅଶୋକ ନାୟକ କହିଛନ୍ତି। ଜିଲ୍ଲାର କଳା ଓ ସଂସ୍କୃତି କ୍ଷେତ୍ରରେ ଉନ୍ନତି ଓ ରାଜ୍ୟରେ ଏହାର ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ସେ ଏହି କଳା ଶିକ୍ଷାନୁଷ୍ଠାନ ଗଢିଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ଉପସ୍ଥିତ ଅଭିଭାବକ ମାନେ ବିଦ୍ୟାଳୟ ଓ ସରକାରଙ୍କୁ ସାଧୁବାଦ ଦେଇଥିଲେ। ଆଗାମୀ ଦିନର କେନ୍ଦ୍ରାପଡା ଯେପରି ସମଗ୍ର ରାଜ୍ୟ ଓ ଦେଶରେ କଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ସେ ନେଇ ଏହି ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଦ୍ୟାଳୟର ମୁଖ୍ୟ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଅଶୋକ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ଏଥିରେ ବିଦ୍ୟାଳୟର ଗୁରୁମା ଅନିତା ନାୟକ, ବିଶ୍ୱଜିତ ଲେଙ୍କା, ମାଧବୀ ମୁର୍ମୁ, କୃପାସିନ୍ଧୁ ଦାସ, ଗୀତାଞ୍ଜଳୀ ଗିରି, ଚିନ୍ମୟୀ ପଣ୍ଡା, ଜୟନ୍ତ ସାହୁ, ସରୋଜ ମହାରଣା, ସଂଘମିତ୍ରା ମଲ୍ଲିକ ଓ ଦିପ୍ତୀ ସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ଜାତୀୟ ପତାକାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ

ଜଗତସିଂହପୁର,**୨୪।୨:(ମନ୍ଥନ**ଜାତୀୟ ପତାକାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ । ଭାରତୀୟ ଜାତୀୟ ପତାକା ଆଶା ଓ ଉଚ୍ଚକାଂକ୍ଷା ଭାବେ ଆମ ଦେଶର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥାଏ । ତେଣୁ ଜାତୀୟ ପତାକାକୁ ଭଲ ପାଇବା, ସମ୍ମାନ ଦେବା ଓ ଏହା ପ୍ରତି ଆନୁଗତ୍ୟ ଦେଖାଇବା ଉଚିତ । ଜାତୀୟ ସମ୍ମାନ ନିୟମ ୧୯୭୧ ଅନୁଯାୟୀ ଜାତୀୟ ପତାକାକୁ ଅସମ୍ମାନ କଲେ ଆଇନନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ସେହିପରି ଫ୍ଲାଗ କୋର୍ଡ ଅଫ୍ ଇଣ୍ଡିଆ-୨୦୦୨ ନିୟମ ଅନୁଯାୟୀ ଏହାର ବ୍ୟବହାର ସଠିକ୍ ଭାବରେ କରାଯିବା ଉଚିତ । ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡା ମହାକୁମ୍ଭ ସମୟରେ ପ୍ଲାଷ୍ଟିକ୍ ଜାତୀୟ ପତାକା ପରିବର୍ତ୍ତେ କାଗଜରେ ତିଆରି ଜାତୀୟ ପତାକା ବ୍ୟବହାର କରାଯିବା ଉଚିତ ଏହି ସବୁ କାର୍ଯ୍ୟକ୍ରମ ସମୟରେ ଜନସାଧାରଣ ବ୍ୟବହାର କରୁଥିବା କାଗଜ ତିଆରି ଜାତୀୟ ପତାକାକୁ ଏଣେ ତେଣେ ପଡିଆରେ ପକାଇଥାନ୍ତି, ଯାହାକି ଜାତୀୟ ପତାକାକୁ ଅସମ୍ମାନ ଅଟେ । ସରକାରଙ୍କ ବିନା ଆଦେଶରେ ଜାତୀୟ ପତାକାକୁ ଅର୍ଦ୍ଧ ନମିତ ଭାବରେ ଉଡାଇବା ଅନୁଚିତ । ଜାତୀୟ ପତାକାକୁ ପୋଷାକ ପରିଛଦ, ୟୁନିଫର୍ମ, କୌଣସି ପ୍ରକାର ଗଦି, ରୁମାଲ, ଗାମୁଛା ଓ ପୋଷାକ ପତ୍ରରେ ବ୍ୟବହାର କରାଯାଇ ପାରିବ ନାହିଁ । ଜାତୀୟ ପତାକା ଉପରେ କୌଣସି ଲେଖାଲେଖି କରିବା ଅନୁଚିତ । କୌଣସି ଆତିଥ୍ୟ ଗ୍ରହଣ ସମୟରେ, ବିତରଣ ସମୟରେ, କୌଣସି ଦ୍ରବ୍ୟ ବହନ ସମୟରେ ଜାତୀୟ ପତାକାକୁ ବ୍ୟବହାର କରାଯାଇ ପାରିବ ନାହିଁ । ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ସମୟରେ ପତାକା ଉଡାଇବା ପୂର୍ବରୁ କେବଳ ପତାକା ମଧ୍ୟରେ ଫୁଲ ପାଖୁଡା ରଖାଯାଇ ପାରିବ ଯ ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ପ୍ରତିମୂର୍ତ୍ତିକୁ ଆଛାଦିତ କଲାଭଳି ଜାତୀୟ ପତାକା ବ୍ୟବହାର କରାଯାଇ ପାରିବ ନାହିଁ । ପ୍ରତିମୂର୍ତ୍ତି ସ୍ଥଳରେ ପୃଥକ ଭାବରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବ । ଇଚ୍ଛାକୃତ ଭାବେ ଜାତୀୟ ପତାକାକୁ ଚଟାଣ, ଭୂମି କିମ୍ବା ଜଳରେ ସ୍ପର୍ଶ କରାଯିବା ଅନୁଚିତ ଯାନବାହାନ ରେଳଗାଡି, ନୌକା, ବିମାନର ହୁଡ୍, ପଛପାଖ, ଉଭୟ ପାର୍ଶ୍ୱରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବ ନାହିଁ । ଜନସାଧାରଣ ଓ ଅନୁଷ୍ଠାନ ଏ ସଂପର୍କରେ ସଚେତନତା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଅଛି ।

# ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ଭବ୍ୟ ସମ୍ବର୍ଦ୍ଧନା ସଭା

ଫୁଲନଖରା,**୨୪।୨:(ମନ୍ଥନ)**ସାମାଜିକ ସଂଗଠନ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ (ଓଆରଏସ) ତରଫରୁ ଏକ ବିଶାଳ ସମ୍ବର୍ଧନା ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ ଓ ପୂର୍ବତନ ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ରଙ୍କ ଯୋଗଦାନକୁ ଅବସର କରି ସଂଘର କର୍ମକର୍ତ୍ତାମାନେ ୪୨ ମୌଜା ବେଷ୍ଟକୋର ଠାରୁ ସେମାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ସଂଘର ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ଭଜଗୋବିନ୍ଦ ପୀଠରେ ପୂଜାର୍ଚ୍ଚନା କରିଥିଲେ । ପରେ ସେମାନେ ଶ୍ରୀ କଦମ୍ବେଶ୍ୱର ମନ୍ଦିର, କଳପଡାରେ ଆୟୋଜିତ ଯଜ୍ଞରେ ଯୋଗଦେଇ ଦେବାଶୀଷ ଲାଭ କରିଥିଲେ । ଏହାପରେ କଳପଡା ପଞ୍ଚାୟତ ପଡ଼ିଆରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ନାଗରିକ, ଯୁବ ନେତା, ହିନ୍ଦୁବାଦୀ ନେତା ଓ ମହିଳାମାନଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଂଘର ସଭାପତି ଓ ଯୁବ ଗବେଷକ ଇଂ. ଗିରିଜା ଶଙ୍କର ପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କୃଷକ ନେତା ଦେବୀ ପ୍ରସାଦ ପତି, ଲଲାଟ କିଶୋର ଚୌଧୁରୀ, ଯୁବରାଜ ପଣ୍ଡା, ପୀୟୂଷ ରଞ୍ଜନ ପରିଡ଼ା, ବରିଷ୍ଠ ନେତା ରୋହିତ ସ୍ୱାଇଁ, ଶିକ୍ଷକ ଓ ସମାଜସେବୀ ସୁବାସ ଗୋଛାୟତ, ସନ୍ତୋଷ ସ୍ୱାଇଁ, ଅନିଲ ମହାପାତ୍ର, ବିଶ୍ୱରଞ୍ଜନ ଜେନା, ଚିନ୍ମୟ ମହାପାତ୍ର, ସୁଗ୍ୟାନି ନନ୍ଦ, ବିଭୁ ରଞ୍ଜନ ଦାସ, ବୁଲୁ ଭୋଇ, ରୁଦ୍ର ପ୍ରଧାନ, ମାଧ ଭୋଇ, ରାକେଶ ରାଉତ, ରଞ୍ଜନ ନାୟକ, ତାପସ ମହାପାତ୍ର, ସମାଜସେବୀ ଅଭିରାମ ଦଳାଇ ଓ ଯୁବ ନେତା ଅଲେଖ ଭୋଇଙ୍କ ସହ ବହୁ ନେତା ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ସଭାଟି ସାମାଜିକ ସମନ୍ୱୟ ଓ ସଂଗଠନୀୟ ଏକତାର ପ୍ରତୀକ ଭାବେ ପରିଗଣିତ ହୋଇଥିଲା ଏବଂ ସ୍ଥାନୀୟ ଅଞ୍ଚଳରେ ଏହା ପ୍ରତି ଉତ୍ସାହ ଦେଖିବାକୁ ମିଳିଥିଲା ।

ସୃଜନ

ବୁଧବାର, ୨୫ ଫେବୃଆରୀ ,୨୦୨୬ ଭୁବନେଶ୍ୱର

WEDNESDAY, 25 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶିକ୍ଷାରେ ପ୍ରାଥମିକତା

ଶିଶୁ ଶ୍ରେଣୀରୁ ପିଲାର ପାଠ ପଢିବା ଆରମ୍ଭ ହୁଏ ଓ ପ୍ରାଥମିକ ଶିକ୍ଷା ହେଉଛି ଶିଶୁର ମୂଳଦୁଆ ଓ ପ୍ରାଥମିକ ଶିକ୍ଷାରୁ ଶିଶୁର ପାଠ ପଢ଼ିବାର ଆଗ୍ରହ ସୃଷ୍ଟି ହୁଏ,ଶିକ୍ଷକମାନେ ତା'ର ଭୁଲ,ଭଟକାର ସୁଧାର କରିଥାନ୍ତି,କଠୋର ଆଭିମୁଖ୍ୟ ଗ୍ରହଣ କରିଥାନ୍ତି ଓ ଭବିଷ୍ୟତରେ ମାଧ୍ୟମିକ, ମହାବିଦ୍ୟାଳୟ ଏବଂ ଉଚ୍ଚ୍ଚ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ, ସରକାର ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ସ୍ତରୀୟ ଶିକ୍ଷାକୁ ପ୍ରାଥମିକତା ଦେବା ନିତାନ୍ତ ଜରୁରୀ ଓ ଅଧିକରୁ ଅଧିକ ସଂଖ୍ୟାରେ ପିଲା କିପରି ପ୍ରାଥମିକ ଶିକ୍ଷାର ସୁଯୋଗ ପାଇବେ,କେମିତି ସହଜ ଓ ସରଳ ପ୍ରକ୍ରିୟାରେ ସେମାନେ ନାମ ଲେଖାଇ ପାରିବେ, ନିୟମିତ ସ୍କୁଲକୁ ଆସିବେ ଏସବୁ ଦାୟିତ୍ୱ ବହନ କରନ୍ତି ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ ଶୈକ୍ଷିକ କାର୍ଯ୍ୟ ସମ୍ପାଦିତ ହୋଇଥାଏ ଓ ପିଲାମାନେ ଶୃଙ୍ଖଳିତ ହୋଇଥାନ୍ତି, ସେମାନଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଶିକ୍ଷକ ମାନଙ୍କର ଧ୍ୟାନ ରହିଥାଏ ଓ କିନ୍ତୁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଇ ନାହିଁ ଓ ମଧ୍ୟମିକ ଓ ଉଚ୍ଚ୍ଚ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ଓ କେବଳ ଆମ ରାଜ୍ୟରେ ନୁହେଁ,ସମଗ୍ର ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରାଥମିକ ଶିକ୍ଷା ଅବହେଳିତ ଓ ବିପର୍ଯ୍ୟସ୍ତ ଓ ଆମ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ଓ ମଡେଲ ସ୍କୁଲଠୁ ଆରମ୍ଭ କରି ଶିକ୍ଷକ ନିଯୁକ୍ତି ଯାଏ ପ୍ରାଧାନ୍ୟ ଦିଆଯାଉଛି ଓ ହେଲେ ରାଜ୍ୟର ୮୦ ପ୍ରତିଶତ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ଚାଲିଛି ସ୍କୁଲ ଓ ଏପରି ଏହି ଗୁରୁ ଦାୟିତ୍ୱ ବହନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଶିକ୍ଷକ ଓ ବାଧ୍ୟ ବାଧକତାରେ ଦାୟିତ୍ୱ ନେଉଛନ୍ତି ହେଲେ ସେହି ଶିକ୍ଷକମାନେ ପାଠ ପଢ଼ାଇବେ ନା ସରକାରୀ କାର୍ଯ୍ୟକ୍ରମକୁ ଦେଖିବେ,ସେ ନେଇ ସଂକଟରେ ରହୁଛନ୍ତି ଓ ରାଜ୍ୟରେ ୪୫ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟ ରହିଛି ଓ ଏଥିରେ ପ୍ରାଥମିକ,ଉଚ୍ଚ୍ଚ ପ୍ରାଥମିକ ଓ ମାଧ୍ୟମିକ ମଧ୍ୟ ଅନ୍ତର୍ଭୁକ୍ତ ଓ ସବୁଠୁ ଆଶ୍ଚର୍ଯ୍ୟର କଥା ଯେଉଁଠି ହାଇସ୍କୁଲ ରହିଛି ସେଠାରେ ଅଧିକାଂଶ ସ୍କୁଲରେ ସେଠାରେ ଅଧିକାଂଶ ସ୍କୁଲରେ ସ୍ୱତନ୍ତ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି ଓ ଓଡିଶା ଶିକ୍ଷା ସେବା (ଓଇଏସ) ରାଙ୍କ ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି ଓ ଯେଉଁଠି ପ୍ରାଥମିକ,ଉଚ୍ଚ୍ଚ ପ୍ରାଥମିକ ଓ ହାଇସ୍କୁଲ ମିଶି ରହିଛି ସେଠାରେ ଜଣେ ପ୍ରଧାନ ଶିକ୍ଷକ ପ୍ରାଥମିକ ସ୍କୁଲର ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି ଓ ପ୍ରାଥମିକ ସ୍କୁଲର ଦୂରବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି ଓ ସରକାରୀ ତଥ୍ୟ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ୬୭୮ ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଥିବାବେଳେ,ଉଚ୍ଚ୍ଚ ପ୍ରଥମିକରେ ୧୨,୨୨୫ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ମୋଟ ୧୮ ହଜାର ୨୦୯ଟି ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଓ କହିବାକୁ ଗଲେ ପ୍ରାୟ ୮୦ରୁ ୮୫ ପ୍ରତିଶତ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେଉଁଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ ଓ ପ୍ରାଥମିକ ସ୍କୁଲରେ ସିଧାସଳଖ ନିଯୁକ୍ତି ନେଇ କୌଣସି ସରକାରୀ ପ୍ରାବଧାନ ନାହିଁ ଓ ସରକାର ଏହି ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ଓ ସମସ୍ତ ପ୍ରାଥମିକ ସ୍କୁଲରେ ସିଧାସଳଖ ପ୍ରଧାନ ଶିକ୍ଷକ ନିଯୁକ୍ତି ପ୍ରାବଧାନ ନେଇ ସରକାର ତୁରନ୍ତ ବିଚାର କରନ୍ତୁ ଏବଂ ସେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନର ସୁବନ୍ଦୋବସ୍ତ କରାଯାଉ । ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବା ପାଇଁ ଟଣା ଓଟରା,ଅନିଚ୍ଛା ପ୍ରକାଶ ଅନେକ କ୍ଷେତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି କରୁଥିବା ଦୃଷ୍ଟିରୁ ଏପରି ପରିସ୍ଥିତିର କିପରି ନିର୍ଣ୍ଣାୟକ ସମାଧାନ ହୋଇପାରିବ,ସେଇ ଦିଗ ଗୁଡିକ ଉପରେ ସମ୍ବେଦନଶୀଳତାର ସହିତ ବିଚାର ବିମର୍ଶ କରି ନିଷ୍ପତ୍ତି ଗ୍ରହଣ କରାଯିବା ନିହାତି ଆବଶ୍ୟକ ଓ ଅନେକ କ୍ଷେତ୍ରରେ ଦେଖାଯାଉଛି ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାକୁ ଅମଙ୍ଗ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବୁଝାସୁଝା କରି ଜୋରଜବରଦସ୍ତ ଦାୟିତ୍ୱ ପ୍ରଦାନ କରୁଛନ୍ତି ଓ ଯେଉଁଠି ଜଣେ ମାତ୍ର ଶିକ୍ଷକ ଅଛନ୍ତି, ସେଠାରେ ପରିସ୍ଥିତି ସାଙ୍ଘାତିକ ହେଉଛି ଏବଂ ଏହାର ଗୁରୁତର ପ୍ରଭାବ ସ୍କୁଲ ପରିଚାଳନା, ଶିକ୍ଷାଦାନ କ୍ଷେତ୍ରରେ ଦେଖିବାକୁ ମିଳୁଛି ଓ ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରୁନାହାନ୍ତି ଓ ସେମାନଙ୍କ ଉପରେ ଶିକ୍ଷକ ଯେତିକି ନଜର ଓ ନିୟନ୍ତ୍ରଣ ରଖିବା କଥା,ତାହାର ଘୋର ଅଭାବ ଦେଖା ଦେଉଛି ଓ ସ୍କୁଲର ପରିବେଶ,ସ୍ୱଚ୍ଛତା ଆଦି ବିଷୟରେ ନକହିବା ଭଲ ଓ ଶିକ୍ଷକମାନେ ଅଧିକ ଚାପରେ ଭାରାକ୍ରାନ୍ତ ରହୁଛନ୍ତି ଓ ଏପରିକି ଅନେକ ସ୍କୁଲରେ ଗଣ ଶିକ୍ଷକ, ଶିକ୍ଷା ସହାୟକ ଥିବା ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାର ଦିଆଯାଇଛି ଯାହାକି ସୂଚାରୁ ରୂପେ ସମ୍ପାଦନ କରିବେ ବୋଲି ସେମାନଙ୍କ ଠାରୁ ଆଶା କରାଯାଇନପାରେ ଓ ପ୍ରତି ବ୍ଲକରେ ଏପରି ଅବସ୍ଥା ରହିଛି ଓ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସ୍କୁଲରୁ ୮୩ଟି ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ଗଞ୍ଜାମ ଜିଲ୍ଲାରେ ହାଇସ୍କୁଲରେ ୩୦୦ରୁ ଅଧିକ ପ୍ରଧାନଶିକ୍ଷକ ପଦବି ଖାଲି ପଡିଛି ଓ କେନ୍ଦୁଝର ଜିଲ୍ଲାରେ ୪୫୦ରୁ ଅଧିକ ସ୍କୁଲରେ ଏପରି ସ୍ଥିତି ରହିଛି ଓ ଗୋଟିଏ କି ଦୁଇଟି ଜିଲ୍ଲାରେ ନୁହେଁ,ସାରା ରାଜ୍ୟରେ ଏଭଳି ସ୍ଥିତି ନେଇ ବୁଦ୍ଧିଜୀବୀ,ଶିକ୍ଷାବିତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ଓ ପାଠ୍ୟକ୍ରମ ପରିବର୍ତ୍ତନ,ନୂଆ ସ୍କୁଲ ଖୋଲିବା ପରିବର୍ତ୍ତେ ? ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ,ଉଚ୍ଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲରେ ଅଧିକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ସହ ନିୟମିତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଜଣେ ଶିକ୍ଷକଙ୍କୁ ରଖାଯିବା ନେଇ ସରକାର ଦୃଢ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ଓ ବଜେଟରେ ମଧ୍ୟ ପ୍ରାଥମିକରୁ ହାଇସ୍କୁଲ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ପାଇଁ ବିହିତ ପ୍ରାବଧାନ ରଖାଯିବା ଉଚିତ ଓ ଏଥିପାଇଁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଅନୁଭୂତ ହେଉଛି ଓ ତେଣୁ ଶିକ୍ଷାରେ ପ୍ରଥମିକତାକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରୁ ପିଲାମାନଙ୍କ ମୂଳଦୁଆକୁ ମଜଭୁତ କରିବାକୁ ହେବ ଓ ସେଥିପାଇଁ ଯେଉଁସବୁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ସେଗୁଡିକ ପୂରଣ କରିବା ପାଇଁ ନିଷ୍ଠାପର ଉଦ୍ୟମ କରାଯିବା ସହିତ ସ୍କୁଲ ଓ ଗଣଶିକ୍ଷା ବିଭାଗର କ୍ଷମତା ପରିସର ବୃଦ୍ଧି ଉପରେ ଜୋର ଦିଆଗଲେ ଭବିଷ୍ୟତ ପିଢ଼ିର ମଙ୍ଗଳ ଓ ଉନ୍ନତି ସୁନିଶ୍ଚିତ ହୋଇପାରିବ ।

# ୟୁରୋପ ବଜାରରେ ଭାରତର ପ୍ରବେଶ

**ସୌମେନ୍ଦ୍ର ଜେନା**

ନିକଟରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଶେଷ ହୋଇସାରିଛି । ଏଥିପାଇଁ ୟୁରୋପୀୟ ସଂଘର ବହୁନେତା ଭାରତ ଆସିଥିଲେ । ୟୁରୋପୀୟ ସଂଘ କମିଶନର ଅଧ୍ୟକ୍ଷ ଉର୍ସୁଲା ତାଙ୍କ ବକ୍ତବ୍ୟରେ ଯେମିତି ଡାଭୋସରେ ଘୋଷଣା କରିଥିଲେ ସେମିତି ନୂଆଦିଲ୍ଲୀରେ ମଧ୍ୟ ବେଶ୍ ଆତ୍ମବିଶ୍ୱାସୀ ଜଣାପଡୁଥିଲେ । ପୃଥିବୀର ୨୦୦କୋଟି ଜନତାଙ୍କର ବିଶ୍ୱ ବାଣିଜ୍ୟର ଏକ ଚତୁର୍ଥାଂଶ ଜିଡିପି ରହିଥିବା ଏହି ଦୁଇ ଗଣତାନ୍ତ୍ରିକ ଶକ୍ତି ମଧ୍ୟରୁ ଗୋଟିଏ ବିଶ୍ୱର ଦ୍ୱିତୀୟ ଅର୍ଥନୀତି ହୋଇଥିଲା ବେଳେ ଅନ୍ୟଟି ଚତୁର୍ଥ ଅର୍ଥନୀତି ବୋଲି ସେ କହିଥିଲେ । ବିଶ୍ୱର ସର୍ବବୃହତ ବାଣିଜ୍ୟ ବୁଝାମଣା ଭାରତ ସହ କରିବା ପରେ ସେ ବିଶ୍ୱରେ ଯୋଗାଣଧାରାକୁ କାଏମ ରଖି ରୋଜଗାର ସୃଷ୍ଟି ଏକମୁଖୀ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି କହିଥିଲେ । ନୀତି ଆଧାରିତ ବାଣିଜ୍ୟ ଏବଂ ମୁକ୍ତ ଆର୍ଥିକ କାରବାର ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ, ୨୦୩୨ ସୁଦ୍ଧା ଏହି ବୁଝାମଣା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ ଏହାଦ୍ୱାରା ୟୁରୋପୀୟ ବସ୍ତୁ ଉପରେ ୪ ବିଲିଅନ ୟୁରୋ ବାର୍ଷିକ ବଞ୍ଚିବ । ବୁଝାମଣାରେ ଭାରତ ପ୍ରଥମଥର ପାଇଁ ଏକ ସହଯୋଗୀ ରାଷ୍ଟ୍ରସମୂହକୁ ଅଧିକ ସୁବିଧା ଦେବାକୁ ରାଜି ହୋଇଛି । ୟୁରୋପର ଦାମୀ କାର ଉପରୁ ବର୍ତ୍ତମାନ ରହିଥିବା ୧୧୦ ପ୍ରତିଶତ ଟିକସ ପରେ ୧୦ ପ୍ରତିଶତକୁ ହ୍ରାସ ପାଇବ । ମେସିନ ଉପରେ ଥିବା ୪୪ପ୍ରତିଶତ, ରାସାୟନିକ ପଦାର୍ଥରେ ୨୨ ପ୍ରତିଶତ ଏବଂ ଔଷଧ ଉପରେ ଥିବା ୧୧ ପ୍ରତିଶତ ଟିକସ ଶୂନ୍ୟସ୍ତରକୁ ଖସିଯିବ । ସେହିପରି ୟୁରୋପର ମଦ ଉପରେ ଥିବା ୧୫୦ପ୍ରତିଶତ ଟିକସ ୭୫ ପ୍ରତିଶତକୁ ଖସିବ । ପରେ ତାହା ୨୦ ପ୍ରତିଶତକୁ ହ୍ରାସ ପାଇବ । ଅଲିଭ ତେଲ ଉପରେ ଥିବା ୪୫ ପ୍ରତିଶତ ଟିକସ ଶୂନ୍ୟ ସ୍ତରକୁ ଖସିବ । ବିଦେଶୀ ପାଉଁରୁଟି ଏବଂ ଚକୋଲେଟ୍ ଉପରୁ ୫୦ ପ୍ରତିଶତ ଟିକସ ହ୍ରାସ ପାଇବ । ଏଆରଟେଲର ମାଲିକ ସୁନିଲ ଭାରତୀ ମିତ୍ତଲଙ୍କ ଭାଷାରେ "ଏହି ବୁଝାମଣା ବିଶ୍ୱାସ, ସ୍ଥିରତା ଏବଂ ବହୁ ଦିନପାଇଁ ସହଯୋଗୀ ହେବାଲାଗି ବିଶ୍ୱକୁ ସନ୍ଦେଶ ଦେଇଛି । ଏହା ଫଳରେ ଡିଜିଟାଲ ଭିତ୍ତିଭୂମି, ମହାକାଶରେ ସଂଯୋଗୀକରଣ, ନେଟୱାର୍କର ସୁରକ୍ଷା, ଭାରତରେ ନବସର୍ଜନ ପାଇଁ ୟୁରୋପର ସହଯୋଗ ସହ ବିଶ୍ୱବଜାରକୁ ଖୋଲିବ । ୟୁରୋପରେ ଟେଲିକମ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଏଆରଟେଲ ପାଇଁ ରାସ୍ତା ଫିଟିଛି ।" ଏହା ଯୋଗୁ ଭୋକ୍ସୱାଗନ, ମର୍ସିଡିସ ବେଞ୍ଜ ଏବଂ ରିନଲ୍ଟ ପରି କମ୍ପାନୀର ପ୍ରାୟ ବାର୍ଷିକ ୨,୫୦,୦୦୦ କାର ଉପରୁ ଟିକସ ହ୍ରାସ ପାଇବ । ରୁଷିଆକୁ ୨୦୨୨ରୁ ଯାଉନଥିବା କିମ୍ବା ଟିକସଯୁକ୍ତ ହୋଇ ଆମେରିକା ଯାଉଥିବା ୟୁରୋପର କାରଗୁଡିକ ଭାରତର ବଡ ବଜାରରେ ସୁବିଧାରେ ବିକ୍ରିର ସୁଯୋଗ ଲାଭ କରିବେ । ସେମିତି ଭାରତର ଚମଡା, ସାମୁଦ୍ରିକ ଦ୍ରବ୍ୟ, ପୋଷାକପତ୍ର, ରାସାୟନିକ ପଦାର୍ଥ, ରବର, ଖଣିଜଦ୍ରବ୍ୟ, ମୂଲ୍ୟବାନ ପଥର, ଅଳଙ୍କାର ଆଦି ୟୁରୋପର ବଜାରରେ ବିକ୍ରିର ସୁବିଧା ପାଇବେ । ଭାରତରେ କ୍ଷୀର, ଘିଅ, ଲହୁଣି ପରି ଦୁଗ୍ଧଜାତ ପଦାର୍ଥ କ୍ଷେତ୍ରରେ ୟୁରୋପର କମ୍ପାନୀ ବିକ୍ରି ସୁବିଧା ପାଇବେ ନାହିଁ । ସେମିତି ୟୁରୋପରେ ଭାରତର ଚିନି, ମାଂସ, କୁକୁଡା ପରି ପଦାର୍ଥ ବିକ୍ରି ସୁବିଧା ପାଇବେ ନାହିଁ । ଦକ୍ଷତାଯୁକ୍ତ ଯୁବକ ଏବଂ ଶ୍ରମିକ ଉଭୟ ଦେଶରେ ନିଯୁକ୍ତି ସୁଯୋଗ ଲାଭ କରିବେ ।

ମାର୍ଚ୍ଚ ୨୦୨୫ସୁଦ୍ଧା ୟୁରୋପୀୟ ସଂଘର ଦ୍ୱିପାକ୍ଷିକ ବାଣିଜ୍ୟ ଭାରତ ସହ ୧୯୬ ବିଲିଅନ ଡଲାର ଥିଲା । ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୨ ବିଲିଅନ ଡଲାର ରହିଥିଲା । ଚୀନ-ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୪ ବିଲିଅନ ଡଲାର ରହିଥିଲା । ମୁକ୍ତ ବାଣିଜ୍ୟ ବୁଝାମଣା ପରେ କଟକଣା ଯୋଗୁ ଭାରତରୁ ଆମେରିକାକୁ ଯାଉନଥିବା ବସ୍ତୁ ୟୁରୋପରେ ବିକ୍ରିର ସୁବିଧା ପାଇବ । ନିକଟରେ ଆମେରିକା ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଘୋଷଣା କରିଥିଲେ ମଧ୍ୟ ବଙ୍ଗଳାଦେଶ ସହ ଆଗୁଆ ଶୂନ୍ୟ ତାରିଫଯୁକ୍ତ ବାଣିଜ୍ୟ କରିବାକୁ ପ୍ରକାଶ କରିଛି । ଆମେରିକାର ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ବୁଝାମଣା ପରେ ମଧ୍ୟ ବିଶ୍ୱାସ ଦୃଷ୍ଟିରୁ ଭାରତରେ ଦୁର୍ବଳ ରହିବ । ଅନେକ ରାଷ୍ଟ୍ର ଚୀନ ଏବଂ ଆମେରିକା ଉପରୁ ଭରସା ତୁଟାଇଥିବା ହେତୁ ଭାରତ ଉପରେ ଭରସା କରିବା ସ୍ୱାଭାବିକ । ଭାରତ ପରି ସର୍ବବୃହତ ଜନବହୁଳ ଏବଂ ବଡ ବଜାର ଅନ୍ୟ କୌଣସି ଦେଶରେ ମିଳିବ ନାହିଁ । କାରଣ ଆମେରିକା ଆଉ ଭରସାଯୋଗ୍ୟ ଦେଶ ହୋଇ ରହିନାହିଁ ବୋଲି ଜେପି ମୋର୍ଗାନ ସଂସ୍ଥାର ସିଇଓ ଜେମି ଡିମୋନ ପ୍ରକାଶ କରିଛନ୍ତି । ୟୁରୋପର ୧୪୪ଟି ସବ୍‌ସେକ୍ଟର କ୍ଷେତ୍ରରେ ଭାରତ ପ୍ରବେଶ କରିବ । ସେମିତି ଭାରତରେ ୧୦୨ଟି ସବ୍‌ସେକ୍ଟର କ୍ଷେତ୍ରରେ ୟୁରୋପ ସେବା ଦେବ । ପାରମ୍ପାରିକ ଔଷଧ ପ୍ରଚଳିତ ନଥିବା ଅଞ୍ଚଳରେ ଭାରତର ଔଷଧ ପ୍ରବେଶ ସୁବିଧା ଲାଭ କରିବ ।

ମୁକ୍ତ ବାଣିଜ୍ୟ ବୁଝାମଣାରେ କୃତ୍ରିମ ବୁଦ୍ଧିମତ୍ତା, ସ୍ୱଚ୍ଛ ଟେକ୍‌ନୋଲୋଜୀ, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ୟୁରୋପୀୟ ସଂଘରୁ ସହଯୋଗ ମିଳିବ । ୟୁରୋପର ୨ ଟ୍ରିଲିଅନ ବଜାରରେ ଭାରତ ପ୍ରବେଶ କରିବ । ୨୦୩୦ସୁଦ୍ଧା ଭାରତ ୟୁରୋପକୁ ୩୦୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିବାକୁ ଲକ୍ଷ୍ୟ ରଖିଛି । ଦେଶର ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ ଏବଂ ତାମିଲନାଡୁର କ୍ଷୁଦ୍ର ଏବଂ କୁଟୀରଶିଳ୍ପ ଏଥିରୁ ଲାଭବାନ ହେବେ । ବିଶେଷକରି ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ଭାରତ ଓ ୟୁରୋପୀୟ ସଂଘ ଉଭୟେ ଲାଭବାନ ହେବେ । ଯୁଦ୍ଧପୋତ ନିର୍ମାଣ, ବାଣିଜ୍ୟପୋତ ନିର୍ମାଣ, ବୁଡାଜାହାଜ ନିର୍ମାଣ, ବିମାନ ନିର୍ମାଣ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ଦକ୍ଷ କମ୍ପାନୀଗୁଡିକ ସହ ମିଶି କାର୍ଯ୍ୟକରିପାରିବ । ସ୍ୱିଡେନର ଫାବ୍ କମ୍ପାନୀ ଦ୍ୱାରା ନିର୍ମିତ ଗ୍ରୀପେନ ଯୁଦ୍ଧବିମାନ ଭାରତରେ ନିର୍ମାଣ ପାଇଁ ଏବେ ଇଚ୍ଛାପ୍ରକାଶ କରିଛି । ଦୁଇଦେଶର କମ୍ପାନୀଗୁଡିକ ମଧ୍ୟରେ ସହଯୋଗ ବଢିଲେ ଭାରତର କୁଶଳୀ ଶ୍ରମିକ ଏବଂ ୟୁରୋପର ନିବେଶର ସହଯୋଗରେ ନାହିଁ ନଥିବା କାର୍ଯ୍ୟ ସମ୍ଭବ ହେବ । ଏହି ବୁଝାମଣା ପରେ ବ୍ରିକ୍ସ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦୂରତା ହ୍ରାସ ପାଇବ । ଫ୍ରାନ୍ସ, ଇଟାଲୀ ଏବଂ ଜର୍ମାନୀ ବ୍ରିକ୍ସରେ ଯୋଗଦେବାକୁ ଆଗ୍ରହୀ ରହିଛନ୍ତି । ଭାରତର ମାଧ୍ୟମରେ ଏହା ସମ୍ଭବ ହେଲେ ୟୁରୋପରେ ଯୁଦ୍ଧ ଭୟ ହ୍ରାସ ହେବ ଏବଂ ଆମେରିକା କ୍ଷତି ସହିବ ।

ନବସର୍ଜନ, ଶିକ୍ଷା, ଗବେଷଣା ପରି ବହୁବିଧ କ୍ଷେତ୍ରରେ ବୁଝାମଣାର ପ୍ରଭାବ ପଡିବ । ୟୁରୋପର ୨୬୩.୫ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବଜାର ଏବେ ଭାରତ ପାଇଁ ଖୋଲିଯିବ । ବିନା ଶୁଳ୍କରେ ଭାରତର ବସ୍ତ୍ର ୟୁରୋପର ବଜାରରେ ପ୍ରବେଶ କରିବ । ଏବେ ବାର୍ଷିକ ୭ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ଭାରତ ୟୁରୋପକୁ ରପ୍ତାନୀ କରୁଛି । ଅଥଚ ବଙ୍ଗଳାଦେଶ ବିନା ଶୁଳ୍କରେ ବାର୍ଷିକ ୩୦ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ୟୁରୋପକୁ ରପ୍ତାନୀ କରିଆସୁଛି । ତେଣୁ ଭାରତ ୩୦-୪୦ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବାର୍ଷିକ ରପ୍ତାନୀ କରିପାରିବ । ୟୁରୋପକୁ ଭାରତ ପ୍ରତିବର୍ଷ ୬୦ପ୍ରତିଶତ ପ୍ରସ୍ତୁତ ବେଶପୋଷାକ ରପ୍ତାନୀ କରୁଛି । ତା ପଛକୁ କପଡା ୧୭ପ୍ରତିଶତ ଏବଂ ଫାଇବର ପୋଷାକ ୧୨ପ୍ରତିଶତ ରପ୍ତାନୀ କରୁଛି । ଭାରତରେ ୪୫୦ଲକ୍ଷ ଲୋକ ସିଧାସଳଖ ବସ୍ତ୍ର ଉଦ୍ୟୋଗରେ କାର୍ଯ୍ୟ କରୁଛନ୍ତି । ଦେଶର ୩୪୨ଟି ଜିଲ୍ଲାର ଲୋକେ ଏହି ଶିଳ୍ପରେ ସାମିଲ ଅଛନ୍ତି । ପ୍ରସ୍ତୁତ ପୋଷାକ ତିରୁପୁର, ବେଙ୍ଗାଲୁରୁ, ଗୁରୁଗ୍ରାମ, ଫରିଦାବାଦରୁ ଯାଉଥିବାବେଳେ କପଡା ବସ୍ତ୍ର କାରୁର, ପାନିପତ, ଅହମ୍ମଦାବାଦରୁ ଏବଂ ସିନ୍ଥେଟିକ ପୋଷାକ ସୁରତ, ଦାଦ୍ରା ଓ ନଗର ହାବେଳି, ମୁମ୍ବାଇରୁ ମୁଖ୍ୟତଃ ପ୍ରସ୍ତୁତ ହୋଇ ରପ୍ତାନୀ ହେଉଛି । ସେହିପରି ସିଲ୍କ କ୍ଷେତ୍ରରେ ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ବିହାରର ବୁଣାକାର କାର୍ଯ୍ୟ କରୁଛନ୍ତି । ୨୦୧୯ରେ ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷକରି ଭିଏତନାମ ପରି ଦେଶ ଏବେ ୧୪ରୁ ବିଲିଅନ ୧୬ଡଲାର ମୂଲ୍ୟର ପୋଷାକ ପ୍ରତିବର୍ଷ ରପ୍ତାନୀ କରୁଛି । ଏଥିରୁ ଭାରତ ଶିକ୍ଷା କରିପାରିବ । ରପ୍ତାନୀ ବଢିଲେ ଏହି ଶିଳ୍ପରେ ରୋଜଗାର ଏବଂ ନିଯୁକ୍ତି ମଧ୍ୟ ବୃଦ୍ଧିପାଇବ । ୟୁରୋପ ଅନେକ ସାମଗ୍ରୀ ପାଇଁ ଚୀନ କିମ୍ବା ଆମେରିକା ଉପରେ ନିର୍ଭର କରିବ ନାହିଁ, ଏକଥା ସତ । ଅକ୍ଟୋବର ୨୦୨୫ରେ ଭାରତ-ଇକୋନୋମିକ ପାର୍ଟନରସିପ ଏଗ୍ରିମେଣ୍ଟୟୁରୋପର ସ୍ୱିଜରଲାଣ୍ଡ, ନରୱେ,ଆଇସଲାଣ୍ଡ, ଲିଚେନଷ୍ଟେନ ସହ ହୋଇଥିଲା । ସେଥିରେ ଏହିସବୁ ରାଷ୍ଟ୍ର ଆସନ୍ତା ୧୫ ବର୍ଷରେ ଭାରତରେ ୧୦୦ ବିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରଦାନ କରିଥିଲେ । ସେମିତି ଡିସେମ୍ବର ୨୦୨୫ରେ ଭାରତ-ଓମାନ ବ୍ୟାପକ ଆର୍ଥିକ ସହଯୋଗ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସେଥିରେ ୯୮ ପ୍ରତିଶତ ଭାରତର ବସ୍ତୁ ଶୁଳ୍କ ମୁକ୍ତ ଭାବେ ଓମାନର ବଜାରରେ ପ୍ରବେଶାଧିକାର ଲାଭ କରିଥିଲା ।

ଦେଖିବାକୁ ଗଲେ କୋରୋନା ସମୟରୁ ପୃଥିବୀର ଅନେକ ଦେଶର ଆର୍ଥିକସ୍ଥିତି ଖରାପ ରହିଆସିଛି । ହେଲେ ନରେନ୍ଦ୍ର ମୋଦିଙ୍କ ଦକ୍ଷତା, ନେତୃତ୍ୱ ଏବଂ ଆର୍ଥିକ ପରିଚାଳନା ଓ ନୀତି ଯୋଗୁ ଭାରତ ବିଶ୍ୱରେ ବିକାଶଧାରାରେ ଆଗରେ ରହିଆସିଛି । ଭାରତର ପ୍ରଗତି, ଆର୍ଥିକ ବିକାଶ ମୂଳରେ ଅନ୍ତ୍ୟୋଦୟ ବିଚାର ରହିଛି, ଅନ୍ୟ ଦେଶମାନଙ୍କୁ ସାଙ୍ଗରେ ଆଗକୁ ନେବାର ରହିଛି । ସେଥିପାଇଁ ଆମେରିକାର ଦାଦାଗିରି, ଅହଙ୍କାର, ସାମ୍ରାଜ୍ୟବାଦୀ ମାନସିକତାକୁ ପଛକରି ୟୁରୋପ ଭାରତ ଉପରେ ଆସ୍ଥା ପ୍ରକଟ କରିଛି । ଏକଥା ସତ ଯେ ଏକବିଂଶ ଶତାବ୍ଦୀ ଭାରତର ଏବଂ ତାହା ଏବେ ସ୍ପଷ୍ଟ ହେବାରେ ଲାଗିଛି । ଆଗାମୀ ଦିନରେ ବ୍ରାଜିଲ, କାନାଡା ଆଦି ରାଷ୍ଟ୍ର ସହ ବୁଝାମଣା ତା'ର ପ୍ରମାଣ ହେବ । ବିଶ୍ୱ ଏବେ ଭାରତମୁହାଁ ହୋଇଛି ଏବଂ ଆଗକୁ ହେବ । ଆମର ଦାୟିତ୍ୱ ଏହାକୁ ବଜାୟ ରଖିବା । ଟ୍ରମ୍ପ ବିଶ୍ୱକୁ ନାଲିଆଖି ଦେଖାଇ, ଶୁଳ୍କ ଲଗାଇ, ଦେଶ ଜବରଦଖଲର ଭୟ ଦେଖାଇ, ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଦେଶଭିତରୁ ଅପହରଣ କରିଆଣି ସାରା ବିଶ୍ୱକୁ ସନ୍ତ୍ରସ୍ତ କରିବାକୁ ଚେଷ୍ଟା କରିବା ସମୟରେ ମୋଦି ଟ୍ରମ୍ପଙ୍କ ସହ କଥା ନହୋଇ, ଅନେକ ବିଷୟରେ ମନ୍ତବ୍ୟ ନଦେଇ, ଟ୍ରମ୍ପଙ୍କ ଶୁଳ୍କ ଧମକ ଆଗରେ ଭୟ ନକରି ଯେପରି ସାହସ ଓ ଧୈର୍ଯ୍ୟର ସହ ଭାରତ ପାଇଁ ବିକଳ୍ପ ବଜାର ଖୋଲିବାକୁ ସକ୍ଷମ ହେଲେ ତାହା ବେଶ୍ ପ୍ରଶଂସନୀୟ । ଆଗାମୀ ଦିନରେ ଭାରତ ପାଇଁ ଏହା ବନ୍ଧୁ ଅର୍ଜନର କାରକ ହେବ ।

ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟିକ ବୁଝାମଣାକୁ ଦେଖି ଆମେରିକାର ଟ୍ରମ୍ପ ପ୍ରଶାସନର ବୁଦ୍ଧି ହଜିଯାଇଛି । ପ୍ରଶାସନର ସରକାରୀ ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି, ରୁଷିଆଠାରୁ ତେଲ କିଣିବା ଯୋଗୁ ଆମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲୁ । କିନ୍ତୁ ପରିଣତି କଣ ହେଲା ? ୟୁରୋପୀୟ ରାଷ୍ଟ୍ରଗୁଡିକ ଭାରତ ସହ ବାଣିଜ୍ୟିକ ବୁଝାମଣା କଲେ । ସେମିତି ୱିସଡମ୍ ଟ୍ରି ଫଣ୍ଡସର ବିଶ୍ୱ ନିବେଶ ଅଧିକାରୀ ଜେରେମି ସ୍କାର୍ଜ କହିଛନ୍ତି, "ଉଦାରୀକରଣ ପରେ ଭାରତ ପ୍ରଥମେ ଆମେରିକା ସହ ବାଣିଜ୍ୟ ବୁଝାମଣା କରିବ ବୋଲି ମୁଁ ମନେ ମନେ ଭାବିଥିଲି । ଏ କ୍ଷେତ୍ରରେ ୟୁରୋପ ଆମକୁ ହରାଇଦେଲା ।" ଏହି ବୁଝାମଣାରୁ ଭାରତ ସବୁଠୁ ଅଧିକ ଲାଭାନ୍ୱିତ ହେବ ବୋଲି ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀର ପ୍ରକାଶ କରିଛନ୍ତି । ଭାରତ ସହ ୟୁରୋପ ମୁକ୍ତ ବାଣିଜ୍ୟ ବୁଝାମଣା କରି ଠିକ୍ କରିନାହିଁ ବୋଲି ଟ୍ରମ୍ପଙ୍କ ପ୍ରଶାସନ ମତ ଦେଇଛି । ଏହାର କାରଣ ହେଲା ୟୁରୋପ ସହ ଆମେରିକା ବାର୍ଷିକ ୩୦୦ ବିଲିଅନ ଡଲାରର ବ୍ୟବସାୟ କରିଥାଏ । ୟୁରୋପ ସହ ଭାରତର ବୁଝାମଣାପରେ ଆମେରିକାର ଅନେକ ବାଣିଜ୍ୟ ଭାରତ ନେବ, ଏଥିରେ ସନ୍ଦେହ ନାହିଁ । ୟୁରୋପରେ ଭାରତର ଖେଳ ଏବେ ଆମେରିକାକୁ ଚିନ୍ତାରେ ପକାଇ ଦେଇଛି । ଭାରତ-ୟୁରୋପ ମଧ୍ୟରେ ପ୍ରତିରକ୍ଷା ଓ ଟେକ୍‌ନୋଲୋଜୀ ସହଯୋଗ ବଢିଲେ ଆମେରିକାର ଅଧିକ କ୍ଷତି ହେବ ଏହା ନିଶ୍ଚିତ । ରୁଷିଆ ଏବଂ ୟୁରୋପ ମଧ୍ୟରେ ଭାରତ ସନ୍ତୁଳନ ରକ୍ଷାକାରୀ ଭାବେ କାର୍ଯ୍ୟକଲେ ତାହା ଆମେରିକାର ସ୍ୱାର୍ଥକୁ ଅଧିକ କ୍ଷତି ପହଞ୍ଚାଇବ । ଏହି ବୁଝାମଣା କେବଳ ଆରମ୍ଭ ମାତ୍ର, ଆଗାମୀ ଦିନରେ ବହୁତ କିଛି ହେବାକୁ ବାକି ଅଛି ବୋଲି କହିଛନ୍ତି ଉର୍ସୁଲା ଭନଡେର ଲାୟେନ । ଏହି ବୁଝାମଣା ୨୦୨୭ ବେଳକୁ ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବ, ଦୁଇପକ୍ଷ ମଧ୍ୟରେ ଅନେକ କିଛି ଭଲକାର୍ଯ୍ୟ ହେବ, ସମସ୍ତଙ୍କ ଦୃଷ୍ଟିକୁ ଆସିବ ବୋଲି କୁହାଯାଉଛି । ତେବେ ଏହି ବୁଝାମଣା ସବୁଦୃଷ୍ଟିରୁ ଯେମିତି ବଡ, ସେମିତି ବ୍ୟାପକ । ଭାରତ ଏକିବଂଶ ଶତାବ୍ଦୀର ନେତୃତ୍ୱ ନେଉଛି, ଆଗାମୀ ଦିନମାନଙ୍କରେ ମଧ୍ୟ ନେବ, ଏହା କେବଳ ପ୍ରକୃତରେ ଅୟମାରମ୍ଭ ମାତ୍ର ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ମହାପ୍ରଭୁଙ୍କ ଚାଚେରୀ ବେଶ ଓ ନୀତି

**କବୀର କୁମାର ଜେନା**

ଲୀଳାମୟ ମହାପ୍ରଭୁଙ୍କ ବାରମାସରେ ତେର ପର୍ବ । ଶ୍ରୀ ମନ୍ଦିରରେ ବିଭିନ୍ନ ନୀତିକାନ୍ତି ଭିତରେ ଅନ୍ୟତମ ପରମ୍ପରାର ଉତ୍ସବ ହେଉଛି ଦୋଳଯାତ୍ରା ବା ବସନ୍ତ ଉତ୍ସବ । ଏହି ଉତ୍ସବର ବଡ଼ କଥା ହେଉଛି ବସନ୍ତ ଋତୁର ଆଗମନ ହୋଇଥାଏ । ଆମେ ସମସ୍ତେ ବସନ୍ତ ଋତୁକୁ ଋତୁ ଶ୍ରେଷ୍ଠ ବା ଋତୁରାଜ ବସନ୍ତ କହିଥାଉ । ଫଗୁଣ ମାସର ଶୁକ୍ଳ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ରତ୍ନସିଂହାସନରେ ଶ୍ରୀଜୀଉଙ୍କ ଅପୂର୍ବ ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ । ଚାଚେରୀ ଶବ୍ଦ ସ୍ୱାଭାବିକ ଭାବେ ଏକ କୌତୁହଳ ସୃଷ୍ଟି କରିଥାଏ । ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ଦ୍ୱିପ୍ରହର ଧୂପ ନୀତି ପରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫଗୁ ଲାଗି ହୋଇଥାଏ । ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ସୁସଜ୍ଜିତ ବିମାନରେ ବିଜେ ହୋଇଥାନ୍ତି ଓ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି । ଶ୍ରୀଜୀଉଙ୍କ ବସ୍ତ୍ର ଲାଲ ବର୍ଣ୍ଣର ହୋଇଥାଏ । ମହାପ୍ରଭୁଙ୍କ ନଳୀ ଭୂଜରେ ଶଙ୍ଖଚକ୍ର ଓ ବଳଭଦ୍ରଙ୍କ ନଳୀ ଭୂଜରେ ହଳଷ ମୂଷଳ ଖୋଦିତ ହୋଇଥାଏ । ଶ୍ରୀଜୀଉଙ୍କ ଚାଚେରୀ ବେଶ ଅପୂର୍ବ ମନୋରମ ଭାବ ପ୍ରକଟିତ କରିଥାଏ ।(କ୍ରମଶଃ)

# ନାରୀ ଚେତନାର ମାର୍ମିକ ଅନ୍ତଃସ୍ୱର

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆମ ଜୀବନର ସ୍ୱପ୍ନର ସମ୍ପର୍କ ଖୁବ୍ ନିବିଡ଼ । କେହି ଛୋଟ ସ୍ୱପ୍ନ ଦେଖେ, କେହି ବଡ଼ । ଆଜି ଆମକୁ ଆଶ୍ଚର୍ଯ୍ୟ କରିଦେବା ପରି ଯେଉଁ ମେସିନ୍ ଓ ଜ୍ଞାନକୌଶଳ ଦେଖୁଛୁ ସେଥିପାଇଁ ପ୍ରଥମେ କେହି ଜଣେ ସ୍ୱପ୍ନ ଦେଖିଥିଲା ନିଶ୍ଚୟ । ସ୍ୱପ୍ନ ସାକାର ହେବା ପାଇଁ ସମୟ ଲାଗେ । ମାତ୍ର ଯଦି ହୃଦୟରେ ଉତ୍ସାହ, ନିଷ୍ଠା, ପରିଶ୍ରମର ଇଚ୍ଛା ଥାଏ ତେବେ ଏହା ପୂର୍ଣ୍ଣ ହୋଇଯାଏ । କୁହାଯାଏ ଆମେ ଯାହା ଚିନ୍ତାକରୁ ତାହା ହିଁ ପାଉ । କେହି କେହି ଏକାନ୍ତରେ ବସି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି । ସେ ବିଷୟରେ ଆଲୋଚନା ମଧ୍ୟ କରନ୍ତି, ହେଲେ ତାକୁ ସଫଳ କରିବା ଦିଗରେ କୌଣସି ଚେଷ୍ଟା କରନ୍ତି ନାହିଁ । ଏପରି ସ୍ୱପ୍ନରୁ କିଛି ମିଳେନି, କେବଳ ସମୟ ନଷ୍ଟ ହୁଏ । ସ୍ୱପ୍ନ ସମ୍ପର୍କରେ ଆଲୋଚନା କଲାବେଳେ କିଛି ଜୀବନନାମା ମନେପଡୁଛି । ଗୋଟିଏ ସରଳ ନାରୀର ଅନ୍ତସ୍ୱର ଅନେକ ଶୁଣି ପାରନ୍ତି ନାହିଁ । ବାସ୍ତବ କଥା ହେଉଛି କେବଳ ତଥାକଥିତ ଡିଗ୍ରୀ ହାତକୁ ଆସିଲେ କ'ଣ ନାରୀର ଅସଲ ଜୀବନଟି ବଦଳି ଯାଏ ? ଅନେକଙ୍କ ସ୍ୱପ୍ନ, ଜୀବନର ସଂକଳ୍ପ ଇପ୍ସିତ ଭାବନା ସବୁକିଛି ବିବାହ ଓ ତେଲଲୁଣର ଜଞ୍ଜାଳ, କର୍ମ ସଂସ୍ଥାନ ଓ ଦାୟିତ୍ୱ ଭିତରେ ଚାପି ହୋଇଯାଏ । ଏହା ହେଉଛି ଆମ ସମାଜର ସେହି ଶିକ୍ଷିତା ନାରୀଟିର କାହାଣୀ ଯାହା କେବଳ କାହାଣୀ ବା ମନଗଢ଼ା ଗପନୁହେଁ । ଏହା ମାର୍ମିକ ଅନ୍ତଃସ୍ୱର ଓ ଜୀବନର ମାର୍ମିକ ସତ୍ୟ । ପୁସ୍ତକ ପଢ଼ିବା ବେଳେ ଅନେକ ସଫଳତାକୁ ପଢ଼ିଥିଲା ଓ ବୁଝିଥିଲା କିନ୍ତୁ ତାକୁ ଜୀବନ ଶିଖାଇ ଦେଲା ଯେ ଜୀବନ ହେଉଛି ବୁଝାମଣା । ଶିକ୍ଷା ଥାଇ, ପ୍ରତିଭା ଥାଇ ସବୁକିଛି ଥାଇ ବି ସୁଯୋଗ କେବେ ସାଥୀ ହୋଇପାରିଲା ନାହିଁ ।



ଜୀବନର ସଫଳତାର ନିର୍ଦ୍ଧାରଣ ସବୁଠାରୁ ପ୍ରଥମେ ମନ ଭିତରେ ହୁଏ । ନିଷ୍ଠା ସହ ପରିଶ୍ରମ ଦ୍ୱାରା ସେହି ଲକ୍ଷ୍ୟ ପୂରଣ ହୁଏ । ତେଣୁ ସ୍ୱପ୍ନ ଦେଖିବା ଜ୍ଞାନଠାରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସଫଳ ମହିଳା ଜଣଙ୍କ ଯେ ସବୁବେଳେ ଖୁବ୍ ବୁଦ୍ଧିମାନ ଏକଥା ନୁହେଁ ସେମାନେ ଆମପରି ସାଧାରଣ ମଣିଷ । ମାତ୍ର ସେମାନଙ୍କ ପାଖରେ ଭିନ୍ନ ଭାବରେ କିଛି ଚିନ୍ତା କରିବାର ଓ ଏହାକୁ କାର୍ଯ୍ୟରେ ପରିଣତ କରିବାର ସାହାସ ଥାଏ । ପ୍ରଥମ ପାଦ ବଢ଼ାଇବାକୁ ମନରେ ସାହସ ଥାଏ, ଦ୍ୱିତୀୟ ପାଦ ପକାଇବାର ଉତ୍ସୁକତା ଥାଏ । ଏହାପରେ ତୃତୀୟ ପାଦ ଚାଲିବାର ନିଷ୍ଠା ଥାଏ ।

ଯେଉଁଠାରେ ନଦୀ ଆରମ୍ଭ ହୋଇଥାଏ ସେଠାରେ ଏହା ଖୁବ୍ ସରୁ ଓ ଅଗଭୀର । ମାତ୍ର ଏହା ଯେତେ ଯେତେ ଆଗକୁ ବହିଚାଲେ ସେତେ ଚଉଡା ଓ ଗଭୀର ହୋଇଯାଏ । ଆମ ଜୀବନରେ ସବୁଠାରୁ ବଡ଼ କାମର ଆରମ୍ଭ ଠିକ୍ ଏମିତି ହିଁ ହୁଏ । ଯେମିତି ନଦୀ ନିରନ୍ତର ଭାବରେ ଆଗକୁ ବହିବାରେ ଲାଗିଥାଏ, କୌଣସି ମହିଳା ଯଦି ଠିକ୍ ସେମିତି ନିଜ ଜୀବନରେ ନିରନ୍ତର ପ୍ରୟାସ କରି ଆଗକୁ ବଢ଼େ ତା'ହେଲେ ତାକୁ ସଫଳତା ମିଳେ ।

ସ୍ୱପ୍ନକୁ ସାକାର କରିବା ସ୍ୱପ୍ନ ଦେଖିବା ପରି ସହଜ ନୁହେଁ । ଏହି ସ୍ୱପ୍ନକୁ ବାରମ୍ବାର ଦେଖିବାକୁ ହୁଏ । ଏଥିସହ ତାକୁ ସତ କରିବା ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ହୁଏ । ଏଥିପାଇଁ ସମୟ ଓ ପରିଶ୍ରମ ଦରକାର । ସ୍ୱପ୍ନ ପୂର୍ଣ୍ଣ କରିବାକୁ ସମୟ ଲାଗେ । କିଏ କହେ ଏଥିପାଇଁ ମୋ ପାଖରେ ସମୟ ନାହିଁ, ପଇସା ନାହିଁ, ସହାୟତା କରିବାକୁ କେହି ନାହିଁ, ମାତ୍ର ଏସବୁ ନିରର୍ଥକ । ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଆମ ଭାଗ୍ୟ କରେନି । ଆମେ ନିଜେ ହିଁ କରିଥାଏ । ମାତ୍ର ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ପ୍ରଥମେ ଆବଶ୍ୟକ ହୁଏ ସକାରାତ୍ମକ ଚିନ୍ତାଧାରା । ଏଥିପାଇଁ ଦୈନନ୍ଦିନ ଜୀବନରେ ଖୁସି ଆବଶ୍ୟକ । ଚିନ୍ତା ଓ ଅବସାଦର ଜୀବନ ଆମ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ ଓ ମନରେ ସନ୍ଦେହ ଆଣେ । ଆମେ ନିଜ ସ୍ୱପ୍ନକୁ ସାକାର କରିବାରେ ଅସଫଳ ହୋଇଯାଏ । ଯେତେବେଳେ ଆମ ନିତିଦିନିଆ ଜୀବନରେ ଖୁସି ଆସେ ସେତେବେଳେ ସ୍ୱପ୍ନ ଓ ଜୀବନ ବିଷୟରେ ଆମର ଦୃଷ୍ଟିକୋଣ ବଦଳିଯାଏ । ମନରେ ଆଶା ସୃଷ୍ଟି ହୁଏ । ପାଦ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଆସିଯାଏ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଲେନ-୬, ଚହଟା ନଗର, ବିଡ଼ାନାସୀ, କଟକ-୧୪

ର-ଜ୍ଞବସକ୍ଷ :
ଭସଭଚ୍ଯେସପ୍ଥବଭଚକ୍ଷେଚକ୍ଷ୍ଣବଂ୮୦୨୧୯୮୪ଅଶଜ୍ଞବସକ୍ଷ.ମଜ୍ଞ୍ଜ



# ଡେଲାଙ୍ଗ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ

ଡେଲାଙ୍ଗ,୨୪।୨:(ମନ୍ଥନ)ଡେଲାଙ୍ଗ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠୀତ ହୋଇଯାଇଛି । ନୁତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀଣୀ ମମତା ବଶ୍ୱାଳଙ୍କ ସଭାପତିତ୍ୱରେ ଶିକ୍ଷାବିତ କିଶୋର ପ୍ରଧାନ ସଭାପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧକ୍ଷକ ସଚ୍ଚିନ ପଟ୍ଟେଲ ଯୋଗଦେଇ କହିଥିଲେ । ଏସ୍ପି ଙ୍କ ନିର୍ଦ୍ଦେଶ ରହିଛି ପୋଲିସ ଲୋକମାନଙ୍କ ପାଖକୁ ଯାଅ ଯ ସେମାନଙ୍କ ସମସ୍ୟା ବୁଝ । ଲୋକଙ୍କ ମାନଙ୍କ ସୁବିଧା ଅସୁବିଧା ବୁଝିବା ସହ ଅଂଚଳର ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଲୋକଙ୍କ ନିକଟତର ହୋଇ କାମ କରିବା ପାଇଁ ତାଙ୍କର ଆହ୍ୱାନ ରହିଛି । ଯେମିତି ଲୋକମାନେ ପୋଲିସର ନିକଟତର ହୋଇ ନିର୍ଭୟରେ କାର୍ଯ୍ୟକରିପାରିବେ ଆମ ପୋଲିସ କାର୍ଯ୍ୟକ୍ରମର ମୁଳ ଲକ୍ଷ୍ୟ ବୋଲି ଶ୍ରୀପଟେଲ ଯୋଗଦେଇ ସୁଚନା ଦେଇଛନ୍ତି । ନୁତନ ଭାବେ ଯୋଗଦେଇଥିବା ଥାନା ଅଧିକାରିଣୀ ଶ୍ରୀମତି ବିଶ୍ୱାଳଙ୍କ କାର୍ଯ୍ୟ କରିବାର ଦକ୍ଷତା ରହିଛି । ଡେଲାଙ୍ଗ ଅଂଚଳର ସରପଂଚ,ଜନପ୍ରତିନିଧି,ସମାଜସେବୀ ଜନସାଧାରଣମାନେ ପୋଲିସକୁ ସହଯୋଗ ମନଭାବ ରଖି ଅଂଚଳର ଶାନ୍ତି ଶୃଙ୍ଖଳା ବଜାୟ ରଖି କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେହିପରୀ ମୁଖ୍ୟ ବକ୍ତା ଭାବେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଯୋଗଦେଇ ଡେଲାଙ୍ଗ ଥାନା ଅଂଚଳରେ ଉପୁଜିଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବା ସହ ମନ୍ଦିର ମାନଙ୍କର ସୁରକ୍ଷା ପାଇଁ ସିସି ଟିଭି ଲଗାଇବା ପାଇଁ ମନ୍ଦିର କମିଟି ଏବଂ ପୋଲିସ ସହଯୋଗ ରହିବ ବୋଲି କହିଥିଲେ । ପୋଲିସ ଥାନାରେ ଲୋକମାନଙ୍କୁ ଉତମ ବ୍ୟବହାର ଦେଖାଇବା ସହ ସେମାନଙ୍କର ସମସ୍ୟା ସମାଧାନ ଦିଗରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ । ସେହିପରି ନୁତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀଣୀ ଶ୍ରୀମତି ବିଶ୍ୱାଳ ଡେଲାଙ୍ଗ ଅଂଚଳରେ ଆଇନି ଶୃଙ୍ଖଳା ପରିସ୍ଥିତି ନିୟନ୍ତଣ , ମନ୍ଦିର ର ମାନଙ୍କର ସୁରକ୍ଷା ,ଚୋରୀ ,ରାହାଜାନୀ,ବେଆଇନି ନିଶାକାରବାର ରୋକିବା ଦିଗରେ ପ୍ରାଥମିକତା ରହିବ ବୋଲି କହିବା ସହ ଡେଲାଙ୍ଗ ଅଂଚଳର ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ । ଆଗକୁ ଦୋଳପୂର୍ଣ୍ଣିମା ରହିଥିବା ରୁ ଗ୍ରାମ୍ୟ କମିଟି ଓ ଶାନ୍ତି କମିଟିର ପ୍ରାଥମିକତାକୁ ଗୁରୁତ୍ୱ ଦେଇ ସମାଧାନ ଦିଗରେ କାମ କରିବେ ବୋଲି ଏହି ବୈଠକରେ ପ୍ରତିଶୃତି ଦେଇଥିଲେ । ଡେଲାଙ୍ଗ କୋଠବାଡ ପଂଚାୟତ ସରପଂଚ ଦୀପକ ସାହୁ, ଗଡମୋଟରୀ ପଂଚାୟତ ସରପଂଚ ମାର୍କଣ୍ଡ ମଙ୍ଗରାଜ,ଜେନାପୁର ପଂଚାୟତ ସରପଂଚ ବିଶ୍ୱନାଥ ପଟ୍ଟନାୟକ, ସିଂହବ୍ରହ୍ମପୁର ପଂଚାୟତ ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନ , ସମାଜସେବୀ ସୋମେରେନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହି ଅଂଚଳର ବିଭିନ୍ନ ସମସ୍ୟା ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ବର୍ଷୀୟାନ ସାମ୍ବାଦିକ ପ୍ରଶନ୍ନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ନୟାଗଡ଼ ରେ ବାର ଘଣ୍ଟିଆ ବଜାର ବନ୍ଦ ସଫଳ

ନୟାଗଡ଼,୨୪।୨:(ମନ୍ଥନ)ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜୟ ନୟାଗଡ଼ ଫାଉଣ୍ଡେସନ ତଥା ନୟାଗଡ଼ ସଚେତନ ନାଗରିକଙ୍କ ପକ୍ଷରୁ ନୟାଗଡ଼ ରେ ବାର ଘଣ୍ଟିଆ ବଜାର ବନ୍ଦଡାକରା ଦିଆଯାଇଥିଲା, ସୂଚନା ଅନୁଯାୟୀ ସରକାରଙ୍କ ପକ୍ଷରୁ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା କରାଯାଇଅଛି । ଭଲ କଥା, କିନ୍ତୁ ନୟାଗଡ଼ ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ସକାଳ ୬ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ନୟାଗଡ଼ ବଜାର ବନ୍ଦ ଡାକରା ଦିଆଯାଇଥିଲା, ଏବଂ ନୟାଗଡ଼ର ସମସ୍ତ ବ୍ୟବସାୟୀ, ବ୍ୟବସାୟ ପ୍ରତିଷ୍ଠାନ ସ୍ୱତଃ ସବୁ ଦୋକାନ ବନ୍ଦ କରି ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଅଭୁତ ପୂର୍ବ ସମର୍ଥନ ଜଣାଇ ସାମିଲ ହୋଇଥିଲେ । ଅପରାହ୍ନ ୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ସରକାର ଯଦି ନୟାଗଡ଼ର ପ୍ରମୁଖ ଦାବି ଉପରେ କର୍ଣ୍ଣପାତ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ନିଜର ଅଭିଭାଷଣରେ ସଂଗଠନର ପ୍ରତିଷ୍ଠାତା ଶେଖ ଅବଦୁଲ ଅାହାଦ କହିବା ସହ ଆଜିର ଡାକରାକୁ ସଫଳ କରିଥିବାରୁ ସମସ୍ତ ବ୍ୟବସାୟୀ, ସାମ୍ବାଦିକ ଏବଂ ଜୟ ନୟାଗଡ଼ ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ପ୍ରତିବାଦ ସଭାରେ ପ୍ରତିଷ୍ଠାତାଙ୍କ ସମେତ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଆଇନଜୀବି ମନୋଜ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ସମାଜସେବୀ ଶ୍ରୀଧର ପ୍ରଧାନ, ଶାନ୍ତନୁ ବିଶୋଇ, ଗୋକୁଳ କୁମାର ଷଡଙ୍ଗୀ, ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ,ଅବଦୁଲ ଆଜିମ ଖାନ, ଓଁ ପ୍ରକାଶ ବିଶ୍ୱାଳ, ଅନୁରାଗ ସ୍ୱାଇଁ, ଦୀପଙ୍କର ପ୍ରଧାନ, ଲୋକେଶ କୁମାର ବେହେରା ପ୍ରମୁଖଙ୍କ ସହ ଶତାଧିକ ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ନୟାଗଡ଼ ବଜାର ବନ୍ଦକୁ ସଫଳ କରିଥିଲେ ।

# ଆମେରିକା, ରୁଷ ଓ ଚୀନ୍ ପରମାଣୁ ଅସ୍ତ୍ର ନେଇ କରୁଛନ୍ତି ଗୁପ୍ତ ବୈଠକ

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):**ଫ୍ରାନ୍ସ ପ୍ରେସ୍ ଏଜେନ୍ସି (ଏଏଫ୍ପି) ଅନୁଯାୟୀ, ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି, ଜେନେଭାରେ ଆମେରିକା ପରମାଣୁ ଅସ୍ତ୍ର ବିଷୟରେ ଆଲୋଚନା କରୁଛି । ଆମେରିକା ଓ ରୁଷ ମଧ୍ୟରେ ପରମାଣୁ ଅସ୍ତ୍ର ନିୟୋଜନକୁ ସୀମିତ କରୁଥିବା ନ୍ୟୁ ଷ୍ଟାର୍ଟ ଚୁକ୍ତିନାମାର ଅବଧି ଫେବୃଆରି ୫ ତାରିଖରେ ସମାପ୍ତ ହେବା ପରେ ଏହି ବୈଠକ ହେଉଛି । ଆମେରିକାର ଜଣେ ବରିଷ୍ଠ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଧିକାରୀ କହିଛନ୍ତି, ସେମାନେ ସୋମବାର ଦିନ



ଏକ ରୁଷ ପ୍ରତିନିଧିମଣ୍ଡଳୀ ସହିତ ସାକ୍ଷାତ କରିଥିଲେ । ଫେବୃଆରି ୨୪ ରେ ଏକ ଚୀନ୍ ପ୍ରତିନିଧିମଣ୍ଡଳୀ ସହିତ ସାକ୍ଷାତ କରିବେ । ଅଧିକାରୀ ଜଣକ କହିଛନ୍ତି,ଚଳିତ ମାସ ଆରମ୍ଭରେ ନ୍ୟୁ ଷ୍ଟାର୍ଟ ଚୁକ୍ତିନାମାର ମିଆଦ ଶେଷ ହୋଇଯାଇଛି । ଏହା ପରେ, ୱାଶିଂଟନରେ ରୁଷ ଏବଂ ଚୀନ୍ ସହିତ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିଲା । ତେବେ ଜେନେଭା ବୈଠକ ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମେରିକା ମଧ୍ୟ ସମ୍ପ୍ରତି ଯୁକ୍ତରାଜ୍ୟ ଏବଂ ଫ୍ରାନ୍ସ ସହିତ ଅନେକ ପର୍ଯ୍ୟାୟ ଆଲୋଚନା କରିଛି । ବର୍ତ୍ତମାନ ଚୀନ୍ ପାଖରେ ଆମେରିକା ଓ ରୁଷ ତୁଳନାରେ କମ୍ ପରମାଣୁ ଅସ୍ତ୍ର ଅଛି । କିନ୍ତୁ ସେସବୁର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି କରୁଛି । ଚୀନ୍ ନୂତନ ତିନି-ରାଷ୍ଟ୍ରୀୟ ଚୁକ୍ତିନାମାରେ ଯୋଗଦେବାକୁ ସାର୍ବଜନୀନ ଭାବରେ ମନା କରିଦେଇଛି । ରୁଷିଆ, ଆମେରିକା,ଚୀନ୍,ଫ୍ରାନ୍ସ, ଯୁକ୍ତରାଜ୍ୟ,ଭାରତ,ପାକିସ୍ତାନ,ଇସ୍ରାଏଲ ଓ ଉତ୍ତର କୋରିଆ ଆଦି ୯ ଟି ଦେଶ ପାଖରେ ପରମାଣୁ ଅସ୍ତ୍ର ଅଛି । ତେବେ ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ଥିବା ସ୍ୱୀକାର କରୁ ନାହିଁ ।

# ଇରାନକୁ ସାହାଯ୍ୟର ହାତ ବଢାଇଲା ଚୀନ

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):**ଆମେରିକା ସହ ଲଗାତାର ଉତ୍ତେଜନା ବୃଦ୍ଧି ଓ ଯୁଦ୍ଧର ଧମକ ମଧ୍ୟରେ ଚୀନ ଇରାନ ପକ୍ଷରୁ ସାହାଯ୍ୟର ହାତ ବଢାଇଛି । ଦୁଇ ଦେଶ ମଧ୍ୟରେ ଏକ ପ୍ରମୁଖ ଡିଲ୍ ପାଖାପାଖି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଅନୁସାରେ ଇରାନକୁ ଚୀନ ନିର୍ମିତ ସିଏମ୍ -୩୦୨ ମିସାଇଲ ମିଳିବାକୁ ଯାଉଛି । ଏହା ଏକ ସୁପରସୋନିକ ମିସାଇଲ , ଯାହା ଶତ୍ରୁର ୱାରସିପକୁ ଧ୍ୱଂସ କରିବାରେ କ୍ଷମତା ରଖି ଥାଏ । ଏହି ମିସାଇଲର ରେଞ୍ଜ ୨୯୦ କିଲୋମିଟର । ଏହା ଖୁବ୍ ଦ୍ରୁତ ଗତିରେ ଏବଂ ତଳେ ରହି



ଉଡ଼ାଣ ଭରି ଥାଏ ଏବଂ ସଠିକ୍ ଲକ୍ଷ୍ୟଭେଦ କରେ । ଏମିତି ସମୟରେ , ଯେତେବେଳେ ଆମେରିକା , ଇରାନର ତଟବର୍ତ୍ତୀ ଅଞ୍ଚଳରେ ନିଜର ଯୁଦ୍ଧ ଜାହାଜ ଗୁଡ଼ିକୁ ମୁତୟନ କରୁଛି , ଏହି ଡିଲ୍ ଇରାନ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ହେବ । ଏହି ସବୁ ମିସାଇଲର ମୁତୟନ ଇରାନର ହମଲା କରିବାର କ୍ଷମତାରେ ନିର୍ଣ୍ଣାୟକ ଭୂମିକା ନେବ । ଚାଇନା ଠାରୁ ଏହି ମିସାଇଲ କ୍ରୟ କରିବା ପାଇଁ ଇରାନ ଦୁଇ ବର୍ଷ ପୂର୍ବେ କଥାବାର୍ତ୍ତା ଆରମ୍ଭ କରିଥିଲା । କିନ୍ତୁ ସୂଚନାକାରୀଙ୍କ ମୁତାବିକ , ଯେବେ ଗତ ବର୍ଷ ଜୁନ ମାସରେ ଇସ୍ରାଏଲ ଓ ଇରାନ ମଧ୍ୟରେ ୧୨ ଦିନ ଯାଏ ଯୁଦ୍ଧ ଚାଲିଲା ତ ଦୁଇ ଦେଶ ମଧ୍ୟରେ ଆଲୋଚନାର ପର୍ବ ତୀବ୍ର ହୋଇଥିଲା । କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା । ସେତେବେଳେ ଇରାନ ସେନା ଓ ସରକାରଙ୍କ ବରିଷ୍ଠ ଅଧିକାରୀ ଚୀନ ଗସ୍ତରେ ଯାଇଥିଲେ । ଏହି ଲୋକଙ୍କ ମଧ୍ୟରେ ଇରାନର ଡେପୁଟୀ ଡିଫେନ୍ସ ମିନିଷ୍ଟର ମସୁଦ ଓରେଇ ମଧ୍ୟ ସାମିଲ ଥିଲେ । ଇସ୍ରାଏଲର ପୂର୍ବତନ ଇଣ୍ଟେଲିଜେନ୍ସ ଅଫିସର ଡାନି ସିଟ୍ରିନୋଭିଚ କହିଛନ୍ତି ,ଯଦି ଇରାନ ଜାହାଜ ଉପରେ ଆକ୍ରମଣ କରିବାର ସୁପରସୋନିକ କ୍ଷମତା ହାସଲ କରିନିଏ ତ ଏହା ପୂରା ଗେମ ଚେଞ୍ଜର ହୋଇଯିବ । ସେ କହିଛନ୍ତି , ଏହି ସବୁ ମିସାଇଲକୁ ଇଣ୍ଟରସେପ୍ଟ କରିବା ବହୁତ ମୁସ୍କିଲ । ହେଲେ ଏହା ଏହା ସ୍ୱଷ୍ଟ ହୋଇ ପାରି ନାହିଁ ଯେ, ଏହି ଡିଲ୍ ଅନୁସାରେ , ଇରାନକୁ କେତେ ମିସାଇଲ ମିଳିବ ଏବଂ ଡେଲିଭରୀ ଡେଟ୍ କଣ ହେବ। ଏହା ବ୍ୟତୀତ ଏହା ମଧ୍ୟ ସୂଚନା ନାହିଁ ଯେ,ଇରାନ ଏହି ସୁପରସୋନିକ ମିସାଇଲ ପାଇଁ କେତେ ଦାମ୍ ଦେଉଛି । ଇରାନୀ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି , ଇରାନ ନିଜର ସହଯୋଗୀ ଦେଶଙ୍କ ସହ ସେନା ଓ ସୁରକ୍ଷା ଚୁକ୍ତି ଅଛି । ବର୍ତ୍ତମାନ ଏହା ସବୁଠୁ ଉପଯୁକ୍ତ ସମୟ ଯେ, ଏହି ଚୁକ୍ତିର ସଂପୂର୍ଣ୍ଣ ରୂପେ ବ୍ୟବହାର କରାଯାଉ ।

## ଆମେରିକାକୁ ଚୀନର ଅପିଲ୍

# ବାଣିଜ୍ୟ ଯୁଦ୍ଧରେ କେହି ଜିତିବେ ନାହିଁ

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):**ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଆମେରିକା ପକ୍ଷରୁ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଲାଗୁ ହୋଇଥିବା ଏକପାଖିଆ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଅପିଲ୍ କରିଛି । ମୁଖପାତ୍ର ସ୍ୱଷ୍ଟ କରିଛନ୍ତି ଯେ, ଚୀନ୍ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଓ ଏହାର ବିଶ୍ୱସ୍ତରୀୟ ପ୍ରଭାବକୁ ନିକଟରୁ ମୂଲ୍ୟାଙ୍କନ କରୁଛି । ବେଜିଂ କହିଛି, ସଂରକ୍ଷଣବାଦୀ ନୀତି କେବେବି କାହାକୁ ଲାଭ ପହଞ୍ଚାଏ ନାହିଁ । ଏହା ଅନ୍ତର୍ଜାତୀୟ ବାଣିଜ୍ୟ ନିୟମର ସ୍ୱଷ୍ଟ ଉଲ୍ଲଂଘନ । ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଚୀନ୍ ମୁଖପାତ୍ର କହିଛନ୍ତି ଯେ, ବାଣିଜ୍ୟ ଯୁଦ୍ଧରେ କୌଣସି ପକ୍ଷ କେବେ ଜିତିପାରନ୍ତି ନାହିଁ । ଚୀନ୍ ସର୍ବଦା ଏକପାଖିଆ ଶୁଳ୍କ ବୃଦ୍ଧିକୁ ଦୃଢ଼ ବିରୋଧ କରିଆସିଛି । ଏହା ବିଶ୍ୱ ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ସୃଷ୍ଟି କରିଥାଏ । ସଂରକ୍ଷଣବାଦ ଆର୍ଥିକ ବିକାଶକୁ ବାଧା ଦିଏ । ଭବିଷ୍ୟତରେ ଏହା କୌଣସି ଦେଶକୁ ଲାଭ ଦେଇନଥାଏ । ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଫେଣ୍ଟାନିଲ୍ ଶୁଳ୍କ ଓ ପାରସ୍ପରିକ ଶୁଳ୍କ କେବଳ ଅନ୍ତର୍ଜାତୀୟ ମାନଦଣ୍ଡ ନୁହେଁ ବରଂ ଆମେରିକାର ଘରୋଇ ଆଇନକୁ ମଧ୍ୟ ଉଲ୍ଲଂଘନ କରୁଛ । ତଥ୍ୟଗୁଡ଼ିକ ବାରମ୍ବାର ପ୍ରମାଣିତ ହୋଇଛି ଯେ, ଯେତେବେଳେ ଚୀନ୍ ଓ ଆମେରିକା ଏକାଠି କାମ କରନ୍ତି, ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପାଇଥାନ୍ତି । ମୁହାଁମୁହିଁ ସ୍ଥିତି ହେଲେ ଉଭୟ ଦେଶ ଯଥେଷ୍ଟ କ୍ଷତି ସହିଥାନ୍ତି । ବିଶ୍ୱ ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ବେଜିଂ ଗୁରୁତ୍ୱାରୋପ କରିଛି, ଦୁଇ ଦେଶ ମଧ୍ୟରେ ସହଯୋଗ ବିଶ୍ୱର ଦୁଇଟି ବୃହତ୍ତମ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ସ୍ଥିରତା ବଜାୟ ରଖିପାରିବ । ଏକପାକ୍ଷିକ କାର୍ଯ୍ୟ କାହାର ସ୍ୱାର୍ଥ ପୂରଣ କରେ ନାହିଁ ଏବଂ ବାଣିଜ୍ୟ ସମ୍ପର୍କରେ କେବଳ ତିକ୍ତତା ଓ ଅବିଶ୍ୱାସ ବୃଦ୍ଧି କରେ । ଆମେରିକାକୁ ଏହାର ଏକପାକ୍ଷିକ ଆଭିମୁଖ୍ୟ ପରିତ୍ୟାଗ କରିବା ଉଚିତ ଓ ଆଲୋଚନା ମାଧ୍ୟମରେ ତଥା ଅନ୍ତର୍ଜାତୀୟ ଆଇନର ଢାଞ୍ଚା ମଧ୍ୟରେ ବାଣିଜ୍ୟ ସମସ୍ୟାର ସମାଧାନ କରିବା ଉଚିତ ବୋଲି ସେ କହିଛନ୍ତି ।

# ମୁନିରଙ୍କୁ ହଟେଇବାକୁ ଇମ୍ରାନ ଓ ଶେହବାଜଙ୍କ ନୂଆ ପ୍ଲାନ !

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):**ପାକିସ୍ତାନରେ ସେନାକୁ ଦୁର୍ବଳ କରିବା ପାଇଁ ଶେହବାଜ ସରିଫଙ୍କ ସରକାର ଇମ୍ରାନ ଖାନଙ୍କ ସହ ମିଶିବାକୁ ପ୍ରସ୍ତୁତ । ସୋମବାର (୨୩ ଫେବୃଆରୀ) ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ରାଣା ସନାଉଲ୍ଲା ପ୍ରତିନିଧି ସଭାରେ ପିଟିଆଇ ନେତାମାନଙ୍କୁ ଏହି ପ୍ରସ୍ତାବ ଦେଇଥିଲେ । ସନାଉଲ୍ଲା କହିଥିଲେ, ଆଗକୁ ଆସନ୍ତୁ, ଆମେ ଏକାଠି କାମ କରିବୁ । ଆସନ୍ତୁ ଆମେ ସମସ୍ତେ ୨୦୦୬ର ଡେମୋକ୍ରାସି ଚାର୍ଟରରେ ସ୍ୱାକ୍ଷର କରିବା ଏବଂ ପାକିସ୍ତାନରେ ଗଣତନ୍ତ୍ରର ସ୍ଥିତିକୁ ଉନ୍ନତ କରିବା ପାଇଁ କାମ କରିବା । ଶେହବାଜ ସରିଫ ସରକାରଙ୍କ ଦ୍ୱାରା ଖୋଲାଖୋଲି ଭାବରେ ଏପରି ପ୍ରସ୍ତାବ ପ୍ରଥମ ଥର ପାଇଁ ଦିଆଯାଇଛି । ସାନାଉଲ୍ଲାଙ୍କୁ ସରିଫ ପରିବାରର ଜଣେ ଘନିଷ୍ଠ ବିଶ୍ୱାସୀ ବୋଲି ବିବେଚନା କରାଯାଏ ।ଡନ୍ ଖବରକାଗଜ ଅନୁଯାୟୀ, ବିରୋଧୀ ଦଳ ନେତା ଇମ୍ରାନ ଖାନଙ୍କୁ ମୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ । ସନାଉଲ୍ଲା ଉତ୍ତର ଦେଇଥିଲେ, ଦୟାକରି ଭଦ୍ରତାର ସହିତ କଥା ହୁଅନ୍ତୁ । ଆଗକୁ ଆସନ୍ତୁ ଏବଂ ୨୦୦୬ ର ଡେମୋକ୍ରାସି ଚାର୍ଟରରେ ସ୍ୱାକ୍ଷର କରନ୍ତୁ । ସନାଉଲ୍ଲାଙ୍କ ଘୋଷଣା ସଂସଦରେ ହଇଚଇ ସୃଷ୍ଟି କରିଥିଲା । ୨୦୦୬ ମସିହାରେ ନୱାଜ ସରିଫ ଏବଂ ବେନଜୀର ଭୁଟ୍ଟୋ ମିଳିତ ଭାବରେ ସାମରିକ ବାହିନୀକୁ ଦୁର୍ବଳ କରିବା ପାଇଁ ଏକ ଗଣତନ୍ତ୍ର ସନନ୍ଦ ପ୍ରସ୍ତୁତ କରିଥିଲେ । ପାକିସ୍ତାନରେ ଏହାକୁ ଗଣତନ୍ତ୍ର ଚାର୍ଟର ୨୦୦୬ ଭାବରେ ଜଣାଶୁଣା । ଲଣ୍ଡନରେ ନୱାଜ ସରିଫ ଏବଂ ବେନଜୀର ଭୁଟ୍ଟୋ ଏଥିରେ ସ୍ୱାକ୍ଷର କରିଥିଲେ । ଏହି ଚାର୍ଟରରେ ସେନାକୁ ରାଜନୀତିରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଇଥିଲା । ଏଥିରେ ପାକିସ୍ତାନର ରାଜନୀତିରେ ସେନା ହସ୍ତକ୍ଷେପ କରିବାରୁ ରୋକିବା ପାଇଁ ପଦକ୍ଷେପଗୁଡ଼ିକର ରୂପରେଖା ଦିଆଯାଇଥିଲା । ଏଥିରେ ପ୍ରଧାନମନ୍ତ୍ରୀଙ୍କ ପଦବୀକୁ ସୁଦୃଢ଼ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା । ଏଥିରେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଆୟୋଜନ ଘୋଷଣା କରାଯାଇଥିଲା । ପାକିସ୍ତାନ ରାଜନୀତିରେ ସାମରିକ ଶକ୍ତି ଆହୁରି ଶକ୍ତିଶାଳୀ ହୋଇଛି । ଅସୀମ ମୁନିର ହେଉଛନ୍ତି ପ୍ରଥମ ସେନାମୁଖ୍ୟ ଯିଏ ଜୀବନବ୍ୟାପୀ ସୁରକ୍ଷା ପାଇଛନ୍ତି । ଶେହବାଜ ସରିଫଙ୍କ ସରକାର ଇମ୍ରାନ ଖାନଙ୍କୁ ଏହି ପ୍ରସ୍ତାବ ଦେଇଛନ୍ତି ଯେତେବେଳେ ସେନା ଏବଂ ଇମ୍ରାନ ଖାନଙ୍କ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତିନାମା ବିଷୟରେ ଆଲୋଚନା ଚାଲିଛି । ପାକିସ୍ତାନ ରାଜନୈତିକ ମହଲରେ ଆଲୋଚନା ହେଉଛି ଯେ ସେନା ମୁଖ୍ୟ ଇମ୍ରାନ ଖାନଙ୍କ ସହ ଏକ ଚୁକ୍ତି କରିପାରନ୍ତି । ଏଥିପାଇଁ ମୁନିର ତାଙ୍କର ଘନିଷ୍ଠ ସହଯୋଗୀ ମୋହସିନ ନକଭିଙ୍କୁ ଆଲୋଚନା ପାଇଁ ନିୟୋଜିତ କରିଛନ୍ତି ।ଏପରି ପରିସ୍ଥିତିରେ, ଶେହବାଜ ସରକାର ଏବେ ଇମ୍ରାନ ଖାନଙ୍କ ଦଳକୁ ସିଧାସଳଖ ପ୍ରସ୍ତାବ ଦେଉଛନ୍ତି । ତଥାପି, ଇମ୍ରାନ ଖାନଙ୍କ ଦଳ କିମ୍ବା ସେନା ଏ ବିଷୟରେ କୌଣସି ମତାମତ ଦେଇନାହାଁନ୍ତି ।

# ସମୁଦ୍ର ମଝିରେ ଖସି ପଡିଲା ପବନ ହଂସ ହେଲିକପ୍ଟର

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):** ମଙ୍ଗଳବାର ସକାଳେ ଆଣ୍ଡାମାନ ସାଗରରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି । ପୋର୍ଟ ବ୍ଲେୟାରରୁ ମାୟାବନ୍ଦର ଯାଉଥିବା ଏକ ପବନ ହଂସ ହେଲିକପ୍ଟର ଯାନ୍ତ୍ରିକ ତ୍ରୁଟିରେ ଶିକାର ହୋଇ ସମୁଦ୍ରରେ ଖସି ପଡ଼ିଛି । ତେବେ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏଥିରେ ଥିବା ସମସ୍ତ ସାତ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଏକ ପବନ ହଂସ ହେଲିକପ୍ଟର ପୋର୍ଟ ବ୍ଲେୟାରରୁ ମାୟାବନ୍ଦର ଅଭିମୁଖେ ଉଡ଼ାଣ ଭରିଥିଲା ।ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ, ପାଇଲଟ୍ ଏକ ଗମ୍ଭୀର ଯାନ୍ତ୍ରିକ ସମସ୍ୟା ଲକ୍ଷ୍ୟ କରିଥିଲେ । ଏକ ଜନବହୁଳ ଅଞ୍ଚଳ କିମ୍ବା ଜଙ୍ଗଲରେ ଅବତରଣ କରିବା ପରିବର୍ତ୍ତେ ପାଇଲଟ୍ ସାହସ ଓ ବୁଦ୍ଧିମତ୍ତା ପ୍ରଦର୍ଶନ କରି ଆଣ୍ଡାମାନ ସାଗରରେ କ୍ରାସ୍-ଲ୍ୟାଣ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ସଠିକ୍ ପ୍ରମାଣିତ ହୋଇଥିଲା । ହେଲିକପ୍ଟରଟି ଖସିପଡ଼ିବା ପରେ ତୁରନ୍ତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ।

# ଇରାନ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୪ ମୃତ

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):** ଯୁଦ୍ଧ ସ୍ଥିତି ଭିତରେ ଇରାନ ସେନାର ଏକ ହେଲିକପ୍ଟର କ୍ରାସ୍ ହୋଇଛି । ମଙ୍ଗଳବାର ସେଣ୍ଟ୍ରାଲ ଇରାନରେ ହୋଇଥିବା ଏହି ଦୁର୍ଘଟଣାରେ ୪ଜଣଙ୍କର ମୃତ୍ୟୁ ହୋଇଛି । ସରକାରୀ ମିଡିଆ ପକ୍ଷରୁ ଏହି ରିପୋର୍ଟ ଦିଆଯାଇଛି । ହେଲିକପ୍ଟର ଇସଫାହାନ୍ ପ୍ରଦେଶରେ କ୍ରାସ୍ ହୋଇଛି । ତସନିମ୍ ମିଡିଆ ଏଜେନ୍ସି ଅନୁସାରେ, ଇରାନ ସେନାର ଆଭିଏସନ୍ ୟୁନିଟର ଏକ ହେଲିକପ୍ଟର ମଙ୍ଗଳବାର ସକାଳେ ଇସଫାହାନ



ପ୍ରଦେଶର ଖୋମେନି ସହର କାଉଣ୍ଟି ସ୍ଥିତ ଫଳ ଏବଂ ପରିବା ମାର୍କେଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ପାଇଲଟ୍,କୋ-ପାଇଲଟ୍ ଓ ଅନ୍ୟ ଦୁଇ ଜଣ ବିକ୍ରେତାଙ୍କର ମଧ୍ୟ ମୃତ୍ୟୁ ହୋଇଛି । ଇସଫହାନ ପ୍ରଦେଶର ସଙ୍କଟ ପରିଚାଳନା ମହାନିର୍ଦ୍ଦେଶକ କହିଛନ୍ତି , ଉଦ୍ଧାରକାରୀ ଦଳ,ଦମକଳବାହିନୀ ଓ ଜରୁରୀ ଚିକିତ୍ସା ସେନା ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା । ସେ ନିଆଁ ବୁଝାଇବା କାମ ଆରମ୍ଭ କରିଦେଇଛନ୍ତି । ଏହି ଘଟଣା ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନ ଉପରେ ଆମେରିକାର ଆକ୍ରମଣ ଧମକ ମଧ୍ୟରେ ଇରାନ ସେନା ହାଇ ଆଲର୍ଟରେ ଅଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସୀମିତ ଆକ୍ରମଣ ଧମକ ଦେଇଛନ୍ତି । ନିକଟରେ ଫ୍ଲାଇଟ୍ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଛି ଯେ ଆମେରିକାରୁ ମଧ୍ୟପ୍ରାଚ୍ୟ ଏବଂ ଏସିଆ ଅଞ୍ଚଳକୁ ସୁରକ୍ଷା କର୍ମୀ, ଗୋଳାବାରୁଦ ଏବଂ ଉପକରଣ ବହନ କରୁଥିବା ବିମାନ ନିରନ୍ତର ଯିବା ଆସିବା କରିବାରେ ଲାଗିଛି । ପ୍ରତିବନ୍ଧକ ସହିତ ସଂଘର୍ଷ କରୁଥିବା ଇରାନ, ନିକଟରେ କିଛି ବର୍ଷ ଗୁଡ଼ିକରେ ଅନେକ ବିମାନ ଦୁର୍ଘଟଣାର ଶିକାର ହୋଇଛି । ଅଧିକାରୀମାନେ ପୁରୁଣା ବିମାନର ରକ୍ଷଣାବେକ୍ଷଣ ପାଇଁ ସ୍ପେୟାର ପାର୍ଟସ୍ ପାଇବାରେ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି । ବିମାନ ଗୁଡିକ ପୁରୁଣା ହୋଇଯାଇଥିବାରୁ ଦୁର୍ଘଟଣା ଘଟୁଥିବାର କୁହାଯାଉଛି ।

# ନେପାଳରେ ୫ ମାର୍ଚ୍ଚରେ ନିର୍ବାଚନ

**କାଠମାଣ୍ଡୁ,୨୪।୨(ଏଜେନ୍ସି):** ନେପାଳରେ ୫ ମାର୍ଚ୍ଚରେ ହେବାକୁ ଯାଉଛି ନିର୍ବାଚନ । ଏହା ଭିତରେ ନେପାଳର କାର୍ଯ୍ୟକାରୀ ମୁଖ୍ୟ ନିର୍ବାଚନ କମିଶନ୍ ରାମ ପ୍ରସାଦ ଭଣ୍ଡାରୀ ସୋମବାର କହିଛନ୍ତି ସାଧାରଣ ନିର୍ବାଚନ ପରିଣାମ ଭୋଟ ବାକ୍ସକୁ ଏକତ୍ର କରିବାର ୨୪ ଘଣ୍ଟା ଭିତରେ ପ୍ରକାଶ କରାଯିବ । ମୋଟ ୧୮.୯ ମିଲିୟନ ମତଦାତା ପ୍ରତିନିଧି ସଭାର ୨୭୫ ସଦସ୍ୟଙ୍କୁ ଚୟନ କରିବାକୁ ନିଜର ମତାଧିକାରୀ ପ୍ରୟୋଗ କରିବେ । ଯେଉଁଠି ୧୬୫ ସାଂସଦଙ୍କ ଚୟନ ପ୍ରତ୍ୟକ୍ଷ ମତଦାନ ମାଧ୍ୟମରୁ ହେବ । ସେଭଳି ୧୧୦ ସାଂସଦଙ୍କ ଚୟନ ଆନୁପାତିକ ମତଦାନ ପ୍ରଣାଳୀ ଅନୁସାରେ ହେବ, ଯାହାକି ସଂସଦରେ ସଂଖ୍ୟାଲଘୁ ଓ ଛୋଟ ଦଳକୁ ପ୍ରତିନିଧିତ୍ୱ କରିବାକୁ ଅନୁମତି ଦେବ।ଭଣ୍ଡାରୀ ଏକ ଘରୋଇ ସମାଚାର ଏଜେନ୍ସିକୁ କହିଛନ୍ତି,ନିର୍ବାଚନ କମିଶନ୍ ଭୋଟ୍ ବାକ୍ସକୁ ଏକତ୍ର କରିବାର ତୁରନ୍ତ ପରେ ଭୋଟ ଗଣତି ଆରମ୍ଭ କରିବାର ଯୋଜନା କରୁଛି । ସେ କହିଛନ୍ତି, ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳି ଅନୁସାରେ,ପରିଣାମ ଘୋଷିତ କରିବାରେ ଦିନେ କିମ୍ବା ଦୁଇ ଦିନ ଲାଗିପାରେ । ସେଭଳି ପ୍ରତ୍ୟକ୍ଷ ମତଦାନ କିମ୍ବା ଫାଷ୍ଟ ପାଷ୍ଟ-ଦ-ପୋଷ୍ଟ ପ୍ରଣାଳିର ପରିଣାମ ମତପତ୍ର ସଂଗ୍ରହର ୨୪ ଘଣ୍ଟା ଭିତରେ ଘୋଷିତ କରି ଦିଆଯିବ ।ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳୀ ଅନୁସାରେ,ସାରା ଦେଶରେ ରାଜନୈତିକ ଦଳ ଦ୍ୱାରା ପ୍ରାପ୍ତ ମୋଟ ଭୋଟ ଆଧାରରେ ପ୍ରତିନିଧି ସଭାର ୨୭୫ ସଦସ୍ୟଙ୍କ ଭିତରୁ ୧୧୦ ଜଣଙ୍କର ଚୟନ କରାଯାଇଛି । ମତଦାତା ପ୍ରତ୍ୟେକ ଦଳ ପାଇଁ ଅଲଗା ଅଲଗା ମତପତ୍ର ଦିଅନ୍ତି । ପ୍ରତ୍ୟେକ ଦଳକୁ ମିଳିଥିବା ଭୋଟର ଅନୁପାତରେ ସିଟ୍ ଆବଣ୍ଟିତ କରାଯାଇଥାଏ । ଦଳକୁ ନିଜର ପିଆର ପ୍ରାର୍ଥୀଙ୍କ ସୂଚୀରେ ମହିଳା ଓ ଦଳିତ,ଜନଜାତି ଏବଂ ସଂଖ୍ୟାଲଘୁ ଭଳି ଗୋଷ୍ଠୀକୁ ସାମିଲ କରିବା ସୁନିଶ୍ଚିତ କରିବାକୁ ହେବ । ଏହି ପ୍ରଣାଳୀର ଉଦ୍ଦେଶ୍ୟ ସଂସଦକୁ ନେପାଳର ସାମାଜିକ ଓ ଜାତୀୟ ବିବିଧତାର ଅଧିକ ପ୍ରତିନିଧିତ୍ୱ ପ୍ରଦାନ କରିବା । ନିର୍ବାଚନ କମିଶନ୍ ମୁଖପାତ୍ର ନାରାୟଣ ପ୍ରସାଦ ଭଟ୍ଟରାୟ କହିଛନ୍ତି, କାଠମାଣ୍ଡୁ ଘାଟି ବାହାର କ୍ଷେତ୍ରରେ ମତପତ୍ରର ବିତରଣ ପୂର୍ବରୁ ପୁରା ହୋଇସାରିଛି । କାଠମାଣ୍ଡୁ, ଭକ୍ତପୁର ଓ ଲଲିତପୁର ଜିଲ୍ଲାରେ କିଛି ନିର୍ବାଚନ ମଣ୍ଡଳୀ ମତପତ୍ରର ବିତରଣ ମଙ୍ଗଳବାର ରାତି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପୁରା ହୋଇଯିବ । ୫ ମାର୍ଚ୍ଚ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ । କମିଶନ୍ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କୁ ୧୬ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଚାର କରିବାର ଅନୁମତି ଦେଇଛି । ପ୍ରଚାର ଗତିବିଧି ଉପରେ ରୋକ୍ ଲଗାଇବାର ସମୟ ୨ ମାର୍ଚ୍ଚ ମଧ୍ୟରାତ୍ରୀରୁ ଆରମ୍ଭ ହେବ । ମତଦାନ ଆରମ୍ଭ ହେବାର ୭୨ ଘଣ୍ଟା ପୂର୍ବରୁ ନେପାଳ-ଭାରତ ସୀମାକୁ ସିଲ୍ କରି ଦିଆଯିବ ।

# ଆସନ ବଣ୍ଟାକୁ ନେଇ ଡିଏମକେ - କଂଗ୍ରେସ ଭିତରେ ନୂଆମୋଡ଼

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):**ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟାକୁ ନେଇ ଶାସକ ଡିଏମକେ ଓ କଂଗ୍ରେସ ମଧ୍ୟରେ ଚାଲିଥିବା ଆଲୋଚନା ନୂଆମୋଡ଼ ନେଇଛି । ଅତିକମରେ ୪୦ଟି ବିଧାନସଭା ଆସନ ଓ ଗୋଟିଏ ରାଜ୍ୟସଭା ଆସନ ପାଇଁ ଦାବି କରୁଛି କଂଗ୍ରେସ । ମାତ୍ର କଂଗ୍ରେସକୁ ଡିଏମକେ ଗୋଟିଏ ରାଜ୍ୟସଭା ଆସନ ଛାଡ଼ିବାକୁ ରାଜି ଥିଲେ ମଧ୍ୟ ୨୫ରୁ ଅଧିକ ବିଧାନସଭା ଆସନ ଛାଡ଼ିବାକୁ ଚାହୁନାହିଁ । ତାମିଲନାଡୁରେ ୪୦ଟି ବିଧାନସଭା ଆସନରେ ଲିବାକୁ କଂଗ୍ରେସର ଜିଦ୍ ପଛରେ



କାରଣ କ'ଣ ? ତାମିଲନାଡୁରେ ଗୋଟିଏ ରାଜ୍ୟସଭା ଆସନ ଜିତିବାକୁ ୩୪ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ରାଜ୍ୟ କଂଗ୍ରେସ ନେତୃତ୍ୱଙ୍କ ମତରେ ୪୦ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କଲେ ୩୪- ୩୫ଟି ଆସନ ଜିତିବାର ସମ୍ଭାବନା ରହିଛି । ତାହେଲେ ଆଗାମୀ ଦିନରେ ରାଜ୍ୟସଭା ଆସନ ଜିତିବାକୁ କାହାର ଦୟାର ପାତ୍ର ହେବାକୁ ପଡ଼ିବନାହିଁ । ତେଣୁ ଅତିକମରେ ୪୦ଟି ବିଧାନସଭା ଆସନରେ ଲିବା ଜିଦ୍ରେ କଂଗ୍ରେସ ଅଟଳ ରହିଛି । ଆଗାମୀ ମାର୍ଚ୍ଚ ମାସରେ ତାମିଲନାଡୁରେ ୬ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ । ଏଥି ମଧ୍ୟରୁ ଡିଏମକେ ମେଣ୍ଟ ୪ ଓ ଏଆଇଏଡିଏମକେ ଗୋଟିଏ ଆସନ ସହଜରେ ଜିତିପାରିବେ । ଷଷ୍ଠ ଆସନ ଜିତିବା ପାଇଁ କାହା ପାଖରେ ଉପଯୁକ୍ତ ଭୋଟ୍ ନାହିଁ । ଡିଏମକେ ମେଣ୍ଟ ସହଜରେ ଜିତିବାକୁ ଥିବା ୪ଟି ଆସନ ମଧ୍ୟରୁ ଗୋଟିଏ ଆସନ ପାଇବାକୁ କଂଗ୍ରେସ ସର୍ତ୍ତ ରଖିଛି । ଯାହାକୁ ଡିଏମକେ ମାନି ନେଇଥିଲେ ମଧ୍ୟ ୨୦୨୧ ନିର୍ବାଚନରେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୨୫ଟି ବିଧାନସଭା ଆସନରୁ ଅଧିକ ଆସନ ଛାଡ଼ିବାକୁ ରାଜି ନୁହେଁ ।

## ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ

# ପାଲଟିଲା ରଣକ୍ଷେତ୍ର, ଉତ୍ତେଜନା ଜାରି

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):**ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଗତକାଲି ନମାଜ ପାଠକୁ ନେଇ ବିରୋଧ ପ୍ରଦର୍ଶନ ହୋଇଥିବା ବେଳେ, ଆଜି ହନୁମାନ ଚାଳିଶା ପାଠକୁ ନେଇ କ୍ୟାମ୍ପସ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି । ଛାତ୍ରମାନେ ସକାଳଠାରୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ଏକାଠି ହୋଇ ନାରାବାଜୀ କରୁଛନ୍ତି । ଗଣ୍ଡଗୋଳ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ କରାଯାଇଛି । ଅନେକ ଛାତ୍ରଙ୍କୁ ବଳପୂର୍ବକ ହଟାଇ ଅଟକ ରଖାଯାଇଛି । ଲାଲ ବରାଦାରୀରେ ନମାଜ ପାଠ କରିଥିବା ୧୩ ଜଣ ଛାତ୍ରଙ୍କୁ ନୋଟିସ ଜାରି କରାଯାଇଥିଲା । ଶାନ୍ତି ଭଙ୍ଗ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ସେମାନଙ୍କ ଉପରେ ୫୦,୦୦୦ ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଲାଗୁ କରାଯାଇଛି । ଅନ୍ୟ ଛାତ୍ରମାନଙ୍କୁ ବୁଝାଇବା ପାଇଁ ପ୍ରୟାସ ଚାଲିଛି, କିନ୍ତୁ ବିକ୍ଷୋଭକାରୀମାନେ ଫାଟକ ଖୋଲିବା ପାଇଁ ଦାବିରେ ଅଟଳ ରହିଛନ୍ତି। ଲାଲ ବରାଦରୀର ନମାଜ ଗେଟ୍ ବନ୍ଦ କରିବା ନେଇ ବିବାଦ ଏବେ ଏକ ଉତ୍ତେଜନାରେ ପରିଣତ ହୋଇଛି । ବିଶ୍ୱିଦ୍ୟାଳୟ ଗେଟ୍ ନିକଟରେ ବହୁ ସଂଖ୍ୟକ ଛାତ୍ର ପ୍ରତିବାଦ କରୁଛନ୍ତି । ପ୍ରଦର୍ଶନକାରୀ ଦାବି କରିଛନ୍ତି ଯେ ପ୍ରଶାସନ ଜାଣିଶୁଣି ମସଜିଦର ପ୍ରବେଶ ପଥ (ପ୍ରାର୍ଥନା ଦ୍ୱାର)କୁ ଅବରୋଧ କରିଛି, ଯାହା ଫଳରେ ସେମାନଙ୍କ ଧାର୍ମିକ ସ୍ୱାଧୀନତା ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁଲିସର କହିବା କଥା ହେଲା ଏହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଚାଲିଛି, ତେଣୁ ସୁରକ୍ଷା ଦୃଷ୍ଟିରୁ ବ୍ୟାରିକେଡ୍ ଲଗାଯାଇଛି । ଉଲ୍ଲେଖଯୋଗ୍ୟ, ସୋମବାର ସକାଳେ, ଲାଲ ବରାଦରୀ କୋଠାରେ ନମାଜ ପାଠକୁ ନେଇ ହିନ୍ଦୁ ଓ ମୁସଲିମ ଛାତ୍ର ଗୋଷ୍ଠୀ ମଧ୍ୟରେ ଉଷ୍ମ ବିତର୍କ ଏବଂ ହାତାହାତି ହେବା ପରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ରଣକ୍ଷେତ୍ର ପାଲଟିଥିଲା । ଗୋଟିଏ ପଟେ ଜୟ ଶ୍ରୀ ରାମ ଧ୍ୱନି ଗୁଞ୍ଜରିତ ହେଉଥିଲା, ଅନ୍ୟପଟେ ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଥିଲା । ସମଗ୍ର ଘଟଣାଟି କ୍ୟାମ୍ପସରେ ଥିବା ଐତିହାସିକ ଲାଲ ବରାଦରୀ କୋଠା ସହିତ ଜଡିତ । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) ର ଏକ ରିପୋର୍ଟ ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ କୋଠାର ମରାମତି ଆରମ୍ଭ କରିଥିଲା ଏବଂ ସୁରକ୍ଷା ଦୃଷ୍ଟିରୁ ଏଠାରେ ବ୍ୟାରିକେଡ୍ ଲଗାଯାଇଥିଲା ।



# ଫୋନପେ ପକ୍ଷରୁ ଏଆଇ-ପାୱାର୍ଡ ସର୍ଚ୍ଚ ସୁବିଧାର ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୨ (ନି.ପ୍ର) :** ଫୋନପେ ପକ୍ଷରୁ ମାଇକ୍ରୋସଫ୍ଟ ଫାଉଣ୍ଡ୍ରି ସହାୟତାରେ ପ୍ରସ୍ତୁତ ଏକ ଏଆଇ-ପାୱାର୍ଡ 'ନ୍ୟାଚୁରାଲ ଲାଙ୍ଗୁଏଜ ସର୍ଚ୍ଚ' ଫିଚରର ଶୁଭାରମ୍ଭ କରାଯାଇଛି । ଏହି ଫିଚର ଫୋନପେ ୟୁଜରମାନଙ୍କୁ ସାଧାରଣ ଭାଷାରେ ଟେକ୍ସଟ କିମ୍ବା ଭଏସ କମାଣ୍ଡ ମାଧ୍ୟମରେ ଆପ ଭିତରେ ବିଭିନ୍ନ କାର୍ଯ୍ୟ ଆରମ୍ଭ ଏବଂ ସମ୍ପୂର୍ଣ୍ଣ କରିବାକୁ ଅନୁମତି ଦେବ, ଯାହା ସେମାନଙ୍କ ପାଇଁ ସୁବିଧା ବଢ଼ାଇବା ସହ ପ୍ଲାଟଫର୍ମର ସମଗ୍ର ଅନୁଭୂତିକୁ ଅଧିକ ସହଜ ଓ ସୁବିଧାଜନକ କରିବ। ଏହି ଫିଚର ମାଇକ୍ରୋସଫ୍ଟ ଫାଉଣ୍ଡ୍ରିର କ୍ଷମତାକୁ ବ୍ୟବହାର କରି ପାରମ୍ପରିକ ପଦ୍ଧତି ବଦଳରେ ୟୁଜରଙ୍କ ଉଦ୍ଦେଶ୍ୟକୁ ବୁଝି ସେମାନଙ୍କୁ ସିଧାସଳଖ ନିର୍ଦ୍ଦିଷ୍ଟ ପୃଷ୍ଠାକୁ ନେଇଯିବ। ଉଦାହରଣ ସ୍ୱରୂପ, 'ହେମନ୍ତଙ୍କୁ ୨୦ ଟଙ୍କା ପେମେଂଟ କରନ୍ତୁ' ବୋଲି କହିବା ମାତ୍ରେ ଏହା ଆପେ ଆପେ ପେମେଂଟ ଇଂଟରଫେସ ଖୋଲିଦେବ କିମ୍ବା ହେମନ୍ତ ନାମରେ ଥିବା ସମସ୍ତ ପ୍ରାସଙ୍ଗିକ କଂଟାକ୍ଟ ଦେଖାଇଦେବ।

ଏହି ଶୁଭାରମ୍ଭ ଅବସରରେ ଫୋନପେର ପ୍ରତିଷ୍ଠାତା, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସିଟିଓ ରାହୁଲ ଚାରୀ କହିଛନ୍ତି, 'ଆମର ଦୂରଦୃଷ୍ଟି ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପେମେଂଟ ସୁବିଧାକୁ ସହଜ କରିବା ଏବଂ ଏଆଇ ଆମକୁ ଏଭଳି ଏକ ବୁଦ୍ଧିମାନ ଇଂଟରଫେସ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି, ଯାହା ୟୁଜରମାନେ କିଛି ଖୋଜିବା ପୂର୍ବରୁ ସେମାନଙ୍କର ଆବଶ୍ୟକତାକୁ ବୁଝିପାରିବ। ମାଇକ୍ରୋସଫ୍ଟ ସହ ଆମର ଏହି ସହଭାଗିତା ମାଧ୍ୟମରେ, କେବଳ ଇନପୁଟ ନୁହେଁ ବରଂ ୟୁଜରଙ୍କ ଉଦ୍ଦେଶ୍ୟକୁ ବୁଝି ଆମେ ପେମେଂଟକୁ ଆହୁରି ସରଳ କରିବାକୁ ଲକ୍ଷ୍ୟ ରଖିଛୁ।' ମାଇକ୍ରୋସଫ୍ଟ ଇଣ୍ଡିଆ ଏବଂ ଦକ୍ଷିଣ ଏସିଆର ସଭାପତି ପୁନୀତ ଚାନ୍ଦୋକ କହିଛନ୍ତି: 'ଯେହେତୁ ଅଧିକରୁ ଅଧିକ ଭାରତୀୟ ଡିଜିଟାଲ ସେବା ସହ ଯୋଡ଼ି ହେବା ପାଇଁ ସାଧାରଣ ଭାଷାର ବ୍ୟବହାରକୁ ଆପଣାଉଛନ୍ତି, ଫୋନପେର ଏହି ନୂଆ ଏଆଇ-ପାୱାର୍ଡ ଅନୁଭୂତି ଡିଜିଟାଲ ପେମେଂଟକୁ ଆହୁରି ସହଜ ଏବଂ ସୁଲଭ କରିବା ଦିଗରେ ଏକ ଶକ୍ତ ପଦକ୍ଷେପ। କେବଳ ସାଧାରଣ ଟ୍ରାନଜାକସନ ନୁହେଁ, ଏହି ଫିଚର ୟୁଜରଙ୍କ ଆବଶ୍ୟକତାକୁ ମଧ୍ୟ ବୁଝିପାରିବ ଯେ ସେ ପେମେଂଟ କରିବାକୁ ଚାହୁଁଛନ୍ତି, କିଛି କିଣିବାକୁ ଚାହୁଁଛି କିମ୍ବା ସାହାଯ୍ୟ ପାଇଁ ସପୋର୍ଟ ଟିମ ସହ ଯୋଗାଯୋଗ କରିବାକୁ ଚାହୁଁଛି'। ଏଥିସହ ସମସ୍ତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଏ ଏବଂ ଏହା ସୁନିଶ୍ଚିତ କରାଯାଏ ଯେ କୌଣସି ବ୍ୟକ୍ତିଗତ କିମ୍ବା ଟ୍ରାନଜାକସନ ସମ୍ବନ୍ଧୀୟ ତଥ୍ୟ ଫୋନପେରୁ ବାହାରକୁ ଯିବ ନାହିଁ। ଏହି ଫିଚର ପର୍ଯ୍ୟାୟକ୍ରମେ ସାରା ଭାରତରେ ୟୁଜରମାନଙ୍କ ପାଇଁ ଉପଲବ୍ଧ ହେବ। ୟୁଜରମାନେ ଫୋନପେ ପେମେଂଟ ଆପରେ ଥିବା ଗ୍ଲୋବାଲ ସର୍ଚ୍ଚ ବାର, ହେଲ୍ପ ସେଂଟର ଏବଂ ପୁରୁଣା ଟ୍ରାନଜାକସନ ଟ୍ୟାବ ମାଧ୍ୟମରେ ଏହି ସୁବିଧା ପାଇପାରିବେ।

## ଜାତୀୟ ସିଏସଆର ସମ୍ମିଳନୀ ୨୦୨୬

# ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଡାଲମିଆ ଭାରତ ଫାଉଣ୍ଡେଶନ ସମ୍ମାନିତ

**ନୂଆଦିଲ୍ଲୀ, ୨୪।୨( ନି.ପ୍ର): :** ଡାଲ୍ମିଆ ସିମେଂଟ (ଭାରତ) ଲିମିଟେଡର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ)କୁ ଜାତୀୟ ସିଏସଆର ସମ୍ମିଳନୀ ୨୦୨୬ରେ 'ଡିଷ୍ଟିନ୍ ?ଗୁଇସ୍ ?ଡ ଲିଡରସିପ ଅର୍ନ' ସମ୍ମାନରେ ସମ୍ମାନିତ କରାଯାଇଛି, ଯାହାକୁ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ଠାରେ ଟାଇମ୍ସ ଫାଉଣ୍ଡେଶନ ଦ୍ୱାରା ଆୟୋଜନ କରାଯାଇଥିଲା । ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମରେ ଭାରତର ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକ୍ରିଷ୍ଣନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମୁଦାୟଗୁଡିକରେ ନିଯୁକ୍ତି କ୍ଷମତାକୁ ମଜବୁତ କରିବା, ସମାବେଶୀ ଶିକ୍ଷାକୁ ଆଗକୁ ବଢାଇବା ଏବଂ ସ୍ଥାୟୀ ଜୀବିକା ସୁଯୋଗକୁ ସକ୍ଷମ କରିବା କ୍ଷେତ୍ରରେ ଡିବିଏଫର ନିରନ୍ତର ପ୍ରୟାସଗୁଡିକର ସ୍ୱୀକୃତିରେ ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ସ୍ୱୀକୃତି ଦକ୍ଷତା ବିକାଶ, ଶିକ୍ଷା ଓ ଗ୍ରାମାଂଚଳ ବିକାଶ କ୍ଷେତ୍ରରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ ସମାବେଶୀ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିବା ପାଇଁ ଡିବିଏଫର ନିରନ୍ତର ପ୍ରତିବଦ୍ଧତାକୁ ସୂଚିତ କରୁଛି । ବିଗତ ବର୍ଷଗୁଡିକରେ ଏହି ଫାଉଣ୍ଡେଶନ ଦକ୍ଷତା ଅନ୍ତର ଦୂର କରିବା, ନିଯୁକ୍ତି କ୍ଷମତା ବୃଦ୍ଧି କରିବା ସାର୍ଥକ ଜୀବିକା ପାଇଁ ପହଂଚ ସହିତ ବଂଚିତ ସମୁଦାୟଗୁଡିକୁ ସଶକ୍ତ କରିବା ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରିଆସିଛି । ଏହି ଅବସରରେ ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା କହିଛନ୍ତି, "ଆମେ ଏହି ସ୍ୱୀକୃତି ଗ୍ରହଣ କରି ବାସ୍ତବରେ ସମ୍ମାନିତ ଅନୁଭବ କରୁଛୁ । ଏହା ଆମର ଟିମ ଓ ସହଯୋଗୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଯିଏ ଅର୍ଥପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ପ୍ରଭାବକୁ ପରିଚାଳନା କରିବା ପାଇଁ ସମୁଦାୟଗୁଡିକ ସହ ମିଶି କାର୍ଯ୍ୟ କରୁଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଡିବିଏଫ ଗୋଷ୍ଠୀ ରୂପାନ୍ତରଣ ପାଇଁ ଏକ ଉତପ୍ରେରକ ଭାବେ ବିକଶିତ ହୋଇଛି




ଯାହା ବିଶେଷ କରି ଅନୁନ୍ନତ ଓ ଅବହେଳିତ ପୃଷ୍ଠଭୂମିର ହଜାର ହଜାର ବ୍ୟକ୍ତିଙ୍କୁ ପ୍ରାସଙ୍ଗିକ ଦକ୍ଷତା ଓ ସ୍ଥାୟୀ ରୋଜଗାର ସୁଯୋଗ ପାଇଁ ପହଂଚ ସହ ସୁସଜ୍ଜିତ କରିଛି । ଆମେ ଆମର ପହଂଚକୁ ବିସ୍ତାର କରିବା ଏବଂ ଲୋକମାନଙ୍କୁ ନିଜର ଭବିଷ୍ୟତ ଗଠନ କରିବା ଓ ଭାରତର ଅଭିବୃଦ୍ଧି କାହାଣୀରେ ଯୋଗଦାନ ଦେବା ପାଇଁ ସଶକ୍ତ କରୁଥିବା ମାର୍ଗ ସୃଷ୍ଟି କରିବା ପ୍ରତି ଆମର ପ୍ରତିବଦ୍ଧତାରେ ଅଟଳ ରହିଛୁ ।" ଏହି ସମ୍ମିଳନୀର ଅଂଶ ଭାବେ ଶ୍ରୀଯୁକ୍ତ ଗୁପ୍ତା 'ସ୍କିଲିଙ୍ଗ: ଏମ୍ ?ପାୱାରିଙ୍ଗ ଏମଏସଏମଇ ଆଣ୍ଡ ୟୁଥ୍ ଫର ସଷ୍ଟେନେବୁଲ ଲାଇଭ୍ ?ଲିହୁଡ' ଶୀର୍ଷକ ଏକ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ସେ ଶିଳ୍ପ-ସମ୍ବନ୍ଧିତ ଦକ୍ଷତା ବିକାଶ, ସହଭାଗୀ ପାର୍ଟନର ?ସିପ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢାଇବା ପାଇଁ ସ୍ଥାନୀୟ ଉଦ୍ୟୋଗ ଇକୋସିଷ୍ଟମଗୁଡିକୁ ସୁଦୃଢ଼ କରିବାର ମହତ୍ୱ ଉପରେ ନିଜର ଦୃଷ୍ଟିକୋଣ ବାଂଟିଥିଲେ । ବିଗତ ବର୍ଷଗୁଡିକରେ ଡିବିଏଫର ପଦକ୍ଷେପଗୁଡିକ ବ୍ୟାପକ ସ୍ତରରେ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିଛି । ଏହାର ଦକ୍ଷତା ଅଭିଯାନ 'ଦିକ୍ଷା' ମାଧ୍ୟମରେ ଏହି ଫାଉଣ୍ଡେଶନ ଏକାଧିକ ରାଜ୍ୟରେ ୨୭୦୦୦ରୁ ଅଧିକ ଯୁବପିଢିଙ୍କୁ ପ୍ରଶିକ୍ଷିତ କରିବା ସହ ସେମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତାରେ ସୁସଜ୍ଜିତ କରିଛି ଓ ସେମାନଙ୍କର ନିଯୁକ୍ତି କ୍ଷମତା ବୃଦ୍ଧି କରିଛି । ଏହାର ଓ୍ୱାଓ (ଓ୍ୱମେନ ଅଫ୍ ଓ୍ୱର୍ଥ) ପଦକ୍ଷେପ ତୃଣମୂଳ ସ୍ତରକୁ ଡିଜିଟାଲ ଶିକ୍ଷା ଓ ସଶକ୍ତୀକରଣକୁ ନେବା ପାଇଁ ଡିବିଏଫର ଅଭିନବ ଦୃଷ୍ଟିକୋଣକୁ ସୂଚିତ କରୁଛି ଯାହାମାଧ୍ୟମରେ ୪୨୪୩ରୁ ଅଧିକ ବ୍ୟକ୍ତି ଡିଜିଟାଲ ସାକ୍ଷରତା ଓ ସଶକ୍ତୀକରଣ କାର୍ଯ୍ୟକ୍ରମଗୁଡିକରୁ ଉପକୃତ ହୋଇଛନ୍ତି । ଏହାବ୍ୟତୀତ ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଗ୍ରାମାଂଚଳ ରୂପାନ୍ତରଣ ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟକୁ ଗ୍ରହଣ କରିଥିବା ବେଳେ ଏହାର କାର୍ଯ୍ୟକ୍ରମଗୁଡିକ କୃଷି, ଜଳ ସଂରକ୍ଷଣ, ଦକ୍ଷତା ବିକାଶ, ଉଦ୍ୟାନକୃଷି, ପଶୁପାଳନ ପରିଚାଳନା ଏବଂ ଅଣୁ ଉଦ୍ୟୋଗଗୁଡିକର ପ୍ରୋତ୍ସାହନକୁ ପରିବ୍ୟାପ୍ତ ରହିଛି, ଯାହା ସମୁଦାୟ ସ୍ଥିତତାକୁ ସୁଦୃଢ଼ କରୁଛି ଓ ସ୍ଥାୟୀ ଜୀବିକା ବିକଶିତ କରୁଛି । ଏଭଳି କେନ୍ଦ୍ରିତ ଅଭିଯାନଗୁଡିକ ମାଧ୍ୟମରେ ଡାଲମିଆ ଭାରତ ଫାଉଣ୍ଡେଶନ ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଓ ଗ୍ରାମାଂଚଳ ସମୃଦ୍ଧତା ଭଳି ଜାତୀୟ ପ୍ରାଥମିକତା ସହ ସମନ୍ୱିତ ସମାବେଶୀ ବିକାଶ ପାଇଁ ଏକ ଉତ୍ପ୍ରେରକ ଭାବେ ନିଜର ଭୂମିକାକୁ ସଶକ୍ତ କରିବା ଜାରି ରଖିଛି ।

# ଆକ୍ସିସ୍ ବ୍ୟାଙ୍କ - ଆଡ୍ଟ୍ରା ଏଜୁକେସନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୪।୨ (ନି.ପ୍ର) :** ଭାରତର ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏହାର ବାଣିଜ୍ୟିକ ବ୍ୟାଙ୍କିଂ ଗ୍ରୁପ୍ (ସିବିଜି) ପାଇଁ ରିଲେସନ୍ସିପ୍ ପ୍ରବନ୍ଧକ (ଆର୍ଏମ୍)ମାନଙ୍କର ଏକ ନିର୍ଦ୍ଦିଷ୍ଟ କ୍ୟାଡର୍ ଗଠନ କରିବା ପାଇଁ ଏକ ଢ଼ାଂଚାଗତ ନିଯୁକ୍ତି-ତାଲିମ-ମୂଲ୍ୟାୟନ କାର୍ଯ୍ୟକ୍ରମ ନିମନ୍ତେ ଆଡ୍ଟ୍ରା ଏଜୁକେସନ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ଅଭିଯାନ ଜରିଆରେ ବ୍ୟାଙ୍କର ଅନ୍ୟତମ ପ୍ରମୁଖ ଅଗ୍ରାଧିକାର କ୍ଷେତ୍ର ତଥା ଦ୍ରୁତ ଗତିରେ ବଢୁଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏମ୍ଇ) ଶାଖାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଏଭଳି ପ୍ରସ୍ତୁତ କରାଯାଇଛି ଯାହା ପାରମ୍ପରିକ ଶିକ୍ଷା ମଡେଲ୍ଠାରୁ ଭିନ୍ନ ହୋଇଥିବା ବେଳେ ଏସ୍ଏମ୍ଇ କ୍ଲାଏଂଟ୍ମାନଙ୍କ ଆବଶ୍ୟକତା ପାଇଁ ଭିନ୍ନ କୌଶଳ ସହ ଆର୍ଏମ୍ମାନଙ୍କୁ ସଶକ୍ତ କରିବ। କେନ୍ଦ୍ର ବଜେଟ୍ ୨୦୨୬ରେ କୌଶଳ ବିକାଶ ଓ ସେବା କ୍ଷେତ୍ର ନିୟୋଜନ ଉପରେ ଗୁରୁତ୍ୱାରୋପ କରାଯାଇଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଶୁଭାରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମର ନିଯୁକ୍ତି-ତାଲିମ-ନିୟୋଜନ ମଡେଲ୍ ନୂଆ ଆର୍ଏମ୍ମାନେ ପ୍ରଥମ ଦିନରୁ କାର୍ଯ୍ୟକ୍ଷେତ୍ରରେ ଯୋଗଦେବାକୁ ପ୍ରସ୍ତୁତ ଥିବାକୁ ନିଶ୍ଚିତ କରିବ, ଫଳରେ ନିଯୁକ୍ତି ଓ ବାସ୍ତବ ଦୁନିଆ ପ୍ରସ୍ତୁତିରେ ରହିଥିବା ଅଂର ଦୂର ହୋଇପାରିବ। ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ତଥା ଭୂମିକା ଆଧାରିତ ପାଠ୍ୟକ୍ରମକୁ ବାଣିଜ୍ୟିକ ବ୍ୟାଙ୍କିଂ ଆର୍ଏମ୍ମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ବାସ୍ତବ ଦୁନିଆ ଉଦାହରଣ ଓ ଗ୍ରାହକ ଯୋଗାଯୋଗ ସ୍ଥିତିରେ ଅଭ୍ୟାସ ଆଧାରିତ ପାଠପଢ଼ା। ଉତ୍ପାଦ, ପ୍ରକ୍ରିୟା ଓ ନିୟାମକ ଦୃଷ୍ଟିରୁ ଢ଼ାଂଚା। ଆକ୍ସିସ ବ୍ୟାଙ୍କର ସିବିଜି ଭୂମିକା ସହ ସମନ୍ୱିତ ମୂଲ୍ୟାୟନ ପାଇଁ ପ୍ରସ୍ତୁତ ତାଲିମ ପ୍ରଦାନ କରାଯିବ। ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ଓ ମାନବ ସମ୍ବଳ ମୁଖ୍ୟ ରାଜକମଳ ଭେମପତି କହିଛନ୍ତି ଯେ, 'ଭାରତର ଅଭିବୃଦ୍ଧିରେ ସେବା କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ବଢୁଥିବା ବେଳେ ଏସଏମଇ ଭଳି ଉଚ୍ଚ ପ୍ରାଥମିକତା କ୍ଷେତ୍ରରେ ନିଯୁକ୍ତି ପାଇଁ ପ୍ରସ୍ତୁତ ଓ ଭବିଷ୍ୟତକୁ ସାମ୍ନା କରିବାକୁ ସକ୍ଷମ ପ୍ରତିଭାମାନଙ୍କ ଆବଶ୍ୟକତା ବଢ଼ିଯାଇଛି। ନିଯୁକ୍ତି-ତାଲିମ-ମୂଲ୍ୟାୟନ କାର୍ଯ୍ୟକ୍ରମ ଆମକୁ ଆମ ବାଣିଜ୍ୟିକ ବ୍ୟାଙ୍କିଂ ବ୍ୟବସାୟ ପାଇଁ ଉଚ୍ଚ ମାନର, ମୂଲ୍ୟାୟନ ପାଇଁ ପ୍ରସ୍ତୁତ ପ୍ରତିଭାମାନଙ୍କୁ ପ୍ରସ୍ତୁତ କରିବାରେ ସହାୟକ ହେବା ସହ ଆମ ଲୋକମାନଙ୍କ ଅର୍ଥପୂର୍ଣ୍ଣ କ୍ୟାରିୟର ଅଭିବୃଦ୍ଧିକୁ ସମର୍ଥନ କରିବ। ଆଡ୍ଟ୍ରା ଏଜୁକେସନର ସିଇଓ, ଦକ୍ଷତା ଓ ଉଚ୍ଚ ଶିକ୍ଷା ଶ୍ରୀ ବିମଳଜିତ ଭାସିନ କହିଛନ୍ତି ଯେ, 'ଜଟିଳ ତଥା ଗ୍ରାହକଙ୍କୁ ସାମ୍ନା କରିବାକୁ ଥିବା ଭୂମିକା ପାଇଁ ଉଚ୍ଚ ମାନର ପ୍ରତିଭାବାନ କର୍ମଚାରୀଙ୍କ ଦଳ ଗଠନ କରିବା ନିମନ୍ତେ କ୍ୟାରିୟର ୨୪୭ ଉପରେ ଆକ୍ସିସ ବ୍ୟାଙ୍କର ରହିଥିବା ଭରସାକୁ ସିବିଜି ରିଲେସନସିପ ମ୍ୟାନେଜର ପ୍ରୋଗ୍ରାମ ପ୍ରତିଫଳିତ କରୁଛି। ଏହି ସହଯୋଗିତା ବାଣିଜ୍ୟିକ ବ୍ରଶଙ୍କିରେ ଆମ ସହଯୋଗିତାର ସ୍ୱାଭାବିକ ସମ୍ପ୍ରସାରଣକୁ ଦର୍ଶାଉଥିବା ବେଳେ ଏହା ରିଲେସନସିପ ମ୍ୟାନେଜର ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛି ଯେଉଁମାନେ ବାସ୍ତବ ଦୁନିଆ ଆହ୍ୱାନକୁ ସାମ୍ନା କରିବାକୁ ପ୍ରସ୍ତୁତ ଏବଂ ଏହା ବ୍ୟାଙ୍କ ଗ୍ରାହକ କୈନ୍ଦ୍ରୀକ ଅଭିବୃଦ୍ଧି କାହାଣୀ ପ୍ରତି ସମନ୍ୱିତ ରହିଛି।''

# ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଲିଭର ଟ୍ରାନ୍ସପ୍ଲାଣ୍ଟ ରେ ନୂତନ ମାଇଲଷ୍ଟୋନ୍

**ଭୁବନେଶ୍ୱର, ୨୪।୨(ନି.ପ୍ର)** ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ପ୍ରେସ୍ ମିଟ୍ ଆୟୋଜିତ ହୋଇଥିଲା, ଯେଉଁଥିରେ ବର୍ଷୋଧିକ କ୍ଲିନିକାଲ୍ ଅନୁଭବ ଓ ଦକ୍ଷତା ଆଧାରିତ ଲିଭର ପ୍ରତ୍ୟାରୋପଣ କ୍ଷେତ୍ରରେ ହସ୍ପିଟାଲର ସ୍ଥାନକୁ ପୁନଃ ଉଲ୍ଲେଖ କରାଯାଇଥିଲା।

ଏହି ସମ୍ମିଳନୀରେ ଓଡିଶାରେ ବଢୁଥିବା ଲିଭର ରୋଗ ଭାର ନେଇ ଚିନ୍ତା ପ୍ରକାଶ ପାଇଥିଲାୟ ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ, ପ୍ରାୟ ପ୍ରତ୍ୟେକ ତିନି ଜଣ ମଧ୍ୟରୁ ଗୋଟିଏ ବ୍ୟକ୍ତି ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପାରନ୍ତି। ଏବଂ ପ୍ରତି ଛଅ ଜଣ ମଧ୍ୟରୁ ଗୋଟିଏ




ବ୍ୟକ୍ତିଙ୍କୁ NASH (ଲିଭର ଜନିତ ଗୁରୁତର ଅବସ୍ଥା) ହେବାର ଆଶଙ୍କା ରହେ, ଯାହା ପରେ ଲିଭର ସିରୋସିସ୍କୁ ଅଗ୍ରସର ହୋଇପାରେ। ଆମ ରାଜ୍ୟରେ ଲିଭର ସିରୋସିସ୍ର ପ୍ରକୋପ ପ୍ରାୟ ୧୬.୭ ଶତଂଶ ଥିବା ବେଳେ, ପୂର୍ବ ଭାରତରେ ପ୍ରାୟ ଅର୍ଦ୍ଧାଧିକ ଦୀର୍ଘକାଳୀନ ଲିଭର ରୋଗୀ ସିରୋସିସ୍ରେ ଚିହ୍ନଟ ହେଉଛନ୍ତି। ଦୁଃଖଦ ଭାବେ, ଅଧିକାଂଶ ରୋଗୀ ଶେଷ ଓ ଜଟିଳ ଅବସ୍ଥାରେ ଚିହ୍ନଟ ହେବାରୁ ଆଗୁଆ ଚିହ୍ନଟ ଓ ସମୟମତେ ଚିକିତ୍ସାର ଆବଶ୍ୟକତା ଅଧିକ ଭାବେ ଅନୁଭବ କରାଯାଇଛି।

ଜାତୀୟ ସ୍ତରରେ ଆବଶ୍ୟକତା ତୁଳନାରେ ଅଙ୍ଗ ପ୍ରତ୍ୟାରୋପଣ ସୁବିଧା ସୀମିତ ଥିବା ପରିପ୍ରେକ୍ଷିତରେ, ଏହି ପ୍ରେସ୍ ମିଟ୍ରେ ଉନ୍ନତ ଲିଭର ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ଉଲ୍ଲେଖ କରାଯାଇଥିଲା, ଯାହା ରୋଗୀମାନଙ୍କୁ ପୁନର୍ବାର ସ୍ୱାସ୍ଥ୍ୟ ଓ ସାଧାରଣ ଜୀବନକୁ ଫେରାଇ ଆଣିପାରେ। କାର୍ଯ୍ୟକ୍ରମରେ ଡାକ୍ତରମାନେ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ହୋଇଥିବା ରୋଗୀମାନେ ଏକାଠି ହୋଇ ନିଜ ଅନୁଭବ ସେୟାର କରିଥିଲେୟ ପ୍ରତ୍ୟେକ ଟ୍ରାନ୍ସପ୍ଲାଣ୍ଟ୍ ପଛରେ ଥିବା ଜୀବନ ସଂଘର୍ଷ ଓ ଆଶାର କାହାଣୀ ଏହି ଅବସରକୁ ଅଧିକ ସାରଗର୍ଭିତ କରିଥିଲା। ଏହି ପ୍ରେସ୍ ମିଟ୍ରେ ଡାକ୍ତରମାନେ ଓ ସଫଳ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ରୋଗୀ ମାନେ ଯୋଗଦେଇଥିଲେ।

# ଏୟାରଟେଲ୍ ଉଚ୍ଚମାନର ଏନବିଏଫସି ପ୍ଲାଟଫର୍ମ ନିର୍ମାଣ ପାଇଁ ପ୍ରମୁଖ ପ୍ରୟାସ ଯୋଜନା କରୁଛି

**ନୂଆଦିଲ୍ଲୀ, ୨୪।୨ (ନି.ପ୍ର):** ଭାରତର ଅଗ୍ରଣୀ ଦୂରସଂଚାର ସେବା ପ୍ରଦାନକାରୀମାନଙ୍କ ମଧ୍ୟରୁ ଗୋଟିଏ, ଭାରତୀ ଏୟାରଟେଲ୍, ଆଜି ଏହାର ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ଏୟାରଟେଲ୍ ମନି ଲିମିଟେଡ୍ ପାଇଁ ପ୍ରମୁଖ ଯୋଜନା ଘୋଷଣା କରିଛି, ଯାହା ଭାରତରେ କ୍ରେଡିଟ୍ ବ୍ୟବଧାନକୁ ଦୂର କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏନବିଏଫସି ସହାୟକ କମ୍ପାନୀକୁ ୨୦,୦୦୦ କୋଟି ଟଙ୍କା ପୁଞ୍ଜି ସୁବିଧା ପ୍ରଦାନ କରାଯିବ। ଏୟାରଟେଲ୍ ଭାରତୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ମାଧ୍ୟମରେ ପ୍ରମୋଟର ଗୋଷ୍ଠୀ ସହିତ ୭୦% ଯୋଗଦାନ କରିବ ଏବଂ ବାକି ୩୦% ସଂଗ୍ରହ କରାଯିବ। ଶକ୍ତିଶାଳୀ ଡିଜିଟାଲ୍ ସମ୍ପତ୍ତି, ୫୦୦+ ଡାଟା ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ଏକ ବୃହତ ଡାଟା ଏବଂ ବିଶ୍ଳେଷଣ ଇଞ୍ଜିନ୍ ଏବଂ ଗଭୀର କାର୍ଯ୍ୟକ୍ଷମ ବିଶେଷଜ୍ଞତା ସହିତ, ଏୟାରଟେଲ୍ ସମଗ୍ର ଭାରତରେ ସରଳ, ସୁରକ୍ଷିତ ଏବଂ ଅଭିନବ ଡିଜିଟାଲ୍ ଆର୍ଥିକ ସେବାଗୁଡ଼ିକର ପ୍ରବେଶକୁ ଦ୍ରୁତ ଗତିରେ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଏୟାରଟେଲ୍ ଗତ ଦୁଇ ବର୍ଷ ମଧ୍ୟରେ ଏକ ଉଚ୍ଚ ପ୍ରଦର୍ଶନ କ୍ରେଡିଟ୍ ଇଞ୍ଜିନ୍ ନିର୍ମାଣ କରିଛି, ଯାହା ଏହାର ଡିଜିଟାଲ୍ ପ୍ଲାଟଫର୍ମ ଏବଂ ଗଭୀର ଭାବରେ ସମନ୍ୱିତ ଚ୍ୟାନେଲଗୁଡ଼ିକ ଦ୍ୱାରା ପରିଚାଳିତ, ଯାହାର ପରିଣାମସ୍ୱରୂପ ଭାରତର ସବୁଠାରୁ ଶକ୍ତିଶାଳୀ ଋଣ ସେବା ପ୍ରଦାନକାରୀ (ଏଲଏସପି) ମଡେଲ୍ ମଧ୍ୟରୁ ଗୋଟିଏ। ପ୍ଲାଟଫର୍ମଟି ପୂର୍ବରୁ ଟ.୯,୦୦୦ କୋଟିରୁ ଅଧିକ ବଣ୍ଟନ ସହିତ ହାଇପରସ୍କେଲ ଗ୍ରହଣ ହାସଲ କରିଛି - ଶ୍ରେଷ୍ଠ ଶ୍ରେଣୀର ଫଳାଫଳ ଦ୍ୱାରା ସମର୍ଥିତ, ଦୃଢ଼ ଅଣ୍ଡରରାଇଟିଂ ମଡେଲ୍, ଶୃଙ୍ଖଳିତ ପୋର୍ଟଫୋଲିଓ ପରିଚାଳନା ଏବଂ ବାସ୍ତବ ସମୟ ବିପଦ ମନିଟରିଂ ଦ୍ୱାରା ପରିଚାଳିତ। 'ଗତ ଦୁଇ ବର୍ଷ ମଧ୍ୟରେ ଆମର ଏଲଏସପି ପ୍ଲାଟଫର୍ମର ସଫଳତା ଜାତୀୟ ସ୍ତରରେ ପ୍ରଭାବ ପ୍ରଦାନ କରିବା ପାଇଁ ପ୍ରଯୁକ୍ତିବିଦ୍ୟା, ତଥ୍ୟ ଏବଂ ଗ୍ରାହକଙ୍କ ବିଶ୍ୱାସକୁ ମିଶ୍ରଣ କରିବାର ଆମର କ୍ଷମତାର ପ୍ରମାଣ। ଆମେ ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ସ୍କେଲେବଲ୍ ଡିଜିଟାଲ୍ କ୍ରେଡିଟ୍ ଇଞ୍ଜିନ୍ ମଧ୍ୟରୁ ଗୋଟିଏ ନିର୍ମାଣ କରିଛୁ - ଶିଳ୍ପ ସର୍ବୋତ୍ତମ ପ୍ରଦର୍ଶନ ମେଟ୍ରିକ୍ସ ଦ୍ୱାରା ସମର୍ଥିତ ଉଚ୍ଚମାନର କ୍ରେଡିଟ୍ ସହିତ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିବା,' ବୋଲି ଭାରତୀ ଏୟାରଟେଲ୍ ?ର ଏକ୍ ?ଜିକ୍ୟୁଟିଭ୍ ଭାଇସ ଚେୟାରମ୍ୟାନ୍, ଗୋପାଳ ଭିଟ୍ଟଲ କହିଛନ୍ତି। 'ଆମର ଏନବିଏଫସି ସମ୍ପ୍ରସାରଣ ଏହି ଭିତ୍ତିଭୂମିକୁ ସୁଦୃଢ଼ କରେ ଏବଂ ଏକ ଭିନ୍ନ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ୍ ଋଣ ବ୍ୟବସାୟ ନିର୍ମାଣ କରିବାର ଆମର ମହତ୍ତ୍ୱକୁ ପ୍ରତିଫଳିତ କରେ - ଯାହା ବିଶ୍ୱାସ, ନବସୃଜନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଠିଆ ହୋଇଛି। ଏୟାରଟେଲ ମନି ଫେବୃଆରୀ ୧୩, ୨୦୨୬ ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଠାରୁ ଏହାର ଏନବିଏଫସି ଲାଇସେନ୍ସ ପାଇଥିଲା। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଆର୍ଥିକ ସେବା କ୍ଷେତ୍ରରେ ଏହି ରଣନୈତିକ ପ୍ରସାର ଆର୍ଥିକ ଅନ୍ତର୍ଭୁକ୍ତିକୁ ଗଭୀର କରିବା ଏବଂ ଅଣସେବାପ୍ରାପ୍ତ ଗ୍ରାହକମାନଙ୍କୁ ସଶକ୍ତ କରିବା ପାଇଁ ଏୟାରଟେଲର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। କେୟାର ଏଜ୍ ରେଟିଂ ଅନୁଯାୟୀ, ଭାରତରେ ଆନୁଷ୍ଠାନିକ ଋଣରୁ ଜିଡିପି ଅନୁପାତ ୫୩% ରହିଛି ଏବଂ ଦେଶରେ ଋଣ ଦେବାର ସୁଯୋଗକୁ ଉଲ୍ଲେଖ କରେ। ଏହି ପ୍ରସାରଣ ଏକ ଏକ ଉଲ୍ଲେଖନୀୟ ପଦକ୍ଷେପ ଯାହା କମ୍ପାନୀ ପାଇଁ ପରବର୍ତ୍ତୀ ଅଭିବୃଦ୍ଧି ଇଞ୍ଜିନ ନିର୍ମାଣ କରିବା ଏବଂ ଏହାର ପୋର୍ଟଫୋଲିଓକୁ ଆହୁରି ବିବିଧ କରିବା ପାଇଁ ବୃହତ ଏୟାରଟେଲ ଗ୍ରାହକ ଆଧାରକୁ ଲାଭ ଦେବ। ଏନବିଏଫସି ର ବଣ୍ଟନ ଯାତ୍ରା ଏଲଏସପି ପ୍ଲାଟଫର୍ମ ସହିତ ସୁଗମ ଭାବରେ ସମନ୍ୱିତ ହେବ, ଏବଂ ଉଭୟ ମଧ୍ୟରେ ସ୍ପଷ୍ଟ କାର୍ଯ୍ୟକ୍ଷମ ପୃଥକୀକରଣ ବଜାୟ ରଖି ଗ୍ରାହକଙ୍କୁ ସର୍ବୋତ୍ତମ ଅଭିଜ୍ଞତା ପ୍ରଦାନ କରିବ। ପ୍ରଯୁକ୍ତିବିଦ୍ୟା, ତଥ୍ୟ ଏବଂ ଗ୍ରାହକ ବୁଝାମଣାକୁ ସ୍ତରରେ ମିଶ୍ରଣ କରି, ଏୟାରଟେଲ୍ ଭାରତରେ ଡିଜିଟାଲ୍ ଆର୍ଥିକ ସେବା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ସାର୍ଟିଫିକେଟ୍ ପ୍ରଦାନ କରିବା ସମୟରେ, ଆରବିଆଇ ଦ୍ୱାରା ଏୟାରଟେଲ୍ ମନି ଲିମିଟେଡ୍ ?କୁ ପରାମର୍ଶ ଦିଆଯାଇଥିବା ପରି କମ୍ପାନୀ ନିମ୍ନଲିଖିତ ପ୍ରତ୍ୟାଖ୍ୟାନ/ବିବୃତ୍ତି ମଧ୍ୟ ଦାଖଲ କରୁଛି: 'ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ, ୧୯୩୪ ର ଧାରା ୪୫ ଆଇଏ ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ୧୩/୦୨/୨୦୨୬ ତାରିଖର ଏକ ବୈଧ ପଞ୍ଜୀକରଣ ପ୍ରମାଣପତ୍ର କମ୍ପାନୀ ପାଖରେ ଅଛି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ କମ୍ପାନୀର ଆର୍ଥିକ କ୍ଷମତା କିମ୍ବା କମ୍ପାନୀ ଦ୍ୱାରା ପ୍ରକାଶିତ କୌଣସି ବିବୃତ୍ତି କିମ୍ବା ପ୍ରତିନିଧିତ୍ୱ କିମ୍ବା ମତାମତର ସଠିକତା ଏବଂ ଜମା ପରିଶୋଧ / କମ୍ପାନୀ ଦ୍ୱାରା ଦାୟିତ୍ୱ ପରିଶୋଧ ପାଇଁ ବର୍ତ୍ତମାନର ସ୍ଥିତି ବିଷୟରେ କୌଣସି ଦାୟିତ୍ୱ କିମ୍ବା ଗ୍ୟାରେଣ୍ଟି ଗ୍ରହଣ କରେ ନାହିଁ।

# AI ସ୍ମାର୍ଟଫୋନ୍ ପୂର୍ବରୁ ସଂରକ୍ଷଣ କରୁଥିବା ଗ୍ରାହକଙ୍କ ପାଇଁ ସାମସଙ୍ଗ ଇଣ୍ଡିଆ ଘୋଷଣା ଏକ୍ସକ୍ଲୁସିଭ୍ ଲାଭ

**ଗୁରୁଗ୍ରାମ, ୨୪।୨ (ନି.ପ୍ର):** ସାମସଙ୍ଗ, ଭାରତର ସର୍ବ ବୃହତ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଆଜି ଗ୍ରାହକଙ୍କ ଆଗାମୀ ଇଓ ସ୍ମାର୍ଟଫୋନକୁ ସଂରକ୍ଷଣ କରିବା ପାଇଁ ବିଶେଷ ସୁବିଧା ଘୋଷଣା କରିଛି । ଗ୍ରାହକ ଯେଉଁମାନେ ପ୍ରି-ରିଜର୍ଭ କରିବେ ୨୫୬ ଜିବିରୁ ୫୧୨ ଜିବି ପର୍ଯ୍ୟନ୍ତ ଏକ ପ୍ରଶଂସା ମେମୋରୀ ଅପଗ୍ରେଡ୍ ପାଇବେ ।ଫେବୃଆରୀ ୨୫ ରେ କାଲିଫର୍ନିଆର ସାନ ଫ୍ରାନ୍ସିସ୍କୋରେ ଗାଲାକ୍ସି ଅନ୍ପ୍ୟାକ୍ ଇଭେଣ୍ଟରେ ସାମସଙ୍ଗର ପରବର୍ତ୍ତୀ ଇଓ ଫୋନ୍ ଉନ୍ମୋଚିତ ହେବ । ଗ୍ରାହକମାନେ ଫେବୃଆରୀ ୨୫ ପର୍ଯ୍ୟନ୍ତ INR ୯୯୯ ର ଫେରସ୍ତଯୋଗ୍ୟ ଟୋକେନ୍ ପରିମାଣ ଦେଇ ନୂତନ ଗାଲାକ୍ସି ଏସ୍ ସିରିଜ୍ ଡିଭାଇସ୍ଗୁଡ଼ିକୁ ପ୍ରି-ରିଜର୍ଭ କରିପାରିବେ । ସାମସଙ୍ଗ ଡଟ୍ କମ୍, ସାମସଙ୍ଗ ଏକ୍ସକ୍ଲୁସିଭ୍ ଷ୍ଟୋରସ, ଆମାଜନ.ଇନ୍, ଫ୍ଲିପକାର୍ଟ ଡଟ୍ କମ୍ ଏବଂ ଭାରତର ଅଗ୍ରଣୀ ଖୁଚୁରା ଆଉଟଲେଟ୍ ମାଧ୍ୟମରେ ପ୍ରି-ରିଜର୍ଭେସନ୍ ଉପଲବ୍ଧ । ଷ୍ଟୋରେଜ୍ ଅପଗ୍ରେଡ୍ ସହିତ, ପ୍ରି-ରିଜର୍ଭ ଗ୍ରାହକମାନେ ନୂତନ ଗାଲାକ୍ସି ଏସ୍ ସିରିଜ୍ ଡିଭାଇସ୍ କିଣିବା ପରେ ଓଘଜ ୨୬୯୯ ମୂଲ୍ୟର ଲାଭ ପାଇବେ । ନୂତନ ଗାଲାକ୍ସି ଏସ୍ ସିରିଜ୍ ଦ ଯବଙ୍ଗ ନନ୍ଦିନ ପାରସ୍ପରିକ କାର୍ଯ୍ୟକୁ ସରଳ କରିବା, ଆତ୍ମବିଶ୍ୱାସକୁ ପ୍ରେରଣା ଦେବା ଏବଂ ଗାଲାକ୍ସି ଏଆଇକୁ ହାତରେ ଥିବା ମୁହୂର୍ତ୍ତରୁ ନିରବଚ୍ଛିନ୍ନ ଭାବରେ ଏକୀକୃତ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ଏୟାରଟେଲ ପେମେଂଟସ ବ୍ୟାଙ୍କ ପକ୍ଷରୁ ଏନଏଫସି-ବେସଡ ବାଲାନ୍ସ ଅପଡେଟ ଫିଚରର ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୨ (ନି.ପ୍ର) :** ଏୟାରଟେଲ ପେମେଂଟସ ବ୍ୟାଙ୍କ ପକ୍ଷରୁ ଏହାର ରୁପେ ଅନ-ଦ-ଗୋ କାର୍ଡଗୁଡିକ ପାଇଁ ଏହାର ଇନଷ୍ଟାଂଟ ଏନଏଫସି ବେସଡ ବାଲାନ୍ସ ଅପ୍ଡେଟ ଫିଚରର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହାକୁ ଏନସିଏମସି ଦ୍ୱାରା ସକ୍ଷମ କରାଯାଇଛି। ଗ୍ରାହକମାନେ ଏବେ ନିଜର ଏନଏଫସି-ପରିଚାଳିତ ଆଣ୍ଡ୍ରଏଡ ସ୍ମାର୍ଟଫୋନରେ କେବଳ କାର୍ଡ ଉପରେ ଟ୍ୟାପ କରି ତତ୍କାଳ ନିଜ କାର୍ଡର ବାଲାନ୍ସ ଯାଂଚ କିମ୍ବା ଅପ୍ଡେଟ କରିପାରିବେ, ଏହା ମେଟ୍ରୋ ଷ୍ଟେସନ କିଓସ୍କଗୁଡିକୁ ପରିଦର୍ଶନ କରିବାର ଆବଶ୍ୟକତାକୁ ଦୂର କରିବ ଏବଂ ଏକ ସହଜ, ସମ୍ପୂର୍ଣ୍ଣ ଡିଜିଟାଲ ଓ କଂଟାକ୍ଟଲେସ ଟ୍ରିଟ ଅନୁଭୂତିକୁ ସକ୍ଷମ କରିବ। ଏହି ପଦକ୍ଷେପ ସହିତ ଯାତ୍ରୀମାନେ ଏୟାରଟେଲ ଥ୍ୟାଙ୍କସ ଆପ୍ରେ ନିଜା ବ୍ୟାଙ୍କ ଆକାଉଂଟ କିମ୍ବା ୱାଲେଟରେ ଲଗ୍ଇନ କରିବା ପରେ ନିଜର ଲିଙ୍କ ହୋଇଥିବା ଏନଏଫସି-ସକ୍ଷମ ଆଣ୍ଡ୍ରଏଡ ସ୍ମାର୍ଟଫୋନରେ କାର୍ଡକୁ ଟ୍ୟାପ କରି ବାସ୍ତବ ସମୟରେ କାର୍ଡର ବାଲାନ୍ସ ଅପ୍ଡେଟ କିମ୍ବା ଯାଂଚ କରିପାରିବେ। କାର୍ଡ ଅର୍ଡର କରିବା ଓ ରିଚାର୍ଜ କରିବାଠାରୁ ଆରମ୍ଭ କରି ତତ୍କାଳ ବାଲାନ୍ସ ଅପ୍ଡେଟ କିମ୍ବା ଯାଚଂ କରିବା ପର୍ଯ୍ୟନ୍ତ ସମଗ୍ର ଅନୁଭୂତି ଏବେ ସମ୍ପୂର୍ଣ୍ଣ ଡିଜିଟାଲ ଏବଂ ସରଳ ଅଟେ।

ଏସମ୍ପର୍କରେ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କର ବିଜ୍ନେସ୍ ଅପରେଶନ୍ସ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗଣେଶ ଅନନ୍ତନାରାୟଣନ କହିଛନ୍ତି, ''ଏୟାରଟେଲ୍ ପେମେଂଟସ ବ୍ୟାଙ୍କରେ, ଆମର ଗ୍ରାହକମାନଙ୍କ ପାଇଁ ଦୈନନ୍ଦିନ କାରବାରକୁ ଅଧିକ ସରଳ ଏବଂ ସହଜ କରିବା ଦିଗରେ ନୂଆ ଉପାୟ ଉଦ୍ଭାବନ କରିବା ଉପରେ ଆମର ନିରନ୍ତର ପ୍ରୟାସ ରହିଆସିଛି। ପାଇଲଟ୍ ପ୍ରୋଜେକ୍ଟ ସମୟରେ ମିଳିଥିବା ବିପୁଳ ପ୍ରତିକ୍ରିୟା, ଯାତ୍ରା ସମୟରେ ତୁରନ୍ତ ବାଲାନ୍ସ ଅପଡେଟ୍ର ଆବଶ୍ୟକତାକୁ ପ୍ରମାଣିତ କରିଛି। ଏହି ଶୁଭାରମ୍ଭ ସହିତ, ଆମେ ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ପାଇଁ ଏଭଳି ଆଉ ଏକ ସମାଧାନ ଆଣିଥିବାରୁ ଗର୍ବିତ, ଯାହା ଯାତ୍ରୀମାନଙ୍କ ସୁବିଧାକୁ ବଢ଼ାଇବା ସହିତ ଭାରତର ଡିଜିଟାଲ ପେମେଂଟ ଏବଂ ମୋବିଲିଟି ଇକୋସିଷ୍ଟମକୁ ସୁଦୃଢ଼ କରିବ।' ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ହେଉଛି ରୁପେ ଅନ-ଦ-ଗୋ କାର୍ଡର ଅନ୍ୟତମ ଅଗ୍ରଣୀ ଇସ୍ୟୁୟର ଏବଂ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କ ୫ ମିଲିୟନରୁ ଅଧିକ କାର୍ଡ ଜାରି କରିଛି। ଏହି ଶୁଭାରମ୍ଭ ଭାରତର ଟ୍ରିଟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରିଛି ଏବଂ ଗ୍ରାହକ ଅଭିଜ୍ଞତାକୁ ଉନ୍ନତ କରୁଥିବା ଅତ୍ୟାଧୁନିକ ଆର୍ଥିକ ଓ ଯାତାୟତ ସମାଧାନ ନିର୍ମାଣ କରିବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ମଜବୁତ କରିଛି।

# 'BHIM ପେମେଣ୍ଟ୍ସ ଆପର UPI Circle ବ୍ୟବହାରକାରୀଙ୍କ ପାଇଁ UPI ପେମେଣ୍ଟ ସହଜ ଏବଂ ସୁରକ୍ଷିତ

**କଟକ, ୨୪।୨ (ନି.ପ୍ର) :** ଆଜିକାଲି ଗୃହ ଚାଳନା କରିବାର ଅର୍ଥ ମାତ୍ର ନିଜ ପେମେଣ୍ଟ୍ସ ମ୍ୟାନେଜ୍ କରିବା ପରେ ଅଧିକ କିଛି ହୁଏ। ଆପଣ ହୋଇପାରେ ଦିନ-ପ୍ରତିଦିନର ଖର୍ଚ୍ଚ ନିୟନ୍ତ୍ରଣ କରୁଛନ୍ତି, ସେବାରେ ବଢୁଥିବା ବାପାମାଆଙ୍କୁ ସହଯୋଗ କରୁଛନ୍ତି, କିମ୍ବା ବିଶ୍ୱସନୀୟ କର୍ମଚାରୀଙ୍କୁ ସାଧାରଣ କ୍ରୟକାର୍ଯ୍ୟ ସମ୍ଭାଳିବାକୁ ସମର୍ଥ କରୁଛନ୍ତି। ଡିଜିଟାଲ୍ ପେମେଣ୍ଟ୍ସ ଏହାକୁ ପୂର୍ବ ତୁଳନାରେ ଅଧିକ ସହଜ କରିଛି, ତଥାପି ବହୁତ ପରିବାରକୁ ଏଉଁ ଏକ ସଂରଚିତ ଉପାୟ ଆବଶ୍ୟକ, ଯାହା ନିୟନ୍ତ୍ରଣ ହାରାଇବା ଛଡା ପେମେଣ୍ଟ୍ ଆକ୍ସେସ୍ ସେୟାର କରିପାରିବ। ସମ୍ପ୍ରତି, BHIM ପେମେଣ୍ଟ୍ସ ଆପ୍ ତାଙ୍କର UPI Circle a feature ହ୍ରାସ କରିଛି, ଯାହା ସଠିକ୍ ଏହି ଦିଗରେ ନିର୍ମିତ। ଏହା ମୁଖ୍ୟ ବ୍ୟବହାରକାରୀଙ୍କୁ ବିଶ୍ୱସନୀୟ ଲୋକଙ୍କୁ ନିୟନ୍ତ୍ରିତ ପେମେଣ୍ଟ୍ ଆକ୍ସେସ୍ ଦେବାକୁ ସହଯୋଗ କରେ, ସହଜ ସୀମା, ପୂର୍ଣ୍ଣ ଦୃଶ୍ୟମାନତା ଏବଂ ସୁରକ୍ଷା ଓ ଦାୟିତ୍ୱ ନିଶ୍ଚିତ ରହିବାର ସହିତ।

UPI Circle ଏହି ଖାଲିକୁ ନିୟନ୍ତ୍ରିତ ଏବଂ ସୁରକ୍ଷିତ ଅଧିକାରାନୁସାରଣ ଦ୍ୱାରା ଭରଣ କରେ। ଏହା ମୁଖ୍ୟ ବ୍ୟବହାରକାରୀଙ୍କୁ ଅନୁମତି ଦେଇଥାଏ, ଯେ ସ୍ୱରମ-କ୍ଟ ଭ ୟ ବ କ୍ସ ଛ ବ୍ୟବହାରକାରୀ ନିର୍ଦ୍ଧାରିତ ସୀମା ମଧ୍ୟରେ ମୁଖ୍ୟ ବ୍ୟବହାରକାରୀଙ୍କର ବ୍ୟାଙ୍କ ଖାତାରୁ ଟଚଓ ପେମେଣ୍ଟ୍ କରିପାରିବେ ଏବଂ ପୂର୍ଣ୍ଣ ଦୃଶ୍ୟମାନତା ରଖିପାରିବେ। ଏହା ଡିଜିଟାଲ୍ ପେମେଣ୍ଟ୍ସ ସାଂଘିକ ଗୃହ ଚାଳନା ପାଇଁ ଅଧିକ ପ୍ରୟୋଗଯୋଗ୍ୟ କରେ, ଟଚଓ ଚଓଘ, ପାସୱାର୍ଡ୍ କିମ୍ବା ଡିଭାଇସ୍ ଆକ୍ସେସ୍ ସେୟାର କରିବା ଅସୁରକ୍ଷିତ ପ୍ରଥାକୁ ଅପରିହାର୍ଯ୍ୟ ଭାବରେ ବ୍ୟବହାର କରିବାକୁ ଅନାବଶ୍ୟକ କରେ।

ଟଚଓ ଉସକ୍ସମକ୍ଷର ଏକ ଫିଚର୍, ଯାହା ବ୍ୟବହାରକାରୀଙ୍କୁ ଟଚଓ ପ୍ଲାଟଫର୍ମରେ ବିଶ୍ୱସନୀୟ ସର୍କଲ୍ ସୃଷ୍ଟି କରିବା ଏବଂ ପରିବାର ସଦସ୍ୟ କିମ୍ବା ଅନ୍ୟାନ୍ୟ ବିଶ୍ୱସନୀୟ ଲୋକଙ୍କ ପାଇଁ ପେମେଣ୍ଟ୍ ଅନୁମୋଦନ କରିବାରେ ସହାୟତା କରେ। ମୁଖ୍ୟ ବ୍ୟବହାରକାରୀ



ପାଖରେ ପାଞ୍ଚଜଣ ପର୍ଯ୍ୟନ୍ତ ସେକଣ୍ଡାରୀ ବ୍ୟବହାରକାରୀଙ୍କୁ ଯୋଗ କରିବାର ସୁବିଧା ରହିଛି ଏବଂ ସେମାନେ ନିର୍ଦ୍ଧାରିତ ସୀମା ମଧ୍ୟରେ ମୁଖ୍ୟ ବ୍ୟବହାରକାରୀଙ୍କର ଟଚଓ ସଂଯୁକ୍ତ ବ୍ୟାଙ୍କ ଖାତାରୁ ଲେନଦେନ କରିପାରିବେ। ସେକଣ୍ଡାରୀ ବ୍ୟବହାରକାରୀ ସେମାନଙ୍କର ନିଜ ଟଚଓ ଓଜ ମଧ ସର୍କଲ୍ ଅଧୀନରେ ତିଆରି କରିପାରିବେ, ଯାହା ମୁଖ୍ୟ ବ୍ୟବହାରକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁମତି ମଧ୍ୟରେ ସ୍ୱାଧୀନ ଭାବରେ ଅନ୍ୟାନ୍ୟଙ୍କୁ ପେମେଣ୍ଟ୍ କରିବାକୁ ସକ୍ଷମ କରେ।

UPI Circle ପେମେଣ୍ଟ୍ସ ନିୟନ୍ତ୍ରଣ ହାରାଇବା ଛଡା ଦେବାର ସଂରଚିତ ଉପାୟ ପ୍ରଦାନ କରେ। ଏଥିରେ, ମୁଖ୍ୟ ବ୍ୟବହାରକାରୀ ସେକଣ୍ଡାରୀ ବ୍ୟବହାରକାରୀଙ୍କୁ ମୁଖ୍ୟ ବ୍ୟବହାରକାରୀଙ୍କର ବ୍ୟାଙ୍କ ଖାତାରୁ ସର ? ?ରି ଟଚଓ ପେମେଣ୍ଟ୍ କରିବାକୁ ଅନୁମତି ଦେଇପାରିବେ। ମୁଖ୍ୟ ବ୍ୟବହାରକାରୀ ପ୍ରତିମାସର ଖର୍ଚ୍ଚ ସୀମା ୧୫,୦୦୦ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରିପାରିବେ ଏବଂ ଅନୁମୋଦନର ମାନ୍ୟତାକାଳ ୧ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସେଟ୍ କରିପାରିବେ। ସେକଣ୍ଡାରୀ ବ୍ୟବହାରକାରୀ ଦ୍ୱାରା କରାଯାଇଥିବା ପ୍ରତିଟି ଲେନଦେନ ମୁଖ୍ୟ ବ୍ୟବହାରକାରୀଙ୍କୁ ପୂର୍ଣ୍ଣ ଦୃଶ୍ୟମାନ ହୋଇଥାଏ, ଯାହା ପ୍ରତିଦୃଶ୍ୟମାନତା ଏବଂ ସ୍ପଷ୍ଟ ଆଡିଟ୍ ଟ୍ରେଲ୍ ତିଆରି କରେ।

UPI Circle ସୁରକ୍ଷାକୁ କମ୍ପ୍ରୋମାଇଜ୍ କରାଯାଇବା ଛଡା ଅଧିକାରାନୁସାରଣକୁ ସମ୍ଭବ କରିବା ପାଇଁ ଡିଜାଇନ୍ କରାଯାଇଛି। ମୁଖ୍ୟ ବ୍ୟବହାରକାରୀ ପୂର୍ଣ୍ଣ ନିୟନ୍ତ୍ରଣ ରଖନ୍ତି, ଯେଉଁଠାରେ ସେ ଲେନଦେନ ଟ୍ରାକ୍ କରିପାରିବେ, ରେକର୍ଡ୍ ରିଭ୍ୟୁ କରିପାରିବେ, ଅନୁମତି ସମଯୋଜନ କରିପାରିବେ, ଏବଂ କେବେ ମନେ କରିଛନ୍ତି ସେକଣ୍ଡାରୀ ବ୍ୟବହାରକାରୀଙ୍କର ଆକ୍ସେସ୍ ଅନଲିଙ୍କ୍ କରିପାରିବେ। ଟଚଓ ଚଓଘ, ପାସୱାର୍ଡ୍ କିମ୍ବା ଡିଭାଇସ୍ ଆକ୍ସେସ୍ ସେୟାର କରିବା ପରମ୍ପରାଗତ ଅନଔପଚାରିକ ଉପାୟକୁ ବଦଳାଇ, ଟଚଓ ଉସକ୍ସମକ୍ଷର ସୁରକ୍ଷା ଝୁଞ୍ଜଟ କମାଇବା ସହିତ ପ୍ରତିଦିନର ସୁବିଧାକୁ ସମର୍ଥନ କରିଥାଏ।



# ଅଟୋରୁ ବ୍ୟାଟେରି ଚୋରି : ୨ ଗିରଫ

**କୁକୁଡାଖଣ୍ଡି,୨୪।୨ (ନି.ପ୍ର) :** ଏକ ଅଟୋରୁ ବ୍ୟାଟେରି ଚୋରି କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଭାବିନିପୁରର ରବି ଗୌଡ଼(୨୨) ଓ ସୁମନ ସେଠୀ(୧୮)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଚୋରି ହୋଇଥିବା ବ୍ୟାଟେରି ଜବତ କରିଛି । ସୂଚନାପ୍ରକାରେ, ଭାବିନୀପୁର ରାମକୃଷ୍ଣନଗରର ଚନ୍ଦନ କୁମାର ସାହୁ ୧୮ ତାରିଖ ରାତିରେ ନିଜ ଡାଲାଅଟୋକୁ ଘର ସମ୍ମୁଖରେ ପାର୍କ କରିଥିଲେ । ପରଦିନ ସକାଳେ ଉଠି ଦେଖିବା ବେଳେ ସେହି ଅଟୋର ବ୍ୟାଟେରି ଗାଏବ ରହିଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତ ରାତିରେ ଉକ୍ତ ଅଟୋକୁ ନିକଟକୁ ଯାଇ ବ୍ୟାଟେରିର ଲକ୍ ଭାଙ୍ଗି ଚୋରି କରି ନେଇ ଯାଇଥିବା ଜଣାପଡିଥିଲା । ସେହିକ୍ରମରେ ପୁଲିସ ଅଭିଯୁକ୍ତଙ୍କ ଘର ଭାବିନୀପୁରରେ ଚଢଉ କରିଥିଲା ।



ସେହି ସମସୟରେ ଅଭିଯୁକ୍ତଙ୍କୁ ଉକ୍ତ ଚୋରି ବ୍ୟାଟେରି ସହିତ କାବୁ କରାଯାଇଥିଲା । ଆଜି ୨ ଅଭିଯୁକ୍ତଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି ।

# ରାଜ୍ୟର ଅର୍ଥନୈତିକ ମୁଖଶାଳା ପାଲଟିଛି ପାରାଦୀପ : ଶିଳ୍ପମନ୍ତ୍ରୀ

**ପାରାଦୀପ , ୨୪।୨ (ନି.ପ୍ର):** ଜଗତସିଂହପୁର ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଏବଂ ପାରାଦ୍ୱୀପ ଠାରେ ସରକାରୀ ଇଂଜିନିୟରିଂ କଲେଜ ପ୍ରତିଷ୍ଠା କରିବା ନିମନ୍ତେ ଚଳିତ ବଜେଟ୍ ?ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କର୍ବି ସହିତ ଜଗତସିଂହପୁର ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ସାକାର କରିଥିବାରୁ ପାରାଦୀପ ଜୟଦେବ ଭବନ ଠାରେ ପାରାଦ୍ୱୀପବାସୀଙ୍କ ତରଫରୁ ଆୟୋଜିତ 'ଧନ୍ୟବାଦ ସଭା'ରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଲୋକଙ୍କ ସରକାର ଦୁଇ ବର୍ଷ ମଧ୍ୟରେ ଜଗତସିଂହପୁର ଜିଲ୍ଲାକୁ ମେଡିକାଲ୍ କଲେଜ୍, ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ, ପାରାଦ୍ୱୀପକୁ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା



ଆଦି ମିଳିବା ସହିତ ନାଫ୍ଟା କ୍ରାକର ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି । ଏହାସହିତ ପାରାଦୀପ କୁ ବିଶ୍ୱସ୍ତରୀୟ ପେଟ୍ରୋକେମିକାଲ୍ ହବ୍ ରେ ପରିଣତ କରିବା, ପଣ୍ୟ କାରବାରରେ ପାରାଦ୍ୱୀପ ଏକ ନମ୍ବର ବନ୍ଦର ର ମାନ୍ୟତା ପାଇଥିଲାବେଳେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ରେ ବେଶ ସହାୟକ ହୋଇ ଆସୁଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ସେହିପରି ବିକାଶ କ୍ଷେତ୍ରରେ ରାଉରକେଲା-ସମ୍ବଲପୁର-ପାରାଦପ-ଧାମରାକୁ ସଂଯୋଗ କରୁଥିବା ଏକ ଇଣ୍ଡଷ୍ଟ୍ରିଆଲ୍ କରିଡର୍ ନିର୍ମାଣ, ଭୁବନେଶ୍ୱର-କଟକ-ପୁରୀ - ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ୍ ଗଠନ, ଜଟାଧାର ମୁହାଣରେ ଜେଟି ସ୍ଥାପନ, ତିର୍ତ୍ତୋଲ ଠାରେ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା, ପାରାଦ୍ୱୀପରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଏମୋନିଆ ଆଦି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି, ଯାହା ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଜିଲ୍ଲାକୁ କେତେ ପ୍ରାଧାନ୍ୟ ଦେଉଛନ୍ତି ଏହା ଜ୍ୱଳନ୍ତ ଉଦାହରଣ । ଧନ୍ୟବାଦ ସଭାରେ ସମ୍ବର୍ଦ୍ଧନା ଜଣାଇଥିବାରୁ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପାରାଦ୍ୱୀପ ବନ୍ଦରର କର୍ମଚାରୀ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପାରାଦ୍ୱୀପବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଆହୁରି. ମଧ୍ୟ ଅର୍ଥନୈତିକ ବିକାଶ କ୍ଷେତ୍ରରେ ପୂର୍ବୋଦୟର ମୁଖଶାଳା ଭାବେ ପାରାଦ୍ୱୀପକୁ ପ୍ରାଧାନ୍ୟ ମିଳିଥିଲା ବେଳେ 'ବିକଶିତ ଜଗତସିଂହପୁର ଜିଲ୍ଲା' ଗଠନରେ ପାରାଦୀପ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲାବେଳେ ସମଗ୍ର ଜିଲ୍ଲାର ବିକାଶ ହେଲେ ଓଡ଼ିଶାର ବିକାଶ ହୋଇ ପାରିବ ବୋଲି ଦୃଢୋକ୍ତିର ସହ କହିଛନ୍ତି ।

# ବୃଦ୍ଧାଙ୍କୁ ବୃଦ୍ଧାଶ୍ରମରେ ଆଶ୍ରୟ ଦେଲେ ସମାଜସେବୀ ସ୍ନେହମୟୀ

**ପାରାଦୀପ, ୨୪।୨ (ନି.ପ୍ର):** ଆଜିର ସମାଜରେ ବାପା ମା ଙ୍କୁ ହତାଦର କରୁଥିବା ର ଅନେକ ନଜିର ରହିଛି। ପିଲାଟିକୁ ମଣିଷ କରିବାକୁ ଦୁଃଖକଷ୍ଟ କରି ନିଜ ସନ୍ତାନ କୁ ମଣିଷ କଲାପରେ ପିଲାମାନେ ବାପା, ମା ଙ୍କୁ ବୃଦ୍ଧାବସ୍ଥାରେ ହତାଦର କରିବା କାରଣରୁ ସେମାନଙ୍କ ଶେଷଆଶ୍ରା ଜରାଶ୍ରମ ପାଲଟିଥାଏ। ଅନେକ ଉଦାହରଣ ଥିଲେ ସୁଦ୍ଧା ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ପାରାଦୀପ ଗଡ଼ ଅଞ୍ଚଳରେ। ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସତୁରି ବର୍ଷ ରୁ ଉର୍ଦ୍ଧ ବୃଦ୍ଧା ମାଧବୀ ଦାସ ଙ୍କୁ ଉଦ୍ଧାର କରି ବୃଦ୍ଧାଶ୍ରମରେ ଛାଡିଛନ୍ତି ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ତଥା ଜଗତସିଂହପୁର ଜିଲ୍ଲା ର ମଦର ଟେରେସା ଙ୍କ ନାମରେ ବେଶ ପରିଚିତ ଥିବା ଚର୍ଚ୍ଚିତ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ। ପାରାଦୀପ ଗଡ଼ ଗ୍ରାମରେ



ରହୁଥିବା ସ୍ୱର୍ଗତଃ ଫକୀର ଦାସ ଙ୍କ ସତୁରି ବର୍ଷୀୟା ପତ୍ନୀ ମାଧବୀ ଦାସ ଝିଅ ବିବାହ ପରେ ପୁଅବୋହୁ ଙ୍କ ପାଖରେ ରହି ଆସୁଥିଲେ। ହେଲେ ପୁଅ ଦୈନନ୍ଦିନ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ପିଲା ମାନଙ୍କୁ ଗାଳିଗୁଲଜ କରିବା ସହିତ ବୃଦ୍ଧା ମା କୁ ମଧ ଛାଡୁ ନଥିଲେ। ଯାହା ଫଳରେ ପୁଅ ର ଅତ୍ୟାଚାର ସହି ନପାରି ମାଧବୀ ଘର ଛାଡି ଦୀର୍ଘଦିନ ହେବ ଏଣେତେଣେ ବୁଲୁଥିଲେ।

## ଖଣ୍ଡପଡ଼ା ସହରାଞ୍ଚଳରେ ଜବରଦଖଲ ଉଚ୍ଛେଦ ଘଟଣା

# ୧୫ ଦିନ ପରେ ମଧ୍ୟ କାମ ଆରମ୍ଭ ହେଲାନି

**ଖଣ୍ଡପଡ଼ା, ୨୪/୨ (ନିପ୍ର):** ରାସ୍ତା ପ୍ରଶସ୍ତୀକରଣ ଓ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଖଣ୍ଡପଡ଼ା ସହରାଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଗଲା। ୧୩ ନଂ ୱାର୍ଡ଼ ତ୍ରିନାଥ ଛକ ଠାରୁ ସୌମ୍ୟବିହାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶତାଧିକ ସାଧାରଣ ଲୋକ ଏବଂ ବ୍ୟବସାୟୀଙ୍କ ଦୋକାନ ଓ ବାସଗୃହକୁ ଘରକୁ ଭାଙ୍ଗି ଦିଆଗଲାୟ ମାତ୍ର ରାସ୍ତା ନବୀକରଣ କାର୍ଯ୍ୟ ଆରମ୍ଭ ହେଲାନାହିଁ। ଫଳରେ ଉଚ୍ଛେଦ ବର୍ଜ୍ୟ ପାହାଡ଼ ଭଳି ଗଦା ହୋଇ ରହିଛି। ଅନ୍ୟପକ୍ଷରେ ଭଙ୍ଗା ଇଟା, ପଥର ଗଦାରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି ସାଧାରଣ ଜନତା ଓ ପଥଚାରୀୟ ନବୀକରଣ କାମ ବିଳମ୍ବ ହେବା ଓ ବଜାରରୁ ଉଚ୍ଛେଦ ବର୍ଜ୍ୟ ନ ହଟିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି



ହୋଇଛି। ଜବରଦଖଲ ଉଚ୍ଛେଦ ପରେ ବହୁ ବର୍ଷ ଧରି ରାସ୍ତାକଡ଼ରେ ଦୋକାନ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ସ୍ଥାନୀୟ ଲୋକେ ବେରୋଜଗାର ହୋଇପଡ଼ିଛନ୍ତି। ଥଇଥାନ ପାଇଁ ସେମାନେ ତହସିଲଦାର ଓ ବିଧାୟକଙ୍କଠାରୁ ଆରମ୍ଭ କରି ଏନଏସି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ। ମାତ୍ର ଲୋକଙ୍କ କଥାକୁ କର୍ଣ୍ଣପାତ ନ କରି ସ୍ଥାନୀୟ ତହସିଲଦାର ଓ ଏନଏସି ନିର୍ବାହୀ ଅଧିକାରୀ ଗୋଟିଏ ଦିନ ମଧ୍ୟରେ ଲୋକଙ୍କ ଘର ଏବଂ ବାସଗୃହକୁ ମାଟିରେ ମିଶାଇ ଦେଇଥିଲେ। ଉଚ୍ଛେଦ ଟିମ୍ ଦୋକାନ ଓ ବାସଗୃହ ଭାଙ୍ଗି ଚାଲିଗଲା ପରେ ବର୍ଜ୍ୟ ସବୁ ରାସ୍ତା ପାର୍ଶ୍ୱରେ ଗଦା ହୋଇ ରହିଛି। ସ୍ଥାନେ ସ୍ଥାନେ ଗଦା ହୋଇରହିଥିବା ଭଙ୍ଗା ଇଟା, ପଥର, ଛଡ଼ ଓ କଂକ୍ରିଟ ସବୁ ଅଞ୍ଚଳକୁ ଏକପ୍ରକାର ମଶାଣି ଭଳି କରିଦେଇଛି।

ଲୋକେ ଭାବିଥିଲେ ଉଚ୍ଛେଦ ପରେପରେ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନ ତଥା ପାଇପ ବିଛା କାମ ଆରମ୍ଭ ହେବୟ ମାତ୍ର ୧୫ ଦିନ ବିତିଥିବା ବେଳେ ଏବେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବା ଆଳରେ ଭଣ୍ଡାଇଦିଅ। ଯାଉଥିବା ନେଇ ସାମାଜିକ ଗଣମାଧମରେ ପ୍ରତିବାଦ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ସବୁ ପରେ ମଧ ସହରବସିନ୍ଦାଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଆମେ ପଢ଼ିବା ଆମ ଭାଷାରେ କାର୍ଯ୍ୟକ୍ରମର ଶୁଭାରମ୍ଭ

**ରାୟଗଡ଼, ୨୪/୦୨ (ନି.ପ୍ର) :** ଓଡ଼ିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟସୂଚୀ 'ଆମେ ପଢ଼ିବା ଆମ ଭାଷାରେ' ଅଧୀନରେ ରାୟଗଡ଼ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅନୁସ୍ଥାପନା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛିୟ ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଶ୍ରୀ ଅଶୁତୋଷ୍ କୁଲକର୍ଣ୍ଣୀଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀମତୀ ମୀନତି ଦେଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ



ଦେବରାଜ ଟାକ୍ରୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଙ୍ଗନବାଡ଼ି କାର୍ଯ୍ୟକର୍ତ୍ତା, ଅଭିଭାବକ, ପଞ୍ଚାୟତିରାଜ ସଦସ୍ୟ, ସୁପରଭାଇଜର, ସିଡିପିଓ , ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ଜିଲ୍ଲା ଅଭ୍ୟନ୍ତରୁ ୬୦ ଜଣ ପକ୍ଷକାର ଅଂଶଗ୍ରହଣ କରିଥିଲେୟ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଅଶୁତୋଷ୍ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ତାଙ୍କ ମତରେ, ପ୍ରାରମ୍ଭିକ ଶିଶୁକାଳ ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ। ମାତୃଭାଷାରେ ଶିକ୍ଷଣ ଶିଶୁମାନଙ୍କୁ ଆତ୍ମବିଶ୍ୱାସ ନିର୍ମାଣ କରିବା ଏବଂ ମଜବୁତ ମୂଳଭୂତ ଶିକ୍ଷଣ ନିଶ୍ଚିତ କରିବାରେ ସାହାଯ୍ୟ କରେ। ଜିଲ୍ଲାପାଳ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ, ସମୁଦାୟ ଅଂଶଗ୍ରହଣ ଏବଂ ଫ୍ରଣ୍ଟଲାଇନ୍ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ସମ୍ପୃକ୍ତତାର ଗୁରୁତ୍ୱ ଉପରେ ଦୃଢ଼ତାର ସହିତ କହିଥିଲେ ଏବଂ ଅଭିଭାବକ ଓ ପଞ୍ଚାୟତିରାଜ ସଦସ୍ୟଙ୍କୁ ଶିଶୁସନ୍ନିଧି ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ଅଙ୍ଗନବାଡ଼ି କେନ୍ଦ୍ରକୁ ସମର୍ଥନ କରି ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଆଦିବାସୀ ଶିଶୁମାନଙ୍କ ପାଇଁ ମାତୃଭାଷା ଆଧାରିତ ପ୍ରାରମ୍ଭିକ ଶିକ୍ଷାକୁ ମଜବୁ କରିବାକୁ ଲକ୍ଷ୍ୟ ରହିଛି। ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଏହି 'ଆମେ ପଢ଼ିବା ଆମ ଭାଷାରେ' ଯୋଜନା ୩-୬ ବର୍ଷ ଶିଶୁମାନଙ୍କ ପାଇଁ ସ୍ଥାନୀୟ ଆଦିବାସୀ ଭାଷାରେ ନୂଆ। ଅରୁଣିମା ପାଠ୍ୟକ୍ରମ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ସହ ଯୋଡ଼ି ପ୍ରାରମ୍ଭିକ ଶିକ୍ଷଣକୁ ମଜବୁ କରିବାକୁ ଲକ୍ଷ୍ୟ ରହିଛି। ଏହା ଶିଶୁମାନଙ୍କୁ ବୁଝାଇବା କ୍ଷମତା, ଅଂଶଗ୍ରହଣ, ଆତ୍ମବିଶ୍ୱାସ ଏବଂ ବିଦ୍ୟାଳୟ ପ୍ରସ୍ତୁତିକୁ ବଢ଼ାଇବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଚୟନିତ ଅଙ୍ଗନବାଡ଼ି କେନ୍ଦ୍ରରେ କୁଭି ଭାଷାରେ ମାତୃଭାଷା ଆଧାରିତ କ୍ଲାସ୍ରୁମ୍ ବ୍ୟବହାରକୁ ମଜବୁ କରିବା, ଖେଳ ଆଧାରିତ ଶିକ୍ଷା, ପ୍ରାରମ୍ଭିକ ସାହିତ୍ୟ ଓ ସଂଖ୍ୟାବୋଧ ଏବଂ ସମୁଦାୟ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି । ଉକ୍ତ କାର୍ଯ୍ୟକ୍ରମ ପିରମଲ୍ ଫାଉଣ୍ଡେସନ୍ ଦଳର ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ, ୨୪।୨ (ନି.ପ୍ର) :** ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବଆଁରପାଳ ପଞ୍ଚାୟତ ସମିତି ସଭାଗୃହଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ସଦସ୍ୟ ଶ୍ରୀମତୀ ପ୍ରତିଭା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନ ଉତ୍ସବରେ ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରତ୍ୟୁଷ ପଣ୍ଡା, ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ସରୋଜ ଦେବତା , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୁପମା ପାଣି ଯୋଗ ଦେଇ ଲିଙ୍ଗଗତ ବୈଷମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜର ମତାମତ ପ୍ରଦାନ କରିଥିଲେ। ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ ଷ୍ଟପ୍ ସେଣ୍ଟର କର୍ମୀ, ଶକ୍ତି ସଦନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ୩୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲାୟ ବାଲ୍ୟ ବିବାହ ନିରାକରଣ ଟଘଓଉରରର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ମୁଖ୍ୟମନ୍ତ୍ରୀ କନ୍ୟାିହ ଯୋଜନା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ଶିକ୍ଷକ ଶିକ୍ଷୟତ୍ରୀ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ତୃତୀୟ ଲିଗରେ କଟକ ବାପୁଜୀ କ୍ଲବ ବିଜୟୀ

**ଖଣ୍ଡପଡ଼ା, ୨୪/୨ (ନି.ପ୍ର):** ଖଣ୍ଡପଡା ସହରାଞ୍ଚଳ ଅଧୀନ ମଧୁବନ କ୍ରିଡାଙ୍ଗନରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୁଲ୍ୟରେ



ଆୟୋଜିତ ତୃତୀୟ ଦିବସରେ ଖଣ୍ଡପଡ଼ା ସ୍ପୋର୍ଟ୍ସ ଆସୋସିଏସନ କୁ ୨ -୦ ଗୋଲରେ କଟକ ବାପୁଜୀ କ୍ଲବ ହରାଇବା ସହିତ ସେମିଫାଇନାଲ ରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ପ୍ରସନ୍ନ ନାୟକ ଖେଳକୁ ପରିଚାଳନା କରିଥିଲା ବେଳେ ସରୋଜ ମହାରଣା, ବିଦ୍ୟାଧର ନାୟକ ଲାଇନରେ ସହାୟତା କରିଥିଲେ ଏବଂ ଚତୁର୍ଥ ରେଫରୀ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା ଦାଇତ୍ୱ ତୁଲାଇଥିଲେ। ତୃତୀୟ ଦିବସରେ ଅତିଥି ଭାବେ ଭାପୁର ବ୍ଲକ ବିଡ଼ିଓ ଶାରଦା ପ୍ରସନ୍ନ ପଣ୍ଡା, ଖଣ୍ଡପଡ଼ା ରେଞ୍ଜର ଦିଲ୍ଲୀପ କୁମାର ପଟ୍ଟନାୟକ, ଡାକ୍ତର ପ୍ରଦୀପ୍ତ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସନ୍ତୋଷ କୁମାର ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ବୌଦ୍ଧ ରକି ସ୍ପୋର୍ଟିଂ ଏବଂ ଜଟଣୀ ଫ୍ରେଣ୍ଡ୍ସ ପାରାଡ଼ାଇଜ ମଧ୍ୟରେ ଚତୁର୍ଥ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଜନହିତରେ ଜିବନ ବୀମା ଉତ୍ପାଦ ସହଜଲଭ୍ୟ ଓ ଜନାଭିମୁଖୀ କରାଯିବ

**ବଲାଙ୍ଗିର,୨୪।୨ (ନି.ପ୍ର):** ଭାରତୀୟ ଜୀବନ ବୀମା ନିଗମ ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟ ବଲାଙ୍ଗିର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । ସ୍ଥାନୀୟ ଏକ ହୋଟେଲ ରେ ଅନୁଷ୍ଠିତ ଅଭିକର୍ତ୍ତାମାନଙ୍କ ଏକ ସମ୍ମିଳନୀରେ ଯୋଗଦାନ କରି ଜନସାଧାରଣଙ୍କୁ ଅଧିକରୁ ଅଧିକ ବିମାଭୁକ୍ତ କରିବା ସହିତ ଉତ୍ତମ ସେବା ପ୍ରଦାନ କରିବା ସହିତ ବିଶ୍ୱାସଭାଜନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ଉତ୍ତମ ବୀମା ବ୍ୟବସାୟ ସହିତ ପଲିସିଧାରକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଅଭିକର୍ତ୍ତାମାନଙ୍କୁ ସମ୍ମାନୀତ କରିଥିଲେ । ଅପରାହ୍ନରେ ଅଭିକର୍ତ୍ତା ସଂଗଠନ ପକ୍ଷରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଶ୍ରୀ ପଟ୍ଟନାୟକଙ୍କୁ ସ୍ଥାନୀୟ ଚନ୍ଦ୍ରଶେଖର ନଗର ସ୍ଥିତ ନିଗମର ଶାଖା କାର୍ଯ୍ୟାଳୟକୁ ପାଛୋଟି ଅଣାଯାଇଥିଲା । ସେଠାରେ ଗଣମାଧ୍ୟମର ପ୍ରମୁଖ ପ୍ରତିନିଧିମାନଙ୍କୁ ବିବୃତି ପ୍ରଦାନ କରି ଭାରତୀୟ ଜୀବନ ବୀମା ନିଗମ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ସହିତ ବିଶ୍ୱର ଅନ୍ୟତମ ବୃହତ ବୀମା କମ୍ପାନୀ ଭାବେ ସ୍ୱତନ୍ତ୍ର ପ୍ରତିଷ୍ଠା ଲାଭ କରିଥିବାରୁ ସମଗ୍ର ଦେଶବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମସ୍ତ ଜନସାଧାରଣଙ୍କୁ ବୀମା ସୁରକ୍ଷା ପରିସରକୁ ଆଣିବା ସହିତ ପରିପକ୍ୱତା ଓ ମୃତ୍ୟୁ ଦାବି ଜନିତ ଆର୍ଥିକ ରାଶି ପ୍ରଦାନ ଦିଗରେ ନିଗମର ଉଲ୍ଲେଖନୀୟ ଯୋଗଦାନ କୁ ଲୋକ ଲୋଚନକୁ ଆଣିବା ପାଇଁ ଗଣମାଧମ ପ୍ରତିନିଧିମାନଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ ଶିଳ୍ପ ବିହୀନ, ଅଣଜଳସେଚିତ ତଥା ଖଣିଖାଦାନ ନ ଥିବା ବଲାଙ୍ଗିର ଜିଲ୍ଲାରେ ନିଗମର ଶାଖା କାର୍ଯ୍ୟାଳୟ ବିଗତ ଆର୍ଥିକ ବର୍ଷରେ ଧାର୍ଯ୍ୟ ସପ୍ତସ୍ତମ୍ଭ ଲକ୍ଷ୍ୟ ହାସଲ କରି ସର୍ବ ଭାରତୀୟ ବିରଳ କୃତିତ୍ୱ ଲାଭ କରିଥିବା ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ ଅଭିକର୍ତ୍ତା, କର୍ମଚାରୀ ଓ ଅଧିକାରୀ ତଥା ସମସ୍ତ ପଲିସିଧାରକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶାଖା କାର୍ଯ୍ୟାଳୟ ଠାରେ ସମସ୍ତ ଅଧିକାରୀ, କର୍ମଚାରୀଙ୍କ ବୈଠକରେ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଶ୍ରୀ ପଟ୍ଟନାୟକଙ୍କ ସହିତ ସମ୍ବଲପୁର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ରବିନାରାୟଣ ପୁଜାରୀ, ବିପଣନ ପ୍ରବନ୍ଧକ ପ୍ରଭାତ କୁମାର ପୃଷ୍ଟି, ବିକ୍ରୟ ପ୍ରବନ୍ଧକ ଶୁଭେନ୍ଦୁ କୁଣ୍ଡୁ ପ୍ରମୁଖ ଗସ୍ତ କରିଥିବା ବେଳେ ବଲାଙ୍ଗିର ବରିଷ୍ଠ ଶାଖା ପ୍ରବନ୍ଧକ ସୁବ୍ରତ କୁମାର ପଣ୍ଡା, କର୍ମଚାରୀ ଓ ଅଭିକର୍ତ୍ତା ସମୂହ ଶ୍ରୀ ପଟ୍ଟନାୟକଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।




## ବିଲକୁ ଖସିଲା ଯାତ୍ରୀବାହୀ ଅଟୋ

# ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ଯାତ୍ରୀ



**କୁକୁଡାଖଣ୍ଡି ,୨୪/୨ (ନି.ପ୍ର) :** ସଦର ଥାନା ଅନ୍ତର୍ଗତ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ରାସ୍ତା ବାଳକୃଷ୍ଣପୁର ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ବିଲ ଭିତରକୁ ଖସିଲା। ଘଟଣାରେ ଡ୍ରାଇଭର ଓ ଅଟୋରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇ ଥିଲେ। ସ୍ଥାନୀୟ ସୂଚନା ଅନୁସାରେ, ଅଟୋ ଟି ଦିଗପହଣ୍ଡି ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବାଳକୃଷ୍ଣପୁର ଗ୍ରାମ ନିକଟରେ ହଠାତ୍ ଗାଡି ଟି ଭାରସାମ୍ୟ ହରାଇ ଥିଲେ। ଫଳରେ ଗାଡି ଟି ରାସ୍ତା ପାର୍ଶ୍ୱରେ ଥିବା ବିଲ ଭିତରକୁ ଖସି ପଡିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଦୁର୍ଘଟଣାରେ କେହି ମଧ କ୍ଷତିଗ୍ରସ୍ତ ହୋଇନଥିବା ଜଣାପଡିଛି। ସ୍ଥାନୀୟ ଲୋକମାନେ କହିଛନ୍ତି ଏହି ରାସ୍ତାରେ ପ୍ରାୟ ସମୟରେ ଏପରି ଦୁର୍ଘଟଣା ଘଟୁଛି କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା କହିଛନ୍ତି।

# ଆସନ୍ତା ୨୭ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ରାଉରକେଲାରେ ଜାତୀୟ ସ୍ତରୀୟ ସରସ ସ୍ୱଦେଶୀ ମେଳା

**ରାଉରକେଲା ୨୪/୨ (ନି.ପ୍ର):** ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସ (ଡଜଗଇଝ)ର ମିଳିତ ଆନୁକୁଲ୍ୟରେ ଚଳିତ ୨୦୨୬ ଫେବୃଆରୀ ୨୭ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ସେକ୍ଟର-୧୩ ମେଳନ ପଡ଼ିଆଠାରେ ଜାତୀୟ ସ୍ତରୀୟ ସରସ ସ୍ୱଦେଶୀ ମେଳା ଆୟୋଜିତ ହେବ ବୋଲି ଆଜି ମହାନଗର ନିଗମ ସଭାକକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ସମେତ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନାଃ ଦସ୍ତଗୀର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ପିଡି ଡିଆରଡିଏ ସୁରଞ୍ଜନ ସାହୁ, ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୀମା ଫାତିମା




ଏକ୍କା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଜାତୀୟ ସ୍ତରୀୟ ମେଳା ଆମ ଦେଶର କଳା, ସ୍ଥାପତ୍ୟ ଏବଂ ସଂସ୍କୃତିର ଏକ ପ୍ରତିଛବି ଭାବେ ପରିଚତ । ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ସ୍ୱୟଂ ସହାୟକ ଗୋଷ୍ଠୀ (ଝଏଚଏ) ଏବଂ ଉତ୍ପାଦକ ଗୋଷ୍ଠୀ (ଚଉ) ଅଂଶଗ୍ରହଣ କରିବେ । ଗ୍ରାମାଞ୍ଚଳର ଦକ୍ଷ କାରିଗରମାନଙ୍କ ପାଇଁ ନିଜର ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ, ବଜାର ଚାହିଦା ଆକଳନ ଏବଂ ସ୍ଥାବକମାନଙ୍କ ଭକ ସିଧାସଳଖ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବା ପାଇଁ ଏହା ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ମେଳାର ମୁଖ୍ୟ ଆକର୍ଷଣରେ ପ୍ରଦର୍ଶନୀରେ ପ୍ରାୟ ୩୮୦ରୁ ଅଧ ?କ ଷ୍ଟଲ୍ ସ୍ଥାପନ କରାଯିବ। ଏଥିସହିତ ଦେଶର ବିଭିନ୍ନ କୋଣରୁ ଆସିଥିବା ସ୍ୱତନ୍ତ୍ର ସାମଗ୍ରୀଗୁଡ଼ିକ ମଧ୍ୟରେ ରହିଛି ଉତ୍ତରପ୍ରଦେଶର ପେପର ମାସେ ଏବଂ ଲୁହା କାମ (Wrought Iron), ଆସାମ ଓ ତ୍ରିପୁରାର ବେତ ଏବଂ ବାଉଁଶ ପ୍ରସ୍ତୁତ ସାମଗ୍ରୀ, କାଶ୍ମୀରର ପଶମ (Woolen) ବସ୍ତ୍ର, ପଶ୍ଚିମବଙ୍ଗର ଝୋଟରୁ ପ୍ରସ୍ତୁତ ସାମଗ୍ରୀ, ଆନ୍ଧ୍ରପ୍ରଦେଶ ଓ କେରଳର ହସ୍ତତନ୍ତ, ଓଡ଼ିଶାର ଟେରାକୋଟା, ଜନଜାତି ଅଳଙ୍କାର, ଡୋକ୍ରା କାର୍ଯ୍ୟ, କେନ୍ଦୁଝରର ଫୁଲ ବଡ଼ି, ଶୁଖୁଆ ଓ ମସଲା ଇତ୍ୟାଦି।

ମେଳାର ଅନ୍ୟାନ୍ୟ ବିଶେଷ ଆକର୍ଷଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ବିଶିଷ୍ଟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଖାଦ୍ୟ ଷ୍ଟଲଗୁଡିକରେ ଓଡ଼ିଶାର ପାରମ୍ପରିକ ଏବଂ ସୁଆଦିଆ ଖାଦ୍ୟର ମଜ୍ଜା ନେଇପାରିବେ ଦର୍ଶକମାନେ।

ଏଥିସହିତ ମେଳାର ସରକାରୀ ଷ୍ଟଲଗୁଡିକରେ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜାଣିବା ପାଇଁ ସ୍ୱତନ୍ତ୍ର ସରକାରୀ ଷ୍ଟଲର ବ୍ୟବସ୍ଥା କରାଯାଇଛି। ସେଇଫି ପଏଣ୍ଟରେ ଯୁବପିଢ଼ି ଓ ପରିବାର ପାଇଁ ମନୋରମ ସେଲଫି ଜୋନର ବ୍ୟବସ୍ଥା ରହିଛି। ବ୍ୟବସାୟିକ ସମ୍ମିଳନୀରେ କାରିଗର ଏବଂ ବ୍ୟବସାୟୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ବିଜନେସ୍ ମିଟର ବନ୍ଦୋବସ୍ତ କରାଯାଇଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବନ୍ଥପଲ୍ଲୀରେ ବୋମା ମାଡ଼

## ଗ୍ରାମବାସୀ ଭୟଭିତ

**କୁକୁଡାଖଣ୍ଡି,୨୪।୨ (ନି.ପ୍ର) :** ଦିଗପହଣ୍ଡି ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ବନ୍ଥପଲ୍ଲୀ ଗ୍ରାମ ର ପ୍ରଶାନ୍ତ ଭୁଁୟା ଙ୍କ ଘର ଉପରକୁ ବୋମା ମାଡ଼ କରାଯାଇଛି। କିଛିଦିନ ର ନୀରବତା ପରେ ପୂର୍ବ ଶତ୍ରୁତା କୁ ନେଇ ଏହି ବୋମା ମାଡ଼ କରାଯାଇଥିବା ସୂଚନା ମିଳିଛି। ଫଳରେ ସମଗ୍ର ଗାଁ ଅଶାନ୍ତ ହୋଇପଡିଛି। ରବିବାର ବିଳମ୍ବିତ ରାତି ପ୍ରାୟ ୧ ଟାରେ କୌଣସି ଦୁର୍ବୃତ୍ତ ପ୍ରଶାନ୍ତ ଙ୍କ ଘର ଉପରକୁ ବୋମା ମାଡ଼ କରିଥିବା ଜଣାପଡିଛି। ବୋମା ବିସ୍ଫୋରଣ ରେ ପ୍ରଶାନ୍ତ ଙ୍କ ସ୍କୁଟି ଓ ସାଇକେଲ ସାମାନ୍ୟ କ୍ଷତି ହୋଇଥିବା ଜଣାପଡିଛି। ପ୍ରଶାନ୍ତ ହିଞ୍ଜିଳି କାଟୁ ଅଞ୍ଚଳର ଜଣେ ଠିକାଦାର ଙ୍କ ପାଖରେ ରହି କାର୍ଯ୍ୟର ତଦାରଖ କରୁଥିବା ବେଳେ କାହିଁକି କୌଣସି ଦୁର୍ବୃତ୍ତ ତାଙ୍କୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଏହି ବୋମା ମାଡ଼ କରିଛି ସେ ନେଇ କୌଣସି ସୂଚନା ମିଳିପାରିନାହିଁ। ଏନେଇ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଙ୍କୁ ପଚାରିବାରୁ ସୋମବାର ସନ୍ଧ୍ୟା ସୁଦ୍ଧା ଥାନାରେ ଏନେଇ କେହି ଏତଲା ଦେଇନଥିବା କହିଛନ୍ତି। ପୂର୍ବରୁ



ପ୍ରଶାନ୍ତ ଙ୍କ ଜଣେ ସମ୍ପର୍କୀୟ ଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପ୍ରଶାନ୍ତ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତ ବିଚାରାଧୀନ ଅନ୍ତେବାସୀ ଭାବେ ବ୍ରହ୍ମପୁର ଜେଲ ରେ ଥିବା ଜଣାପଡ଼ିଛି। ଏହି କାରଣ କୁ ନେଇ ବୋମା ମାଡ଼ କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ଆଇଆଇସି କହିଛନ୍ତି।

# ନିର୍ଦ୍ଧାରିତ ସମୟ ପୂର୍ବରୁ ୨୬୦ କୋଟି ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟ ହାସଲ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୪।୨(ନି.ପ୍ର.):ପୂର୍ବ ତଟ ରେଳପଥ ନିର୍ଦ୍ଧାରିତ ସମୟ ପୂର୍ବରୁ ରେଳବାଇ ବୋର୍ଡର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୨୦ ଫେବୃଆରୀ ୨୦୨୬ ସୁଦ୍ଧା, ପୂର୍ବତଟ ରେଳପଥ ମୋଟ ୨୬୦.୦୨ କୋଟି ସ୍କ୍ରାପ୍ ବିକ୍ରୟ କରି ରେକର୍ଡ କରିଛି, ଯାହା ୪୦ ଦିନ ପୂର୍ବରୁ ଏହି ଲକ୍ଷ୍ୟକୁ ଅତିକ୍ରମ କରିଛି।

ଏହା ୨୦୨୪-୨୫ ମସିହାର ସମାନ ସମୟରେ ଅର୍ଜିତ ୨୦୪.୫୫ କୋଟି ଟଙ୍କା ତୁଳନାରେ ୨୭.୧୨% ଅଧିକ। ଜୋନ୍‌ରେ ୧୯୦ଟି ନିଲାମ ତାରିଖ ସଫଳତାର ସହ ଆୟୋଜନ ଓ ସମନ୍ୱିତ ସାମୁହିକ ପ୍ରୟାସର ଫଳରୂପେ ଏହି ଉଲ୍ଲେଖନୀୟ ସଫଳତା ଲାଭ ହୋଇଛି।ଏହି ଉଲ୍ଲେଖନୀୟ ସଫଳତା, ସମ୍ପଦର ସଦବ୍ୟବହାର, ଆର୍ଥିକ ସଂଯମ ଏବଂ ସମ୍ପତ୍ତିର ଦକ୍ଷ ପରିଚାଳନା ପ୍ରତି ଏହି ଜୋନର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।





ସୁଚାରୁ ଯୋଜନା, ପାରଦର୍ଶୀ ଇ-ନିଲାମ ପ୍ରକ୍ରିୟା, ସ୍କ୍ରାପ୍ ସାମଗ୍ରୀର ବ୍ୟବସ୍ଥିତ ଚିହ୍ନଟ ଓ ପୃଥକୀକରଣ ଏବଂସମସ୍ତ ବିଭାଗ ଓ ମଣ୍ଡଳମାନଙ୍କର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ଲକ୍ଷ୍ୟ ଅର୍ଜନ କରାଯାଇଛି।

ଏହି ସଫଳତା ସମଗ୍ର ଜୋନ୍‌ରେ ସମନ୍ୱିତ ଦଳଗତ କାର୍ଯ୍ୟର ପ୍ରତିଫଳନ ଅଟେ । ଷ୍ଟୋର୍ସ ବିଭାଗ ଏହି ପଦକ୍ଷେପକୁ ସମର୍ପିତ ଏବଂ ସଠିକତାର ସହିତ ନେତୃତ୍ୱ ନେଇଥିଲା, ଯାହାକୁ ବିଭିନ୍ନ ଡିଭିଜନ ଏବଂ କ୍ଷେତ୍ର ୟୁନିଟ୍ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା। ପୁରୁଣା ସାମଗ୍ରୀର ବ୍ୟବସ୍ଥିତ ଅପସାରଣ ଏବଂ ଉନ୍ନତ ସ୍ଥାନ ପରିଚାଳନା ମାଧ୍ୟମରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ସ୍କ୍ରାପ୍ ନିଷ୍କାସନ ରାଜସ୍ୱକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ। ଏହା ପୁନଃ ପ୍ରକ୍ରିୟାକରଣ ଏବଂ ବୈଜ୍ଞାନିକ ନିଷ୍କାସନ ମାଧ୍ୟମରେ ପରିବେଶଗତ ଦାୟିତ୍ୱକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

ସମୟୋପଯୁକ୍ତ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳବାଇ ୨୦୧୩ ମସିହାରୁ ଏହାର ସମର୍ପିତ ଭାରତୀୟ ରେଳବାଇ ଇ-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ (ଓଜରଚଝ) ପୋର୍ଟାଲ୍ ମାଧ୍ୟମରେ ଇ-ନିଲାମ ପରିଚାଳନା କରୁଛି। ଏହି ପୋର୍ଟାଲରେ ୮୯୦୦ରୁ ଅଧିକ ପଞ୍ଜୀକୃତ ବିକ୍ରେତା ଥିବାରୁ ନିଲାମ ପ୍ରକ୍ରିୟା ସ୍ୱଚ୍ଛ, ପ୍ରତିଦ୍ୱନ୍ଦ୍ୱୀମୂଳକ ଓ କାର୍ଯ୍ୟକୁଶଳ ଭାବେ ସମ୍ପନ୍ନ ହେଉଛି। ଏହି ସଫଳତା ଭାରତୀୟ ରେଳବାଇର ବ୍ୟାପକ ଉଦ୍ଦେଶ୍ୟ ଏବଂ ଜାତୀୟ ଭିତ୍ତିଭୂମି ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳବାଇର ଉତ୍କର୍ଷତା ଏବଂ ସାମୁହିକ କାର୍ଯ୍ୟ ଦକ୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।



ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ଏକାଦଶାହ ଅବସରରେ ହଂସପାଳ ଠାରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ଲେଙ୍କାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧା ସୁମନ ଅର୍ପଣ

ଭୁବନେଶ୍ୱର,୨୪।୨: କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ କାନ୍ତକବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ଓଡିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

ଆଜି କାନ୍ତକବିଙ୍କ ଶ୍ରାଦ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପା ?ୀ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ-ବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, ସରକାରୀ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ଡା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାନ୍ତକବିଙ୍କ ସ୍ମୃତିଚାରଣ କରିଛନ୍ତି।

# ଚାଷୀ ସମାବେଶରେ ଗର୍ଜିଲେ ବିରୋଧୀ ଦଳ ନେତା ନବୀନ

ଭୁବନେଶ୍ୱର: ବିଜେଡିର ବିଶାଳ ଚାଷୀ ସମାବେଶରେ ଗର୍ଜିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଏ ସରକାର କରୁଛି କଣ ? ବିଜେପି ସରକାରର ଦୁଇ ବର୍ଷ ହେବାକୁ ଯାଉଛି । ନା ଠିକ ନିଷ୍ପତ୍ତି ନେଇ ପାରୁଛନ୍ତି ନା କିଛି କାର୍ଯ୍ୟକାରୀ କରୁଛନ୍ତି । ନିର୍ବାଚନ ସମୟରେ ବହୁତ ବଡ଼ ବଡ଼ କଥା କହି ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଉଥିଲେ । ହେଲେ କିଛି ମିଳିଲା ନାହିଁ । ବିଜେଡି ସରକାର ଚାଷୀଙ୍କ ପାଇଁ ବଜେଟ ଓ କାଳିଆ ଯୋଜନା କରିଥିଲେ। ଜଳ ସେଚନ ବ୍ୟବସ୍ଥା କରିଥିଲେ। ହେଲେ ଏହି ଡବଲ ଇଂଜିନ ସରକାର କରୁଛି କଣ ? ସାର ମିଳୁନି, ଧାନ କିଣୁନାହାନ୍ତି ସରକାର, କଟନୀ ଛଟଣି ହେଉଛି । ଅଭିଯୋଗ କଲେ, ଚାଷୀ ମିଛ କହୁଛନ୍ତି ବୋଲି ସରକାର କହୁଛନ୍ତି ।

ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିବାକୁ ଅନୁରୋଧ କରିଥିଲୁ । କଟନୀ ଛଟନି ବନ୍ଦ କରିବାକୁ କହିଥିଲୁ । ମିଲର ଓ ସରକାର ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଲିଛି । ୪୮ଘଣ୍ଟାରେ ଉଇଞ୍ଜ ମାଧ୍ୟମରେ ଚାଷୀଙ୍କୁ ଦିଆଯାଉ । ୭୨ ଘଣ୍ଟାରେ ଧାନ କିଣା ଯାଉ। ପ୍ରଚାର ପ୍ରସାରରେ ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଚାଷୀଙ୍କ ପାଇଁ କିଛି ନାହିଁ। ବିଧାନସଭାରେ ବିଜେଡି ଚାଷୀଙ୍କ ପାଇଁ ସ୍ୱର ଉଠାଉଛି ହେଲେ ସରକାରଙ୍କ ଚାଷୀ ପାଇଁ ଖାତିର ନାହିଁ । ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। କୌଣସି ସରକାରୀ ପରୀକ୍ଷା କରି ପାରୁନି ସରକାର। ରୋଜଗାର ନାହିଁ । ଖାଲି ଜୟ କିଷାନ କହୁଛନ୍ତି ହେଲେ ଚାଷୀ ପାଉଛି କଣ ? କଥା ନୁହେଁ କାମ ଦରକାର । ବିଜେଡି ଚାଷୀଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିବ । ବିଜେଡ଼ି ସରକାରଙ୍କ କୁମ୍ଭକର୍ଣ୍ଣ ନିଦ ହଜାଇ ଦେବ ବୋଲି ଚରମ ଚେତାବନୀ ଦେଇଛନ୍ତି ନବୀନ ପଟ୍ଟନାୟକ ।



# ଓଡ଼ିଶାରେ ସାହସିକ ପର୍ଯ୍ୟଟନର ନୂଆ ଅଧ୍ୟାୟ

ଝଭୁବନେଶ୍ୱର, ୨୪/୦୨/୨୦୨୬ଝ: ଓଡ଼ିଶା ହେବ ପୂର୍ବ ଭାରତର ପ୍ରମୁଖ ସାହସିକ ପର୍ଯ୍ୟଟନ କେନ୍ଦ୍ର । ମଙ୍ଗଳବାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଲୋକ ସେବା ଭବନରେ 'ଗୋ-ଆଡଭେଞ୍ଚର' ପୋର୍ଟାଲର ଶୁଭାରମ୍ଭ କରିବା ସହ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ ଏବଂ ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ।

ଏହି ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶାରେ ସାହସିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି । ଆଧ୍ୟାତ୍ମିକ ପର୍ଯ୍ୟଟନରେ ସୀମିତ ନରହି, ଏହାକୁ କିଭଳି ଅନୁଭୂତିଭିତ୍ତିକ ପର୍ଯ୍ୟଟନ ସହ ଯୋଡ଼ାଯାଇପାରିବ, ସେଥିପାଇଁ ସରକାର ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସାହସିକ ପର୍ଯ୍ୟଟନର ପ୍ରଚଳନ ଯୁବ ଉଦ୍ୟୋଗୀମାନଙ୍କୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରିବାକୁ ଆକର୍ଷିତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଓଡିଶାର ପର୍ଯ୍ୟଟନ ପରିଦୃଶ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ପାଇଁ ପର୍ଯ୍ୟଟନ, କ୍ରୀଡା ଏବଂ ଗୃହ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବାରୁ ସେ ଏହି ସହଯୋଗୀ ପ୍ରୟାସକୁ ପ୍ରଶଂସା କରିଛନ୍ତି । ଏଥିସହ, ଓଡିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗ ?




ତୋଳିବା ପାଇଁ ସେ ସମସ୍ତ ବିଭାଗକୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, 'ରାଜ୍ୟ ସରକାର ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ରଖି ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି" । ସଂପୃକ୍ତ ସମସ୍ତ ବିଭାଗ, ନିଜ ବିଭାଗ ସହିତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କଣ କରାଯାଇ ପାରିବ, ସେଥିପ୍ରତି ଧ୍ୟାନ ଦେବା ସହିତ ସାମୂହିକ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାହସିକ ପର୍ଯ୍ୟଟନ ସ୍ଥାନୀୟ ଅର୍ଥନୀତି ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଓଡ଼ିଶା ପର୍ଯ୍ୟଟନର ନୂଆ ଦିଗ ଉପସ୍ଥାପନ କରି ସେ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା' ମନ୍ତ୍ରକୁ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ ।

'ଗୋ-ଆଡଭେଞ୍ଚର' ପୋର୍ଟାଲ ସାହସିକ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ପଞ୍ଜିକରଣ, ଯାଞ୍ଚ ଏବଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସରଳ କରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ମତ ପ୍ରକାଶ କରିଛନ୍ତି ।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ ସହ ଚୁକ୍ତି ଦ୍ୱାରା ଟ୍ରେକିଂ ଏବଂ ରକ୍ କ୍ଲାଇମ୍ବିଂ ଭଳି ସ୍ଥଳଭାଗରେ କରାଯାଉଥିବା ସାହସିକ କାର୍ଯ୍ୟକଳାପର ସୁରକ୍ଷା ଯାଞ୍ଚ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଇପାରିବ । ଏରୋ କ୍ଲବ୍ ଅଫ୍ ଇଣ୍ଡିଆ (ଇଉଓ) ସହ ଭାଗିଦାରୀତା, ପାରାଗ୍ଲାଇଡିଂ ଏବଂ ପାରାମୋଟରିଂ ଭଳି ଆକାଶମାର୍ଗର ସାହସିକ କ୍ରୀଡ଼ାକୁ ନିୟମିତ କରିବା ସହ ଜାତୀୟ ବିମାନ ଚଳାଚଳ ସୁରକ୍ଷା ନିୟମ ଅନୁଯାୟୀ ଏହାର ସମ୍ପ୍ରସାରଣ କରାଯିବ।

ଏଥିସହ,ବ୍ୟବସାୟିକ ସୁଗମତାକୁ ଲକ୍ଷ୍ୟରେ ରଖି ଘରୋଇ ଅପରେଟରମାନଙ୍କୁ 'ଲାଇସେନ୍ସ ଟୁ ଅପରେଟ୍' ଏବଂ 'ରିକଗ୍ନିସନ ଟୁ ସେଟଅପ୍' ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ କେତେକ ସାହସିକ ପର୍ଯ୍ୟଟନ ଅପରେଟରଙ୍କୁ ଆନୁଷ୍ଠାନିକ ଭାବେ ଲାଇସେନ୍ସ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଏରୋ କ୍ଲବ୍ ଅଫ୍ ଇଣ୍ଡିଆର ସଭାପତି ଶ୍ରୀ ରାଜୀବ ପ୍ରତାପ ରୁଡି ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର୍ ସ୍ ?ର୍ଟସ୍ (ଘଉଡଝ) ଗୋଆରୁ ଡ. ପଵନ ଗୁପ୍ତା ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଅଗ୍ନିଶମ ଓ ଜରୁରୀକାଳୀନ ସେବାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଏହି ସମାରୋହରେ ଉପସ୍ଥିତ ଥିଲେ। ଏଥିସହିତ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ବଲଓ୍ୱନ୍ତ ସିଂହ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାହସିକ ପର୍ଯ୍ୟଟନ କ୍ଷେତ୍ରର ବୈଷୟିକ ସହଯୋଗ ପାଇଁ ଏରୋ କ୍ଲବ୍ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଅରବିନ୍ଦ ବଦୋନି ଏବଂ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନର ଅନରାରୀ ସମ୍ପାଦକ ଶ୍ରୀ କୀର୍ତ୍ତି ପାଇସା ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶା ପୋଲିସର ଆଇଜି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଶ୍ରୀ ଉମାଶଙ୍କର ଦାଶ ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଏବଂ ସାହସିକ ପର୍ଯ୍ୟଟନ ସଂଘର ସଦସ୍ୟ ଯୋଗ ଦେଇଥିଲେ ।

# ବଜେଟ୍ ଘୋଷଣା ପରେ ଆକ୍ସନ୍ ମୋଡରେ ମନ୍ତ୍ରୀ

ଭୁବନେଶ୍ୱର,୨୪।୨: ରାଜ୍ୟରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଚଳିତ ବଜେଟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ଏବଂ ୨ଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଛି। ଏହା ରାଜ୍ୟର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ମୁଖ୍ୟମନ୍ତ୍ରୀଙ୍କ ବଜେଟ୍ ଘୋଷଣା ପରେ ଆକ୍ସନ ମୋଡରେ ରହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀଙ୍କୁ ଚିଠି ଲେଖି ଏନେଇ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି।

ଚଳିତ ବଜେଟରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ପାରାଦୀପ ଏବଂ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ଉଭୟ ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଏହି ଦୁଇଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପ୍ରଶାସନିକ ଏବଂ ବିଧିବଦ୍ଧ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଏହା ଦ୍ୱାରା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ। ରାଜ୍ୟ ସରକାରଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଉଭୟ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ତେଣୁ ସମ୍ପୃକ୍ତ ବିଭାଗ ଏବଂ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ଜଗତସିଂହପୁର ଏବଂ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ। ସେହିପରି ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ମଧ୍ୟ ବଜେଟରେ ଘୋଷଣା କରାଯାଇଛି। ଏହା ଜିଲ୍ଲାରେ ଉଚ୍ଚଶିକ୍ଷାର ଭବିଷ୍ୟତକୁ ଏକ ନୂତନ ରୂପ ଦେବା ସହିତ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଓ ମାର୍ଗ ସୃଷ୍ଟି କରିବ, ଯାହା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।

# ପୂର୍ବତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ୍ ଟ୍ରେନକୁ ଆଧୁନିକ ଏଲଏଚ୍‌ବି କୋଚ୍ ସହିତ ଅପଗ୍ରେଡ୍ କରିବ

ଭୁବନେଶ୍ୱର,୨୪।୨: ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନର କୋଚ୍ ଗୁଡ଼ିକୁ ଆଧୁନିକ ଏଲଏଚ୍‌ବି (ଲିଙ୍କ ହଫମାନ ବୁଶ୍) କୋଚ୍‌ରେ ପରିବର୍ତ୍ତନ କରିବ।

୨୫ ଫେବୃଆରୀ ୨୦୨୬ ଠାରୁ ନିମ୍ନଲିଖିତ ଟ୍ରେନଗୁଡ଼ିକୁ ଏଲଏଚ୍‌ବି କୋଚ୍ ସହିତ ରୂପାନ୍ତରଣ କରାଯିବ:

ଝ ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍

ଝ ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍

କୋଚ୍ ସାରାଂଚନା :

୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ରେ ଏହି ପ୍ରକାରର କୋଚ୍ ସାରାଂଚନା ରହିବ:

ଝ ଗୋଟିଏ ସ୍ଲିପର୍ କ୍ଲାସ୍ (୩-ଟାୟାର, ନନ୍-ଏସି) କୋଚ୍

ଝ ଗୋଟିଏ ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍

ଝ ପାଞ୍ଚଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍



ଝ ଗୋଟିଏ ଗାର୍ଡ-କମ୍-ପାୱାର କାର୍ କୋଚ୍

ଝ ଗୋଟିଏ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗାର୍ଡ-କମ୍-ସେକେଣ୍ଡ କ୍ଲାସ୍ କୋଚ୍-

ସେହିଭଳି ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ରେ ଏହି ପ୍ରକାରର କୋଚ୍ ସାରାଂଚନା ରହିବ:

ଝ ଦୁଇଟି ଏସି ଚେୟାର କାର୍ କୋଚ୍

ଝ ଦୁଇଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ୍

ଝ ଆଠଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍

ଝ ଗୋଟିଏ ଗାର୍ଡ-କମ୍-ପାୱାର କାର୍ କୋଚ୍

ଝ ଗୋଟିଏ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍

ଏଲଏଚ୍‌ବି କୋଚ୍‌ଗୁଡ଼ିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ଯାତ୍ରା ସୁବିଧା, ଉନ୍ନତ ସସପେନସନ୍ ସିଷ୍ଟମ୍ ଏବଂ ଆକର୍ଷଣୀୟ ଡିଜାଇନ୍ ସହିତ ନିର୍ମିତ କରାଯାଇଛି। ଏହି କୋଚ୍‌ଗୁଡ଼ିକ ଦ୍ରୁତ ଗତିରେ ଅଧିକ ସ୍ଥିରତା ପ୍ରଦାନ କରିବା ସହିତ ଯାତ୍ରୀଙ୍କୁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ କରିଥାଏ ।

ଏହି ଅପଗ୍ରେଡେସନ୍ ପୂର୍ବ ତଟ ରେଳପଥର ଆଧୁନିକୀକରଣ ଏବଂ ସୁରକ୍ଷା ବୃଦ୍ଧି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଭାରତୀୟ ରେଳବାଇର ବ୍ୟାପକ ଦୃଷ୍ଟିକୋଣ ଅନୁରୂପ, ସମଗ୍ର ନେଟୱାର୍କରେ କ୍ରମଶଃ ପାରମ୍ପରିକ କୋଚ୍‌ଗୁଡ଼ିକୁ ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଏଲଏଚ୍‌ବି କୋଚ୍ ସହିତ ପରିବର୍ତ୍ତନ କରିବାର ଲକ୍ଷ୍ୟକୁ ସମର୍ଥନ କରେ।ଏହି ମାର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନେ ଉନ୍ନତ ସୁବିଧା, ଉଚ୍ଚତର ସୁରକ୍ଷା ମାନଦଣ୍ଡ ଓ ସମଗ୍ର ଯାତ୍ରା ଅନୁଭବରେ ଉଲ୍ଲେଖନୀୟ ସୁଧାରର ଲାଭ ଉଠାଇପାରିବେ।

# ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ସାପ କାମୁଡ଼ା ସମ୍ବନ୍ଧରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଜଗାଙ୍ଗପୁର,୨୪।୨: ରାଜଗାଙ୍ଗପୁର ପୈରପରିଷଦ ଚେୟାରମେନ ଶ୍ରୀମତି ମାଧୁରୀ ଲୁଗୁଣ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶେଷ କରି ଗ୍ରୀଷ୍ମ ଋତୁ ଓ ବର୍ଷା ଋତୁରେ ମାପ କାମୁଡ଼ା ଯୋଗୁ ଲୋକେ ସଚେତନ ଅଭାବରୁ ମୃତ୍ୟୁ ବରଣ କରୁଥିବା ସମ୍ବନ୍ଧରେ ପୈରପରିଷଦ ସଭାଗୃହରେ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ମାପ କାମୁଡ଼ା ପରେ କି ପ୍ରକାର ପଦକ୍ଷେପ ନେବାକୁ ସଚେତନ କରାଇଥିଲେ। ଏହି ଅବସରରେ ରାଜଗାଙ୍ଗପୁର ପୈରପରିଷଦ ବରିଷ୍ଠ ଅଧିକାରୀ କର୍ମଚାରୀ।ବଣ ବିଭାଗୀୟ ଅଧିକାରୀ। ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ,ଜଳ ଯୋଗାଣ ବିଭାଗ, ସରକାରୀ ପଶୁ ଡାକ୍ତର ଏବଂ ସମ୍ବନ୍ଧିତ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତିରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ପ୍ରତିକାର ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ